R.N.I. REGN. No. 65000/96 POSTAL REGN. No. OR/BN-32/12-14

ଊନତ୍ରିଂଶ ବର୍ଷ
ସଂଖ୍ୟା : ୩୨୦
ତିଥି : ପଞ୍ଚମୀ
୨୮ ଅଗଷ୍ଟ ୨୦୨୫, ଗୁରୁବାର
ସମ୍ବଲପୁର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Bhubaneswar | Balasore | Angul | Berhampur | Sambalpur



ନୂଆଁଖାଇ ଜୁହାର

## ଚାଷୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ ନୂଆଖାଇ ଭେଟି

# ଅନ୍ନଦାତାଙ୍କ ଉନ୍ନତି ବିନା ରାଜ୍ୟ ପ୍ରଗତି ଅସମ୍ଭବ : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୭ ।୮ (ସବ୍ୟୁ) : ନୂଆଁଖାଇ ଅବସରରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଦ୍ୱାରା ରବି ୨୦୨୫-୨୬ ପାଇଁ ସି ଏମ୍ କିଷାନ ସହାୟତା ରାଶି ପ୍ରଦାନର ରାଜ୍ୟସ୍ତରୀୟ ଉତ୍ସବ ଓୟୁଏଟି ଭୁବନେଶ୍ୱର ସ୍ଥିତ କୃଷି ଶିକ୍ଷା ସଦନଠାରେ ଆୟୋଜିତ ହୋଇଛି । ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସି ଏମ୍ କିଷାନ ସହାୟତାର ତୃତୀୟ କିସ୍ତି ରେ ୫୧ ଲକ୍ଷ ୫୪ ହଜାର ୧୧୫ ଜଣ କ୍ଷୁଦ୍ର, ନାମମାତ୍ର ଚାଷୀ, ଭୂମିହୀନ କୃଷକ ପରିବାର, ଅନୁକୂଳ ଜନଜାତି ସମୂହ ଓ ସହରାଞ୍ଚଳର କୃଷକଙ୍କୁ ଡି.ବି.ଟି ମାଧ୍ୟମରେ ମୋଟ ୧୦୪୧ କୋଟି ଟଙ୍କା ପ୍ରଦାନ କରିଛନ୍ତି ।



ଏହି ଅବସରରେ ମୁଖ୍ୟମନ୍ତ୍ରୀ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ରେ ପ୍ରାୟ ୫୯ କୋଟି ଟଙ୍କା ବ୍ୟୟରେ ଏକ 'କୃଷକ ଭବନ' ଏବଂ କୃଷି ଶିକ୍ଷା ସଦନର ଏକ 'ଅଭ୍ୟର୍ଥନା ଗୃହ' ଉଦଘାଟନ ମଧ୍ୟ କରିଛନ୍ତି ଏବଂ କୃଷକ ପଞ୍ଜୀକରଣ ଅବଧି ବୃଦ୍ଧି କରିବା ପାଇଁ ଖୁବ ଶୀଘ୍ର ଘୋଷଣା ହେବ ବୋଲି କହିଛନ୍ତି ।

କାର୍ଯ୍ୟକ୍ରମରେ ଅଭିଭାଷଣ ରଖି

### ୫୧ ଲକ୍ଷ ଚାଷୀଙ୍କ ଆକାଉଣ୍ଟକୁ ଗଲା ୧୦୪୧.୨୯ କୋଟି

ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଆମ ସରକାର ଆସିବା ମାତ୍ରେ ଚାଷୀ ମାନଙ୍କ ପ୍ରସଙ୍ଗକୁ ଗୁରୁତ୍ୱର ସହିତ ବିଚାରକୁ ନେଇଥିଲେ। ତେଣୁ, ତୁରନ୍ତ ପ୍ରଥମ କ୍ୟାବିନେଟରେ ନିର୍ବାଚନ ପ୍ରତିଶୃତି ମୁତବକ ସମୃଦ୍ଧ କୃଷକ (୯ ପୃଷ୍ଠାରେ)

## ଟ୍ରମ୍ପ ପ୍ରଶାସନ ପକ୍ଷରୁ ଭାରତରୁ ଆମେରିକା ରପ୍ତାନୀ ସାମଗ୍ରୀ ଉପରେ ୫୦% ଶୁଳ୍କ ଲାଗୁ

# କ୍ଷତି ହେବ ୬୦.୨ ବିଲିୟନ ଡଲାର

ନୂଆଦିଲ୍ଲୀ, ୨୭ ।୮ : ଭାରତରୁ ଆମେରିକାକୁ ରପ୍ତାନୀ ସାମଗ୍ରୀ ଉପରେ ୫୦% ଚଢ଼ା ଶୁଳ୍କ ଟ୍ରମ୍ପ ପ୍ରଶାସନ ଲଗାଇଛନ୍ତି । ଭାରତୀୟ ସମୟ ସକାଳ ୯.୩୧ରୁ ଏହା କାର୍ଯ୍ୟକାରୀ ହୋଇଛି । ଫଳରେ ଚିଙ୍ଗୁଡି, ମଣି ଏବଂ ଅଳଙ୍କାର, କପଡା-ପୋଷାକ, କାରପେଟ୍, ଚମଡା ଏବଂ ଯୋତା, କୃଷି ଏବଂ ପ୍ରକ୍ରିୟାକରଣ ଖାଦ୍ୟ ଉପରେ ଏହି ଶୁଳ୍କ ଲାଗିବ । ତେବେ ଇତି ମଧ୍ୟରେ ଆମେରିକାର ଟ୍ରେଜେରୀ ସଚିବ ସ୍କଟ୍ ବେସେଣ୍ଟ କହିଛନ୍ତି ଯେ ବର୍ତ୍ତମାନ ଉଭୟ ଦେଶ ମଧ୍ୟରେ ଅଡୁଆ ସ୍ଥିତି ରହିଛି । ତେବେ ମୋର ବିଶ୍ୱାସ ଯେ ଦୁଇ ଦେଶ ଶେଷ ବେଳକୁ ଏକାଠି ରହିବେ ।

ଅତିରିକ୍ତ ୨୫% ଶୁଳ୍କ ଟ୍ରମ୍ପ ପ୍ରଶାସନ ପକ୍ଷରୁ ଭାରତ ଋଷରୁ ତେଲ




କିଣୁଥିବାରୁ ଲାଗୁ କରାଯାଇଛି । ବର୍ତ୍ତମାନ ଶୁଳ୍କ ୫୦% ହୋଇଛି । ବେସେଣ୍ଟ କହିଛନ୍ତି ଯେ ନୂଆଦିଲ୍ଲୀ ପକ୍ଷରୁ ବୁଝାମଣା ପାଇଁ କୌଣସି ସକରାତ୍ମକ ପଦକ୍ଷେପ ନିଆଗଲା ନାହିଁ। ଦ୍ୱିପାକ୍ଷିକ କଥାବାର୍ତ୍ତାରେ ଅସହମତି ରହିଲା । ତେବେ ବୁଝାମଣା ଆରମ୍ଭ ହେବ ଏବଂ ଖୁବ୍ ଶୀଘ୍ର କିଛି ନିଷ୍ପତ୍ତି ହେବ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଟ୍ରମ୍ପଙ୍କ ମଧ୍ୟରେ ଭଲ ସମ୍ପର୍କ (୯ ପୃଷ୍ଠାରେ)

## ସୁବର୍ଣ୍ଣରେଖା ବନ୍ୟା ନେଲା ୪ ଜୀବନ

ଭୋଗରାଇ, ୨୭ ।୮ (ସବ୍ୟୁ): ଚଳିତ ଋତୁରେ ସୁବର୍ଣ୍ଣରେଖା ୪ ଜଣଙ୍କର ଜୀବନ ନେଲାଣି । ଏହି ନଦୀର ପ୍ରଥମ ବନ୍ୟାରେ ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକର ୧ ଜଣ ଯୁବକର ପ୍ରାଣ ଯାଇଥିବାବେଳେ ଭୋଗରାଇ ବ୍ଲକର ବୁଧବାର ସୁଦ୍ଧା ୩ ଜଣଙ୍କର ଜୀବନ ଗଲାଣି । ଏଥି ମଧ୍ୟରୁ ୩ ଜଣ ଯୁବକ ଥିବାବେଳେ ଅନ୍ୟଜଣେ ବୃଦ୍ଧ ଅଛନ୍ତି । ମଙ୍ଗଳବାର ସକାଳେ ଭୋଗରାଇ ବ୍ଲକ ନଦୀକୂଳିଆ ଗାଁ ଅଡଙ୍ଗପନ୍ତେଇ ଗ୍ରାମର ଜଣେ ଯୁବକଙ୍କୁ ମୃତାବସ୍ଥାରେ ଓଡ୍ରାଫ ଟିମ ଉଦ୍ଧାର କରିଥିବାବେଳେ ଉକ୍ତଗ୍ରାମର ବୈକୁଣ୍ଠ ମାଝୀ ନାମକ (୭୬) ବୃଦ୍ଧଙ୍କୁ ମଧ୍ୟ ରାତ୍ରିରେ ଘର ଲୋକେ ପାଣିରୁ ଅଚେତ ଅବସ୍ଥାରେ ଉଦ୍ଧାର କରି ଜଳେଶ୍ୱରପୁର ଡାକ୍ତରଖାନାକୁ ନେଇଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା (୯ ପୃଷ୍ଠାରେ)

## କଟକ ରେଳଷ୍ଟେସନ ପ୍ଲାଟଫର୍ମ ସେଡ୍ ଭୁଶୁଡିଲା

କଟକ, ୨୭। ୮ (ସବ୍ୟୁ) : କଟକ ରେଳଷ୍ଟେସନ ନବିକରଣ କାର୍ଯ୍ୟ ଚାଲିଥିବା ବେଳେ ଆଜି ଏକ ଅଘଟଣ ଘଟିଛି । ରେଳଷ୍ଟେସନର ଏକ ନମ୍ବର ପ୍ଲାଟଫର୍ମ ଉପରକୁ ଭଙ୍ଗାଯାଉଥିବା ଏକ ପୁରୁଣା କୋଠାର ବୃହତ୍ତ କାନ୍ଥ ହଠାତ ଗଳିପଡିଥିଲା । ଫଳରେ ପ୍ଲାଟଫର୍ମ ସେଡ୍ ଭାଙ୍ଗିପଡି ୧ନମ୍ବର ରେଳଧାରଣା ଉପରକୁ ଖସିପଡିଥିଲା । ଏହି ଦୁର୍ଘଟଣାରେ କୌଣସି ଧନଜୀବନ ହାନି ହୋଇନଥିବା ପୂର୍ବତଟ ରେଳବାଇ ପକ୍ଷରୁ କୁହାଯାଇଛି । (୯ ପୃଷ୍ଠାରେ)



## ଆଜି ପଶ୍ଚିମ ଓଡିଶାର ଗଣପର୍ବ ନୂଆଁଖାଇ

ସମ୍ବଲପୁର, ୨୭ ।୮ (ସବ୍ୟୁ): ରାତି ପାହିଲେ ପଶ୍ଚିମ ଓଡିଶାର ମହାନ୍ କୃଷିଭିତ୍ତିକ ପର୍ବ ନୂଆଁଖାଇ ପାଳିତ ହେବ। ଏଥିପାଇଁ ସମୟ ନିର୍ଘଣ୍ଟ ଧାର୍ଯ୍ୟ ହୋଇଛି। ଇଷ୍ଟଦେବୀ ମାଁ ସମଲେଶ୍ୱରୀଙ୍କ ଠାରେ ପୂର୍ବାହ୍ଣ ୧୦ଟା ୩୩ରୁ ୧୦ଟା ୫୫ ମିନିଟ୍ ମଧ୍ୟରେ ନୂଆଁ ଲାଗି ହେବ। ଏଥିପାଇଁ ବଲବସପୁରରୁ ନୂଆଁ ଧାନ ଆସିଥିବା ବେଳେ ବୁଧବାର ମାଁଙ୍କ ପାଇଁ ଭାର ଆସିଛି । ମାଁଙ୍କ ଠାରେ ନୂଆଁ ଲାଗି ପରେ ପ୍ରତି ପରିବାର ନୂଆଁ ଖାଇବେ। ଏହାପରେ ଜୁହାର ଭେଟ କାର୍ଯ୍ୟକ୍ରମ ରହିଛି । ସଂନ୍ଧ୍ୟାରେ ବିଭିନ୍ନ ପଡା ଓ ଅନୁଷ୍ଠାନ ପକ୍ଷରୁ ଭେଟଘାଟର କାର୍ଯ୍ୟକ୍ରମ ଆୟୋଜିତ ହେବ। ପଞ୍ଚବାଦ୍ୟରେ ଦୁଲୁକିବ ପଶ୍ଚିମଓଡିଶା । ସମ୍ବଲପୁରୀ ନାଚଗୀତ ଓ ବିବିଧ ପ୍ରତିଯୋଗିତାମାନ ରହିଛି। ଏହି ପାଇଁ ସମସ୍ତ ପ୍ରକାର ପ୍ରସ୍ତୁତି ଶେଷ ହୋଇଯାଇଛି ।

ପଶ୍ଚିମ ଓଡ଼ିଶାରେ ପ୍ରକୃତି ପୂଜାର ପରମ୍ପରା ମଧ୍ୟରେ ନୂଆଁଖାଇର ମହତ୍ୱ ଗୁରୁତ୍ୱ ବହନ କରି ଆସିଛି । ନୂଆଁ ଧାନର ଚାଉଳରୁ ପ୍ରସ୍ତୁତ ଅନ୍ନ ଓ ଅନ୍ୟାନ୍ୟ ଖାଦ୍ୟଦ୍ରବ୍ୟକୁ ସହର, ଗ୍ରାମ ଓ ଘର ଗୁଡିକରେ ଇଷ୍ଟ ଦେବାଦେବୀଙ୍କ ଠାରେ ଅର୍ପଣ କରାଯାଏ। ତାପରେ (୯ ପୃଷ୍ଠାରେ)

## ଆସନ୍ତା ୭ରେ ପୂର୍ବତନ ଉପମୁଖ୍ୟମନ୍ତ୍ରୀ ବସନ୍ତ ବିଶ୍ୱାଳଙ୍କ ୨୨ତମ ଶ୍ରାଦ୍ଧବାର୍ଷିକୀ

ଭୁବନେଶ୍ୱର, ୨୭ ।୮ (ସବ୍ୟୁ) : ରାଜ୍ୟସ୍ତରୀୟ କର୍ମବୀର ବସନ୍ତ ବିଶ୍ୱାଳ ସ୍ମୃତି କମିଟି ପକ୍ଷରୁ ସେପ୍ଟେମ୍ବର ୭ ତାରିଖ ସନ୍ଧ୍ୟା ୬ ଘଟିକାରେ ଜୟଦେବ ଭବନରେ

### ରାଜ୍ୟସ୍ତରୀୟ କର୍ମବୀର ବସନ୍ତ ବିଶ୍ୱାଳ ସ୍ମୃତି କମିଟି ପୁନର୍ଗଠିତ

ଓଡ଼ିଶାର ପୂର୍ବତନ ଉପମୁଖ୍ୟମନ୍ତ୍ରୀ, ନବଓଡ଼ିଶା ନିର୍ମାଣର ଅନ୍ୟତମ ବିନ୍ଧାଣୀ ତଥା ସୁନାମଧନ୍ୟ (୯ ପୃଷ୍ଠାରେ)



## ବୈଷ୍ଣୋଦେବୀ ଯାତ୍ରା ମାର୍ଗରେ ଭୂସ୍ଖଳନ : ୩୬ ମୃତ

ନୂଆଦିଲ୍ଲୀ, ୨୭ ।୮ : ଜମ୍ମୁ-କାଶ୍ମୀରରେ ପ୍ରକୃତିର ତାଣ୍ଡବ ଦେଖିବାକୁ ମିଳିଛି। ବୈଷ୍ଣୋଦେବୀ ଯାତ୍ରା ମାର୍ଗରେ ଭୂସ୍ଖଳନ ହେବା ଯୋଗୁ ପ୍ରାୟ ୩୬ ଲୋକଙ୍କର ଜୀବନ ହାନି ଘଟିଛି। ବହୁ ଲୋକ ମଧ୍ୟ ଆହତ ହୋଇଛନ୍ତି। ବୁଧବାର ମଧ୍ୟ ଜମ୍ମୁ-କାଶ୍ମୀରର ଅର୍ଦ୍ଧକୁମାରୀ ନିକଟରେ ବ୍ୟାପକ ବର୍ଷା ହୋଇଛି। ଉଦ୍ଧାରକାରୀ ଦଳ ସେଠାରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଜାରି ରଖିଛନ୍ତି । ତେବେ ଅଧିକାଂଶ ଲୋକ ଏବେ ଚାପିହୋଇ ରହିଥିବା ସନ୍ଦେହ କରାଯାଉଛି ।

ଜମ୍ମୁ-କାଶ୍ମୀରରେ ପ୍ରବଳ ବର୍ଷା ହୋଇଥିବାରୁ ଆକସ୍ମିକ ବନ୍ୟା ଓ ଭୂସ୍ଖଳନ ବିପଦ ବଢ଼ିଛି। ଜମ୍ମୁର ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମିଗୁଡ଼ିକର ବହୁ କ୍ଷତି ହୋଇଛି। ପୋଲ ଭାଙ୍ଗିଯିବା ସହ ବିଦ୍ୟୁତ୍ ସଂଯୋଗ ଓ ମୋବାଇଲ ଟାୱାରଗୁଡ଼ିକ ମଧ୍ୟ କ୍ଷତିଗ୍ରସ୍ତ ହୋଇଛି। ପ୍ରାୟ ୩୫୦୦ ବାସିନ୍ଦାଙ୍କୁ ସ୍ଥାନାନ୍ତର କରାଯାଇଛି। ଜମ୍ମୁରେ ଗତ ୨୪ ଘଣ୍ଟାରେ ୨୯୬ ମିମି ବର୍ଷା ରେକର୍ଡ କରାଯାଇଛି। ୧୯୭୩ ଅଗଷ୍ଟ ୯ରେ ଏଠାରେ ସର୍ବାଧିକ ବର୍ଷା ପରିମାଣ ୨୭୨.୬% ଥିଲା। ଏହି ରେକର୍ଡ ଏବେ ଭାଙ୍ଗିଛି। ଉଦ୍ଧାର ଓ ରିଲିଫ କାର୍ଯ୍ୟରେ ଜିଲ୍ଲା ପ୍ରଶାସନ, ଜମ୍ମୁ-କାଶ୍ମୀର ପୋଲିସ, ଏନ୍‌ଡିଆର୍‌ଏଫ୍, ଏସ୍‌ଡିଆରଏଫ୍, ଭାରତୀୟ ସେନା ଓ ସ୍ଥାନୀୟ ସ୍ୱେଚ୍ଛାସେବୀ ସାମିଲ ହୋଇଛନ୍ତି। ଦକ୍ଷିଣ କାଶ୍ମୀରରେ ଝେଲମ ନଦୀରେ ବନ୍ୟା ସତର୍କତା ଜାରି କରାଯାଇଛି। ଜମ୍ମୁ ଓ ସାମ୍ବାରେ ୨୦ ରୁ ୩୦ଟି ତଳିଆ ଅଞ୍ଚଳରେ (୯ ପୃଷ୍ଠାରେ)

## ଗଣେଶ ପୂଜାରେ ଶିକ୍ଷକ ଓ ଛାତ୍ରଙ୍କ ମୃତ୍ୟୁ

ଢେଙ୍କିକୋଟ/ନୀଳଗିରି, ୨୭ ।୮ (ସବ୍ୟୁ): ବୁଧବାର ପିବତ୍ର ଗଣେଶ ପୂଜା ଅବସରରେ ପୃଥକ ସ୍ଥାନରେ ଅଘଟଣ ଘଟି ଜଣେ ଶିକ୍ଷକ ଓ ଜଣେ ଛାତ୍ରଙ୍କ ମୃତ୍ୟୁ ଘଟିଛି । କେନ୍ଦୁଝର ଜିଲ୍ଲା ତେଲକୋଇ ବ୍ଲକ ସଲେଇକେନା ସରକାରୀ ଉଚ୍ଚ ପ୍ରାଥମିକ (୯ ପୃଷ୍ଠାରେ)

DADLS- 47



॥ ନୂଆଁଖାଇ-୨୦୨୫ ଅବସରରେ ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା ॥

ସୁଖ, ଶାନ୍ତି, ମୈତ୍ରୀ ଓ ଆନନ୍ଦର ପବିତ୍ର ପରମ୍ପରା ଓ ପର୍ବ 'ନୂଆଁଖାଇ' ପାଳନ ଅବସରରେ ମୁଁ ରାଜ୍ୟବାସୀଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି । ଏହା ଏକ କୃଷିଭିତ୍ତିକ ପର୍ବ । ଏହି ପରିପ୍ରେକ୍ଷୀରେ ମୁଁ ରାଜ୍ୟର କୃଷକ ଭାଇଭଉଣୀମାନଙ୍କର ସୁଖ ଓ ସମୃଦ୍ଧି କାମନା କରିବା ସହ କୃଷିକ୍ଷେତ୍ରରେ ଓଡ଼ିଶାକୁ ଏକ ଅଗ୍ରଣୀ ଓ ପ୍ରଗତିଶୀଳ ରାଜ୍ୟରେ ପରିଣତ କରିବାକୁ ଆହ୍ୱାନ ଜଣାଉଛି ।

(ହରି ବାବୁ କମ୍ଭମ୍ପାଟି)



ନୂଆଁଖାଇ ଜୁହାର୍
ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

ନୂଆଁଖାଇ ତିହାର୍ ଉଧେ ସମ୍‌କୁ ମୋର୍ ଅଭିନନ୍ଦନ୍ ଆର୍ ଜୁହାର୍ ।

ନୂଆଁ ଧାନ୍ କେ ନିଜର୍ ଇଷ୍ଟ ଦେବାଦେବୀଙ୍କୁ ସମର୍ପିକରି ସଭେ ମିଶିକରି ନୂଆଁ ଖାଏବାର୍ ପରମ୍ପରା ''ନୂଆଁଖାଇ ତିହାର୍'' ହେଉଛେ ଆମର୍ ସଂସ୍କୃତି, ସମୃଦ୍ଧି ଆର୍ ଏକତାର୍ ପ୍ରତୀକ୍ ।

ନୂଆଁ ଆଶା ନେଇକରି ଆସିଥିବାର୍ ଇ ତିହାର୍ ସମକର୍ ଜୀବନଥି ସୁଖ, ଶାନ୍ତି ଆର୍ ସମୃଦ୍ଧି ଭରିଦେଉ, ଇଟା ହିଁ ମୁଇଁ ମାଁ ସମଲେଇଙ୍କର ପାହାତଲେ ଗୁହାରି କରୁଛେଁ ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR: 15001/13/0977/2526



# ନବାନ୍ନ ଓ ନାରୀ ଚେତନା

## ନୂଆଁଖାଇ ଜୁହାର





ଅନ୍ନ ହେଉଛି ସ୍ୱୟଂ ବ୍ରହ୍ମ । ଶ୍ରୀମଦ୍ ଗୀତାରେ ଶ୍ରୀକୃଷ୍ଣ ମଧ୍ୟ ଅର୍ଜୁନଙ୍କୁ କର୍ମଯୋଗରେ ସବିଶେଷ ଭାବରେ ଅନ୍ନ ବିଷୟରେ ବ୍ୟାଖ୍ୟାନ କରିଛନ୍ତି । ଓଡ଼ିଶାପରି କୃଷିପ୍ରଧାନ ରାଜ୍ୟରେ ନୂଆଁଖାଇ ବା ନବାନ୍ନର ଯଥେଷ୍ଟ ଗୁରୁତ୍ୱ ରହିଛି । କେବଳ ପଶ୍ଚିମ ଓଡ଼ିଶାରେ ଏହା ବିଶେଷ ଭାବେ ପାଳିତ ହେଉଥିଲେ ମଧ୍ୟ ସଂପ୍ରତି ଏହା ରାଜ୍ୟର ବିଭିନ୍ନ ଜିଲ୍ଲାରେ ଭକ୍ତିପୂତ ପରିବେଶରେ ଅନୁଷ୍ଠିତ ହେଉଛି । କେବଳ ସେତିକି ନୁହଁ ରାଜ୍ୟ ବାହାରେ ମଧ୍ୟ ପ୍ରବାସୀ ଓଡ଼ିଆମାନେ ଏହାକୁ ଆନନ୍ଦର ସହ ପାଳନ କରୁଛନ୍ତି । ଶସ୍ୟପୂଜା ହେଉଛି ନବାନ୍ନର ମୂଳଭିତ୍ତି । ଅନ୍ନ ବା ଖାଦ୍ୟ ହେଉଛି ଈଶ୍ୱର । ଜୀବନର ପ୍ରତିଟି ପର୍ଯ୍ୟାୟରେ ଏହାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଓଡ଼ିଆର ଚିନ୍ତା ଓ ଚେତନାରେ ନବାନ୍ନ ବା ନୂଆଁଖାଇର ଭୂମିକା ଯେତିକି ଗୁରୁତ୍ୱପୂର୍ଣ୍ଣ ତତୋଧିକ ଆଧ୍ୟାତ୍ମିକ ଭାବଧାରାରେ ପରିପୂର୍ଣ୍ଣ । ପଶ୍ଚିମ ଓଡ଼ିଶାରେ ସ୍ୱତନ୍ତ୍ର ରୀତିନୀତିରେ ପାଳିତ ହେଉଥିବା ନୂଆଁଖାଇରେ ସ୍ୱତନ୍ତ୍ରତା ରହିଛି । ନୂଆଁଖାଇ ସମଗ୍ର ପଶ୍ଚିମାଞ୍ଚଳ ପାଇଁ ମହାପାର୍ବଣ କହିଲେ ଅତ୍ୟୁକ୍ତି ହେବନାହିଁ । ନବାନ୍ନର ମୁହୂର୍ତ୍ତ ନିର୍ଣ୍ଣୟ କରିବାର ପଦ୍ଧତି ମଧ୍ୟ ପ୍ରାଚୀନ ଓ ପରମ୍ପରାରେ ପରିପୂର୍ଣ୍ଣ । ନବାନ୍ନର ଯଥେଷ୍ଟ ପୂର୍ବରୁ ନୂତନ ଧାନ ସଂଗ୍ରହ କରାଯାଇ ପ୍ରସ୍ତୁତି ପର୍ବ ଆରମ୍ଭ ହୋଇଥାଏ । ପରିବାରର ବୋହୂମାନେ ସ୍ନାନକର୍ମ ଶେଷକରି ପୂଜାସ୍ଥାନ ଓ ଘରର ପ୍ରତିଟି କ୍ଷେତ୍ରକୁ ପରିଷ୍କାର କରିଥାନ୍ତି । ପରିବାରର ଆର୍ଥିକ ସ୍ଥିତିକୁ ଦେଖି ମହିଳାମାନେ ପିଠାପଣା, କ୍ଷୀରି ଓ ଖେଚୁଡ଼ି ସହ ପୂଜା ସାମଗ୍ରୀ ତିଆରି କରିଥାନ୍ତି । ନବାନ୍ନ ପ୍ରସ୍ତୁତିରେ ମହିଳାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ । ନବାନ୍ନ ପୂଜା ସମୟରେ ସର୍ବପ୍ରଥମେ ଘରର ଇଷ୍ଟଦେବ ବା ଦେବୀଙ୍କ ସହ ମହାଲକ୍ଷ୍ମୀଙ୍କୁ ପୂଜା କରାଯାଏ । ପୂଜାଘରେ ସମସ୍ତେ ପ୍ରସାଦ ସେବନ କରି ନିଜ ଭିତରେ ପ୍ରେମର ଫଲ୍‌ଗୁକୁ ସମସ୍ତଙ୍କ ପାଖରେ ବିତରଣ ପାଇଁ ସଂକଳ୍ପବଦ୍ଧ ହୁଅନ୍ତି । ପ୍ରସାଦ ସେବନ ପରେ ଘରେ ଇଷ୍ଟଦେବୀଙ୍କୁ ଦର୍ଶନ କରି କନିଷ୍ଠମାନେ ପରିବାରର ବରିଷ୍ଠ ଓ ବୟୋଜ୍ୟେଷ୍ଠମାନଙ୍କୁ ଭୂମିଷ୍ଠ ପ୍ରଣାମ କରିଥାନ୍ତି । ଅଥର୍ବ ବେଦର ତଥ୍ୟ ଅନୁଯାୟୀ ଭାଇ ଭାଇ ଭିତରେ ଦ୍ୱେଷ ନରହୁ, ଭଉଣୀ ଭଉଣୀକୁ ଘୃଣା ନକରି ସ୍ନେହ କରୁ । ସମସ୍ତଙ୍କ ଭିତରେ ସଦ୍ ଜ୍ଞାନ ଜାତ ହେଉ, ସମସ୍ତେ ନିର୍ମଳ ଚିତ୍ତ ହୋଇ ଜଳ ଓ ଅନ୍ନର ସାମଗ୍ରୀ ସମାନ ହେଉ । ନବାନ୍ନର ଏହି ମହାନ୍ ସାଂସ୍କୃତିକ ବାଣୀ ଅଥର୍ବବେଦର ଭାଷାରେ 'ମା ଭ୍ରାତା ଭ୍ରାତରଂ ଦ୍ୱିଷନ୍, ମୋ ସ୍ୱସାରମୁତ ସ୍ୱସା ।' ପାରିବାରିକ କ୍ଷେତ୍ରରେ ସୌହାର୍ଦ୍ଦ୍ୟ ସଂହତି ସ୍ଥାପନ ଓ ସାମାଜିକ କ୍ଷେତ୍ରରେ ମାତୃସମାଜର ମହନୀୟତା ପରିସ୍ଫୁଟିତ ହୋଇଥାଏ । ନବାନ୍ନ ପ୍ରସ୍ତୁତି ଠାରୁ ଶେଷ ପର୍ଯ୍ୟାୟ ପର୍ଯ୍ୟନ୍ତ ସବୁଠି ମହିଳାଙ୍କ ଭୂମିକା ରହିଛି । ନବାନ୍ନ ପରମ୍ପରାରେ ନାରୀ ସମାଜର ସେବା, ଭଲ ପାଇବା ଓ ଆଦର୍ଶର ପରାକାଷ୍ଠା ସମସ୍ତଙ୍କ ପାଇଁ ଆଦର୍ଶଣୀୟ ହୋଇପାରିଥାଏ । ଅନ୍ନ ପ୍ରସ୍ତୁତି ଠାରୁ ସଂସାର ପରିଚାଳନାରେ ନାରୀର ଭୂମିକା ନିହିତ । ପରିବାରର ସମସ୍ତ ଦାୟିତ୍ୱ ନିର୍ବାହ କରୁଥିବା ମହିଳାମାନେ ନବାନ୍ନରେ ନିଜର ଦାୟିତ୍ୱବୋଧକୁ ସୁଚାରୁରୂପେ ସମ୍ପାଦିତ କରିଥାନ୍ତି । ଘରର ବୟୋଜ୍ୟେଷ୍ଠଙ୍କ ଠାରୁ କନିଷ୍ଠ ପିଲାଙ୍କ ପାଇଁ ଘରର ମହିଳା ମାନଙ୍କ ଭୂମିକା ବାସ୍ତବିକ ଗୁରୁତ୍ୱପୂର୍ଣ୍ଣ ।






ଡ଼ଃ. ଅରୁନ୍ଧତୀ ଦେବୀ
ମୋ : ୯୯୩୭୧୭୨୮୧୦

## ବିଶ୍ୱର ସବୁଠାରୁ ବଡ ଗଣେଶ ଷ୍ଟାଚ୍ୟୁ



ଭାରତରେ ଗଣେଶ ଚତୁର୍ଥୀକୁ ଖୁବ ଧୁମଧାମରେ ପାଳନ କରାଯାଇଥାଏ । ପ୍ରତ୍ୟେକ ରାଜ୍ୟରେ ଏହି ପୂଜାକୁ ଶ୍ରଦ୍ଧାଳୁମାନେ ଖୁବ ଶ୍ରଦ୍ଧାର ସହିତ ପାଳନ କରନ୍ତି । ଭାରତର ଅନେକ ସ୍ଥାନରେ ଗଣେଶଙ୍କ ବଡବଡ ମୂର୍ତ୍ତି ମଧ ରହିଥିବାର ଦେଖିବାକୁ ମିଳିଥାଏ । ହେଲେ ସୂଚନାଅନୁସାରେ ବିଶ୍ୱର ସବୁଠାରୁ ବଡ ଗଣେଶ ଷ୍ଟାଚ୍ୟୁ କିନ୍ତୁ ଭାରତ ନୁହେଁ ବରଂ ବିଦେଶରେ ରହିଛି । ଥାଇଲାଣ୍ଡରେ ରହିଛି ସବୁଠାରୁ ବଡ ଗଣେଶଙ୍କ ଷ୍ଟାଚ୍ୟୁ ଯାହାର ଲମ୍ବ ରହିଛି ୩୯ ମିଟର ଲମ୍ବା ଏହି ମୂର୍ତ୍ତିଙ୍କୁ ବ୍ରୋଞ୍ଜରୁ ନିର୍ମାଣ କରାଯାଇଛି । ଏହା ସେଠିକାର ଏକ ପରିଚିତ ଦର୍ଶନୀୟସ୍ଥାନ, ପ୍ରତିଦିନ ଏଠାରେ ଅନେକ ଲୋକଙ୍କର ଭିଡ ଜମିଥାଏ । ଏହି ମୂର୍ତ୍ତିକୁ ଖୋଲେଙ୍ଗ ଖୁଏନ୍ ଗଣେଶ ଇଣ୍ଟରନ୍ୟାସନାଲ ପାର୍କରେ ୨୦୧୨ରେ ପ୍ରତିଷ୍ଠା କରାଯାଇଥିଲା । ଏହାକୁ ପାଖାପାଖି ୮୫୪ଟି ବ୍ରୋଞ୍ଜ ଖଣ୍ଡରୁ ପ୍ରସ୍ତୁତ କରାଯାଇଛି ।

## ଉପକାରୀ ଭିଟାମିନ୍ କେ




ଏକ ସୁସ୍ଥ ଜୀବନ ପାଇଁ ଖାଦ୍ୟ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହୋଇଥାଏ । ଆମ ଖାଦ୍ୟରେ ଯେତେ ପରିମାଣରେ ପୋଷକ ତତ୍ୱ ରହିବ ଆମେ ସେତେ ସୁସ୍ଥ ରହିବା । ତେବେ ଆମ ଖାଦ୍ୟରେ ଅନେକ ପ୍ରକାରର ତତ୍ୱ ସହିତ ଭିଟାମିନ୍ କେ ରହିବା ନିହାତି ଆବଶ୍ୟକ । ଏହା ଆମକୁ ଅନେକ ରୋଗରୁ ଦୂରରେ ରଖିଥାଏ । ତେଣୁ ପ୍ରତିଦିନ ନିଜ ଖାଦ୍ୟରେ ଭିଟାମିନ କେ ସାମିଲ କରନ୍ତୁ । ଏହା ବିଭିନ୍ନ ପ୍ରକାର ଖାଦ୍ୟରେ ଅଧିକ ପରିମାଣରେ ରହିଥାଏ । ଯେପରି ଏହା ସବୁଠାରୁ ଅଧିକ ପାଳଙ୍ଗ ଶାଗରେ ଥାଏ । ପାଳଙ୍ଗ ଶାଗ ଖାଇବା ଦ୍ୱାରା ଆମକୁ ଭରପୂର ମାତ୍ରାରେ ଭିଟାମିନ କେ ପ୍ରାପ୍ତ ହୋଇପାରିବ । ସେହିଭଳି ବ୍ରୋକଲି, କ୍ୱି, ଆଭାକାଡୋ, ଅଙ୍ଗୁର, ବ୍ଲୁ ବେରି, ଚିଜ୍, ସୋୟାବିନ୍, ଚିକେନ ବ୍ରେଷ୍ଟ ଆଦିରେ ଭିଟାମିନ୍ କେ ଭରପୂର ମାତ୍ରାରେ ରହିଥାଏ । ଯାହାକୁ ପ୍ରତିଦିନ ମିଲ୍‌ରେ ସାମିଲ କରିବା ଫଳରେ ଆମେ ଭିଟାମିନ କେ ଅଧିକ ପରିମାଣରେ ପାଇ ପାରିବା । ତେଣୁ ପ୍ରତିଦିନ ଖାଦ୍ୟରେ ସବୁ ପୋଷକ ତତ୍ୱ ଭିତରେ ଭିଟାମିନ୍ କେକୁ ସାମିଲ କରି ବିଭିନ୍ନ ରୋଗରୁ ଦୂରେଇ ରୁହନ୍ତୁ ।

## ନୂଆ ଚଳଚ୍ଚିତ୍ର ପାଇଁ ଉତ୍ସାହିତ



ଅଭିନେତ୍ରୀ ଅନିତ ପଡ୍ଡା ବର୍ତ୍ତମାନ ନ୍ୟାସନାଲ କ୍ରସ ଭାବେ ନୂଆ ପରିଚୟ ପାଇଛନ୍ତି । ନିଜର ଡେବ୍ୟୁ ଫିଲ୍ମ ସୈୟାରାରେ ଖୁବ ନେମ୍ ଓ ଫେମ୍ କମାଇଛନ୍ତି ଅନିତ । ତେବେ ବର୍ତ୍ତମାନ ଅନିତଙ୍କ ପାଖରେ ପ୍ରୋଜେକ୍ଟର ଲମ୍ବା ଲାଇନ୍ ଲାଗିଛି । ଗୋଟିଏ ଫିଲ୍ମ ସରୁସରୁ ଆଉ ଏକ ଫିଲ୍ମ ସାଇନ କରିଛନ୍ତି ଅଭିନେତ୍ରୀ । ସୂଚନା ଅନୁସାରେ ଖୁବଶୀଘ୍ର ତାଙ୍କୁ ଆଉ ଏକ ଲଭଷ୍ଟୋରୀରେ ଦେଖିବାକୁ ମିଳିବ । ଏହି ଫିଲ୍ମକୁ ନିର୍ଦ୍ଦେଶନା ଦେବେ ମନୀଷ ଶର୍ମା । ସେହିଭଳି ଏହି ଫିଲ୍ମର ପ୍ରଯୋଜନା ଦାୟିତ୍ୱ ଯଶରାଜ ଫିଲ୍ମ ନେବ ବୋଲି ଜଣା ପଡିଛି । ଚର୍ଚ୍ଚା ଅନୁସାରେ ଏହି ଫିଲ୍ମର ପ୍ରି ପ୍ରଡକସନ୍ କାମ ଆରମ୍ଭ ହୋଇସାରିଛି ଏବଂ ଫିଲ୍ମର ସୁଟିଂ ୨୦୨୬ର ପ୍ରଥମଭାଗରେ କରାଯିବାନେଇ ସୂଚନା ରହିଛି । ତେବେ ଫିଲ୍ମକୁ ନେଇ ଆଉ କୌଣସି ସୂଚନା ନାହିଁ । ଅନିତଙ୍କ ବିପକ୍ଷରେ ଦର୍ଶକ କାହାକୁ ଦେଖିବେ ଏହାକୁ ନେଇ ମଧ କିଛି ସୂଚନା ନାହିଁ ।

## ପ୍ରଦୂଷିତ ଅଞ୍ଚଳରେ ରୁହନ୍ତୁ ସତର୍କ

ବର୍ତ୍ତମାନ ବାୟୁ ପ୍ରଦୂଷଣ ଏକ ପ୍ରମୁଖ ସମସ୍ୟା ଭାବେ ଉଭା ହୋଇଛି । ଏହି କାରଣରୁ ବିଭିନ୍ନ ଗୁରୁତର ରୋଗ ଦେଖିବାକୁ ମିଳୁଛି । ତେବେ ପ୍ରଦୂଷିତ ଅଞ୍ଚଳରେ ବେଶି ରିସ୍କରେ ରହିଥାଆନ୍ତି ବୁଢା ଲୋକ ଏବଂ ଛୋଟ ପିଲା । ଏହି ସମୟରେ ସେମାନଙ୍କର ବିଶେଷ ଯତ୍ନ ନେବାକୁ ହୋଇଥାଏ । ସେମାନଙ୍କର ଖାଇବା ପିଇବା ଠାରୁ ଆରମ୍ଭ କରି ବାହାରକୁ ଯିବା ସମୟରେ ବିଭିନ୍ନ କଥାର ଧ୍ୟାନ ରଖିବାକୁ ହୋଇଥାଏ । ତେବେ ଏହି ସମୟରେ ନିର୍ଦ୍ଦିଷ୍ଟ କେତୋଟି କଥାର ଧ୍ୟାନ ରଖିବାକୁ ହୋଇଥାଏ, ଯେପରି..



**ବ୍ୟାୟାମ–** ପ୍ରତିଦିନ କିଛିକିଛି ବ୍ୟାୟାମ କରିବା ଦ୍ୱାରା ଆମର ହାର୍ଟ ଓ ଫୁସ୍‌ଫୁସ୍ ସୁସ୍ଥ ରହିଥାଏ । ପ୍ରଦୂଷଣର ପ୍ରଭାବକୁ ସହିବାକୁ ଆମ ଶରୀର ବ୍ୟାୟାମରୁ ଶକ୍ତି ପାଇଥାଏ । ତେବେ ବୟସ୍କମାନେ ଏହି ସମୟରେ ଘର ଭିତରେ ରହି ବ୍ୟାୟାମ କରିବାର ଆବଶ୍ୟକତା ରହିଛି ।

**ମାସ୍କ–** କେବଳ କରୋନା ସଂକ୍ରମଣ ନୁହେଁ ବାୟୁ ପ୍ରଦୂଷଣରୁ ବର୍ତ୍ତିବା ପାଇଁ ମଧ ମାସ୍କ ଜରୁରୀ । ବାହାରକୁ ଯିବା ସମୟରେ ମାସ୍କ ପିନ୍ଧିବାକୁ ଭୁଲନ୍ତୁ ନାହିଁ । ବିଶେଷଭାବେ ପ୍ରଦୂଷଣ ରୋକିପାରୁଥିବା ମାସ୍କକୁ ପିନ୍ଧନ୍ତୁ । ମାସ୍କ ପିନ୍ଧିଲେ କେତେକାଂଶରେ ପ୍ରଦୂଷଣରୁ ରକ୍ଷା ମିଳିଥାଏ ।

# ଜିଲାସ୍ତରୀୟ ସିଏମ୍ କିଷାନ ସହାୟତା ରାଶି ବଣ୍ଟନ

ଭଦ୍ରକ, (ସବ୍ୟୁ): ପବିତ୍ର ନୂଆଖାଇ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦ୍ୱାରା ରବି ଚାଷ ୨୦୨୫-୨୬ ସିଏମ୍ କିଷାନ ସହାୟତା ରାଶି ପ୍ରଦାନ କରାଯାଇଛି ।ବୁଧବାର ସକାଳ ସାଢ଼େ ୧୦ଟାରେ ଏହି କାର୍ଯ୍ୟକ୍ରମର ସିଧାପ୍ରସାରଣ ସହ ଭଦ୍ରକ ଜିଲାସ୍ତରୀୟ ମୁଖ୍ୟମନ୍ତ୍ରୀ କିଷାନ ରବି ଚାଷ ସହାୟତା ରାଶି ବଣ୍ଟନ କରାଯାଇଛି ।

ବୁଧବାର ଜିଲାପାଳ ଦିଲୀପ ରାଉତରାଏଙ୍କ ଅଧ୍ୟକ୍ଷତାରେ ରାଣୀତାଲ କୃଷି ବିଜ୍ଞାନ କେନ୍ଦ୍ରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଅନ୍ୟତମ ଅତିଥି ଭାବେ ଏମ୍‌ପି ଅଭିମନ୍ୟୁ ସେଠୀ, ଅତିରିକ୍ତ ଜିଲାପାଳ ରବିନାରାୟଣ ସାହୁ, ଗବେଷଣା ନିର୍ଦ୍ଦେଶକ ବିଶ୍ୱରଞ୍ଜନ ନାୟକ ଯୋଗ ଦେଇ କୃଷକ ମାନଙ୍କର ଆୟ ଦ୍ୱିଗୁଣିତ କରିବା ଓ ଚାଷୀ ମାନଙ୍କୁ ଚାଷ ପ୍ରତି ଆଗ୍ରହ ସୃଷ୍ଟି କରିବା ପାଇଁ ମୁଖ୍ୟମନ୍ତ୍ରୀ ଓ ପ୍ରଧାନମନ୍ତ୍ରୀ କିଷାନ ଯୋଜନାରେ ସହାୟତା ରାଶି ପ୍ରଦାନ କରାଯାଉଛି ବୋଲି ମତ ରଖିଥିଲେ । ଭଦ୍ରକ ଜିଲାରେ ମୋଟ ୨ ଲକ୍ଷ ୪୮ ହଜାର ୨୩୫ ଜଣ ଚାଷୀଙ୍କ ଜମାଖାତାକୁ ଡିବିଟି ମାଧ୍ୟମରେ ୪୯ କୋଟି ୬୪ ଲକ୍ଷ ୭୦ ହଜାର ଟଙ୍କା ପ୍ରଦାନ କରାଯାଇଛି ।ଶେଷରେ ଜିଲା ମୁଖ୍ୟ କୃଷି ଅଧିକାରୀ ଦ୍ୱିଜବର ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ ।

# ଜାତୀୟ ଶିକ୍ଷକ ସମ୍ମାନ ପାଇବେ ବସନ୍ତ କୁମାର ରଣା, ତରୁଣ କୁମାର ଦାଶ

ମାଲକାନଗିରି/କୋରାପୁଟ, (ସବ୍ୟୁ): ଜାତୀୟ ଶିକ୍ଷକ ସମ୍ମାନ-୨୦୨୫ ପ୍ରକାଶ ପାଇଥିବା ତାଲିକାରେ ଓଡ଼ିଶାର ଦୁଇ ଜଣ ଶିକ୍ଷକଙ୍କୁ ସାମିଲ କରାଯାଇଛି । ସେମାନେ ହେଲେ ମାଲକାନଗିରିର ଶିକ୍ଷକ ବସନ୍ତ କୁମାର ରଣା ଓ କୋରାପୁଟ ଜିଲ୍ଲାର ତରୁଣ କୁମାର ଦାଶ ।କୋଣ୍ଡେଲ ନୂତନ ସରକାରୀ ଉଚ୍ଚବିଦ୍ୟାଳୟର ଶିକ୍ଷକତା କରୁଛନ୍ତି ବସନ୍ତ । ସେହିପରି କୋରାପୁଟ ପିଏମଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟରେ ଶିକ୍ଷକ ଅଛନ୍ତି ତରୁଣ । ଆସନ୍ତା ଗୁରୁଦିବସରେ ଉଭୟଙ୍କୁ ରାଷ୍ଟ୍ରପତି ସମ୍ମାନିତ କରିବେ । ଦିଲ୍ଲୀସ୍ଥିତ ବିଜ୍ଞାନ ଭବନରେ ହେବ ଏହି ସମାରୋହ ।ଆଦିବାସୀ ଅଧ୍ୟୁଷିତ ଅଞ୍ଚଳର କୁନି କୁନି ପିଲାଙ୍କୁ ଭଲ ପାଉଥିବା ଶିକ୍ଷକ ଓ ଶିକ୍ଷାକୁ ବୃତ୍ତି ଭାବେ ବାଛି ନେଇଥିବା ଶିକ୍ଷକ ବସନ୍ତ କୁମାର ରଣା ୨୦୨୫ ମସିହା ପାଇଁ ପାଇବେ ଜାତୀୟ ଶିକ୍ଷକ ପୁରସ୍କାର । ମାଲକାନଗିରି ଜିଲ୍ଲାର କନ୍ଦେଲ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଭାବେ କାର୍ଯ୍ୟରତ ବସନ୍ତ କୁମାର ରଣା ଚଳିତ ବର୍ଷ ପାଇଁ ଜାତୀୟ ଶିକ୍ଷକ ପୁରସ୍କାର ପାଇଁ ମନୋନୀତ ହୋଇଛନ୍ତି । ବିଦ୍ୟାଳୟରେ ଛାତ୍ରଛାତ୍ରୀମାନଙ୍କ ସର୍ବାଙ୍ଗୀନ ଉନ୍ନତି ପାଇଁ ସଦା ସର୍ବଦା ଚେଷ୍ଟିତ ଏହି ଶିକ୍ଷକ ଛାତ୍ରଛାତ୍ରୀମାନଙ୍କ ପାଇଁ ଉତ୍ସର୍ଗୀକୃତ । ସେ ଏହି ପୁରସ୍କାର ପାଇଁ ୫୦୦୦୦ ଅର୍ଥ ରାଶି ଓ ମାନ ପତ୍ର ୫ ସେପେଟମ୍ବର ୨୦୨୫ ଦିନ ନୂଆଦିଲ୍ଲୀର ବିଜ୍ଞାନ ଭବନ ଠାରେ ଗ୍ରହଣ କରିବେ । ଏହି ଅବସରରେ ଜିଲ୍ଲା ଶିକ୍ଷା ଅଧିକାରୀ ମାଲକାନଗିରି ଚିତ୍ତ ରଞ୍ଜନ ପାଣିଗ୍ରାହୀ ଉକ୍ତ ଶିକ୍ଷକଙ୍କୁ ଅଭିନନ୍ଦନ ଓ ଶୁଭକାମନା ଜଣାଇଛନ୍ତି ।

ଅବିଭକ୍ତ କୋରାପୁଟ ଜିଲ୍ଲାର ଶିକ୍ଷକମାନେ ଶିକ୍ଷା କ୍ଷେତ୍ରରେ ନୂଆ ପ୍ରୟାସ ପାଇଁ ଶିକ୍ଷା କ୍ଷେତ୍ରରେ ଦେଶର ସର୍ବୋଚ୍ଚ ସମ୍ମାନ ପାଇବା ନୂଆ ପରାମ୍ପରା ସୃଷ୍ଟି କରିଛି । ଗତ ବର୍ଷ ରାୟଗଡ଼ା ଜିଲ୍ଲାର ବିଲେଷୁ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ଦ୍ୱିତୀୟ ଚନ୍ଦ୍ର ସାହୁ ଓ କଳାହାଣ୍ଡି ଜିଲ୍ଲାର ସନ୍ତୋଷ କୁମାର କର ଏହି ସମ୍ମାନ ପାଇଥିଲେ । ଅବିଭକ୍ତ କୋରାପୁଟ ଜିଲ୍ଲାରେ ଶିକ୍ଷକ ମାନେ ଶିକ୍ଷାର ବିକାଶ ଲାଗି ନୂଆ ପରୀକ୍ଷାନିରୀକ୍ଷା ଦେଶର ଶିକ୍ଷାବିତ୍ତଙ୍କ ମନ କିଣୁଛି ।ଅତୀତରେ ଓମ ପ୍ରକାଶ ମିଶ୍ର, ପବିତ୍ର ମୋହନ ଦାଶ, ପ୍ରଦୀପ କୁମାର ମିଶ୍ର ଏହି ସମ୍ମାନ ହାସଲ କରିଛନ୍ତି । କ୍ରମାଗତ ଭାବେ ଅବିଭକ୍ତ କୋରାପୁଟ ଜିଲ୍ଲାରୁ ଶିକ୍ଷକମାନେ ଜାତୀୟ ଶିକ୍ଷକ ସମ୍ମାନ ହାସଲ କରିବା ଶିକ୍ଷା ବ୍ୟବସ୍ଥା ପାଇଁ ନୂଆ ପରମ୍ପରା ସୃଷ୍ଟି କରିଛି । ଆଗାମୀ ସେପେଟମ୍ବର ୫ ତାରିଖରେ ମହାମହିମ ରାଷ୍ଟ୍ରପତି ଶିକ୍ଷକ ତରୁଣ କୁମାର ଦାସଙ୍କ ସମେତ ମୋଟ ୪୮ ଜଣଙ୍କୁ ୫୦ ହଜାର ଟଙ୍କା ଲେଖାଏଁ ପୁରସ୍କାର, ମାନପତ୍ର ଓ ଉପଢୌକନ ଦେଇ ସମ୍ମାନିତ କରିବେ । ଫଳାଫଳ ଘୋଷଣା ହେବା ପରେ କୋରାପୁଟ ଜିଲ୍ଲାରେ ଶିକ୍ଷାବିତ୍ତ ମହଲରେ ଏକ ପ୍ରକାର ଉତ୍ସାହ ଦେଖାଦେଇଛି ।

# ଅବସରପ୍ରାପ୍ତ କର୍ମଚାରୀଙ୍କ ବିୟୋଗରେ ଶୋକସଭା

ସମ୍ବଲପୁର, (ସବ୍ୟୁ): ସମ୍ବଲପୁର ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ କର୍ମଚାରୀ ଜୟାନନ୍ଦ ନାୟକଙ୍କ ଆଜି ସକାଳେ ରାମ ବିହାର ନିକଟରେ ଏକ ସଡ଼କ ଦୁର୍ଘଟଣାରେ ପରଲୋକ ହୋଇଯାଇଛି । କୁଚିଣ୍ଡା ଅଂଚଳର ମୂଳ ବାସିନ୍ଦା ସ୍ୱର୍ଗତ ନାୟକ ସମ୍ପ୍ରତି ରାମ ବିହାର ଠାରେ ସପରିବାର ରହୁଥିଲେ । ତାଙ୍କର ଅମାୟିକ ବ୍ୟବହାର ନିମନ୍ତେ ସେ ସମସ୍ତଙ୍କର ପ୍ରିୟ ଥିଲେ ।

ତାଙ୍କର ଅକାଳ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ପରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଅବସରପ୍ରାପ୍ତ କର୍ମଚାରୀ ସଂଘର ସଭାପତି ପ୍ରଫେସର ଶଙ୍କର ପ୍ରସାଦ ପତିଙ୍କ ଅଧ୍ୟକ୍ଷତାରେ ଆଭାସୀ ମାଧ୍ୟମରେ ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା । ପ୍ରଫେସର ପତିଙ୍କ ସମେତ ପ୍ରଫେସର ନକୁଳ ଚୌଧୁରୀ, ପ୍ରଫେସର ଆଶୁତୋଷ ନାୟକ, ସମ୍ପାଦକ ନୀଳକଣ୍ଠ ମହାପାତ୍ର, ବରିଷ୍ଠ ସଦସ୍ୟ ରନି ଭୂଷଣ ପୁରୁଷେଠ, ପୂର୍ବତନ ସମ୍ପାଦକ ମହେନ୍ଦ୍ର ମିଶ୍ର, ଡମ୍ବରୁଧର ସାହୁ, ମୂନୁ ଷଡ଼ଙ୍ଗୀ, ପଞ୍ଚାନନ ପଶାୟତ, ଟିନା ମିଶ୍ର, କୈଳାସ ଚନ୍ଦ୍ର ମିସ୍ତ୍ରୀ,ଗୋପୀନାଥ ନାୟକ ପ୍ରମୁଖ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିବା ସହ ଏ ଦୁଃଖ ସହ୍ୟ କରିବାକୁ ପରିବାରବର୍ଗଙ୍କୁ ସମବେଦନା ଜଣାଇଥିଲେ ।







# ଗୀତା ଆବୃତ୍ତି ପ୍ରତିଯୋଗିତା, ଜିଲ୍ଲାସ୍ତରକୁ ୧୧ ମନୋନୀତ

ବେତନଟୀ, (ସବ୍ୟୁ) : ମୟୂରଭଞ୍ଜ ଜିଲ୍ଲା ଅଧୀନ ପ୍ରଜ୍ଞାନ ମିଶନ ଆନୁକୂଲ୍ୟରେ ବେତନଟୀ ବ୍ଲକ ସ୍ତରୀୟ ଗୀତା ଆବୃତ୍ତ ପ୍ରତିଯୋଗିତା ଶାରଦା ଗୁରୁକୁଳ ଶିକ୍ଷାକେନ୍ଦ୍ରରେ ଅନୁଷ୍ଠିତ ହୋଇଯାଇଛି । ପ୍ରଜ୍ଞାନନ୍ଦ ଜୀ ବାବାଙ୍କର ନିର୍ଦ୍ଦେଶରେ ଗୀତା ଜ୍ଞାନକୁ ଘରେ ଘରେ ପହଞ୍ଚାଇବା ଲକ୍ଷ୍ୟରେ ଏହି ପ୍ରତିଯୋଗିତା ଆୟୋଜନ କରାଯାଇଥିଲା । ଗୀତା ଆବୃତ୍ତ ପ୍ରତିଯୋଗିତାର ମୟୂରଭଞ୍ଜ ଜିଲ୍ଲା ସଂଯୋଜିକା ଡଃ. ବୀଣା ଦାସ ଏବଂ ବେତନଟୀ ବ୍ଲକ ସଂଯୋଜିକା ପ୍ରଭାତୀ ମହାନ୍ତିଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ବେତନଟୀ ଓ ବଡ଼ସାହି ବ୍ଲକ୍ର ୧୨ଟି ବିଦ୍ୟାଳୟର ଛାତ୍ରଛାତ୍ରୀ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବରେ ସ୍ୱାମୀ ସୁଗିତାନନ୍ଦ ଗିରି, ଡାକ୍ତର ପାର୍ଥସାରଥୀ ଜେନା, ବେତନଟୀ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷା ସଂଯୁକ୍ତା ଜୀ, କୃଷ୍ଣଚନ୍ଦ୍ରପୁର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷା ଡ. ମନ୍ଦାକିନୀ ସାହୁ, କବି ପର୍ଶୁରାମ ସାହୁ, ନିରୋଦ ସୁନ୍ଦର ଜେନା, ସାମ୍ବାଦିକ ଅନୁପ କୁମାର ଦଣ୍ଡପାଟ ପ୍ରମୁଖ ଯୋଗଦେଇ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ ।

୧୧ଜଣ କୃତୀ ଛାତ୍ରଛାତ୍ରୀ ଶିରିଶବଣି ସ୍ଥିତ ସ୍ୱାମୀ ବିବେକାନନ୍ଦ ଶିକ୍ଷାଶ୍ରମ ରେ ଆୟୋଜିତ ହେବାକୁ ଥିବା ଜିଲ୍ଲା ସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବା ନିମିତ୍ତ ମନୋନୀତ ହୋଇଥିଲେ । ଶେଷରେ ସାମ୍ବାଦିକ ଗତିକୃଷ୍ଣ ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ ।








# ଧାମନଗର ଅଞ୍ଚଳରେ ପବିତ୍ର ଶ୍ରୀଗଣେଶ ପୂଜା ପାଳନ

ଧାମନଗର, (ସବ୍ୟୁ) : ଧାମନଗର ସହର ଓ ପୁରପଲ୍ଲୀରେ ପବିତ୍ର ଶ୍ରୀଗଣେଶ ପୂଜା ଭକ୍ତି ଭାବନା ତଥା ଆଡମ୍ବର ସହିତ ପାଳନ କରାଯାଇଛି । ଧାମନଗର ଏନଏସି ଓ ବ୍ଲକ ଅଂଚଳର ସମସ୍ତ ସରକାରୀ,ବେସରକାରୀ ଶିକ୍ଷାନୁଷ୍ଠାନ ଗୁଡ଼ିକରେ ପବିତ୍ର ଗଣେଶ ପୂଜା କରାଯାଇଥିଲା । ଧାମନଗର ଥାନା ଅଧିନସ୍ଥ ଗ୍ରାମାଂଚଳର ୧୬ଟି ସ୍ଥାନରେ ଓ ଏନଏସି ଅଂଚଳର ୧୪ଟି ସ୍ଥାନର ପୂଜା ମଣ୍ଡପରେ ବାବା ଗଜାନନଙ୍କ ପୂଜାର୍ଚ୍ଚନା କରାଯାଇଥିଲା । ଶାନ୍ତି ଶୃଙ୍ଖଳା ରକ୍ଷା ନିମନ୍ତେ ଧାମନଗର ପୋଲିସ ତରଫରୁ ଆବଶ୍ୟକ ପଦକ୍ଷେପ ନିଆଯାଇଥିଲା । ଆସନ୍ତା ଏକ ସପ୍ତାହ ମଧ୍ୟରେ ଧାମନଗର ଏନଏସି ଓ ଗ୍ରାମାଂଚଳରେ ବିଭିନ୍ନ ପୂଜା କମିଟି ତରଫରୁ ଭସାଣି ଉତ୍ସବ ଅନୁଷ୍ଠିତ ହେବାକୁ ଥିବାବେଳେ ପୁରାତନ ଦକ୍ଷିଣବାଡ ଗଣେଶ ଭସାଣି ଉତ୍ସବ ସେପଟେମ୍ବର ୭ତାରିଖ ଦିନ ହେବବୋଲି ଜଣାଯାଇଛି । ପ୍ରଶାସନ ତରଫରୁ ଭସାଣି ଶୋଭାଯାତ୍ରାରେ ଡିଜେ ବ୍ୟବହାରକୁ ସମ୍ପୂର୍ଣ୍ଣ ନିଷେଧ କରାଯାଇଛି ।

# ଆଖୁଆପଦା-ତିନିତର ଘାଟ ନଦୀବନ୍ଧ ସୁଦୃଢ଼ୀକରଣ ଦାବି


ଧୂଷୁରୀ,(ସବ୍ୟୁ): ଭଦ୍ରକ ଜିଲ୍ଲା ଧାମନଗର ବ୍ଲକ ଅଧୀନସ୍ଥ ଧୂଷୁରୀ ଠାରେ ଥିବା ହୃଦାନନ୍ଦ ପାଠାଗାରରେ ସ୍ଥାନୀୟ ଅଂଚଳର ବୁଦ୍ଧିଜୀବୀଙ୍କ ପକ୍ଷରୁ ଶନିବାର ଅପରାହ୍ନରେ ଧାମନଗର ବ୍ଲକରେ ବନ୍ୟାର ସ୍ଥାୟୀ ପ୍ରତିକାର ଦାବି ନେଇ ଏହି ସାମ୍ବାଦିକ ସମ୍ମିଳନୀର ଆୟୋଜିତ ହୋଇଥିଲା । ୫୦ବର୍ଷ ଧରି ବୈତରଣୀ ନଦୀରେ ଭୀମକୁଣ୍ଡ ଯୋଜନା କାର୍ଯ୍ୟକାରୀ ନହେବା,ବୈତରଣୀ ନଦୀର ଉତ୍ତର ପାର୍ଶ୍ୱ,କୋଚିଲା,ଗେଙ୍ଗୁଟି ନଦୀର ଉଭୟ ପାର୍ଶ୍ୱ ବନ୍ଧକୁ କ୍ୟାପିଟାଲ ଏମ୍ବାଙ୍କମେଣ୍ଟ କରାଯାଇ ବନ୍ୟା ନିୟନ୍ତ୍ରଣ କରାଯିବା,ଗାନ୍ଧିଘାଟ ଶାସନ ଠାରେ ଘେରିବନ୍ଧ ପ୍ରତିଷ୍ଠା କରାଯାଇ ସ୍ଲୁଇଚଗେଟ ନିର୍ମାଣ କରିବା,ଆଖୁଆପଦା ଠାରୁ ତିନିତର ଘାଟ ପର୍ଯ୍ୟନ୍ତ ନଦୀବନ୍ଧ ସୁଦୃଢ଼ୀକରଣ କରାଯାଇ ତଳିଆ ଅଂଚଳରେ ବନ୍ଧର ଉଚ୍ଚତା ୬୦ଫୁଟ ଓ ଉପର ଅଂଚଳରେ ୧୫ଫୁଟ ପ୍ରଶସ୍ତ କରାଯିବା,ଉକ୍ତ ନଦୀଗୁଡ଼ିକର ବନ୍ଧକୁ ଜଳସେଚନ ବିଭାଗରୁ ବାଦଦେଇ ଆରଏଣ୍ଡବି ବିଭାଗକୁ ହସ୍ତାନ୍ତର କରିବା,ନଦୀକୂଳରେ ବାସ କରୁଥିବା ଲୋକମାନଙ୍କର ଘର,ଘରବାଡି,ଚାଷଜମିକୁ ଅଧିଗ୍ରହଣ କରିବା ସହ କ୍ଷତିଗ୍ରସ୍ତଙ୍କୁ ଉପଯୁକ୍ତ କ୍ଷତି ପୂରଣ ଦିଆଯିବା ଆଦି ଦାବି ଉପସ୍ଥାପନ କରିଥିଲେ । ସାମାଜିକ କର୍ମୀ ନାରାୟଣ ଚନ୍ଦ୍ରପାଢ଼ୀ,ବରିଷ୍ଠ ଆଇନଜୀବୀ ଶଶି ଭୂଷଣ ପଣ୍ଡା,ଡା. ବିଦ୍ୟାଧର ଜେନା,ପରମାନନ୍ଦ ସାଏନ୍ତ ପ୍ରମୁଖ ୫୦ରୁ ଅଧିକ ଉପସ୍ଥିତ ରହି ଦାବି ଜଣାଇଥିଲେ ।










## ଲଘୁଚାପ ଜନିତ ବର୍ଷା : ବୈପାରିଗୁଡାରେ ସର୍ବାଧିକ ୧୫୧ ମିମି ବର୍ଷା ରେକର୍ଡ

କୋରାପୁଟ,(ସବ୍ୟୁ): କାରାପୁଟ ଜିଲ୍ଲାର ବିଭିନ୍ନ ବ୍ଲକରେ ଲଘୁଚାପ ଜନିତ ବର୍ଷା ଯୋଗୁଁ ଜନଜୀବନ ପ୍ରଭାବିତ ହୋଇଛି । ଦିନ ୨ଟା ସୁଦ୍ଧା ବୈପାରିଗୁଡାରେ ସର୍ବାଧିକ ୧୫୧ ମିମି ବର୍ଷା ରେକର୍ଡ କରାଯାଇଥିବା ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ନାୟକ କହିଛନ୍ତି ।ହାରାହାରି ଜିଲ୍ଲାରେ ୩୫.୦୧ମିମି ବର୍ଷା ରେକର୍ଡ କରାଯାଇଛି ।ଜିଲ୍ଲାରେ ୨୮ ଟି ଘର ଆଂଶିକ ପ୍ରଭାବିତ ହୋଇଛି । ଲମତାପୁଟ ବ୍ଲକରେ ୧୫ ଟି ଘର ଆଂଶିକ ଭାଙ୍ଗି ଯାଇଥିବା ବେଳେ ବୈପାରିଗୁଡାରେ ୫,ବୋରିଗୁମ୍ମା ଓ ଲକ୍ଷ୍ମୀପୁର ବ୍ଲକରେ ୪ ଟି ଲେଖାଏଁ ଘର ଆଂଶିକ ଭାଙ୍ଗି ଯାଇଥିବା ସେ କହିଛନ୍ତି ।ଜିଲ୍ଲାର ସମସ୍ତ କ୍ଷେତ୍ର ଅଧିକାରୀ ମାନଙ୍କୁ ତୀକ୍ଷଣ ନଜର ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି । ବୈପାରିଗୁଡା ବ୍ଲକର ଦଶମନ୍ତପୁର ପଞ୍ଚାୟତ ଅନ୍ତର୍ଗତ ଗର୍ଡିଗୁଡ଼ା ପୋଲ ଆପ୍ରୋଜ ରାସ୍ତା ଧୋଇ ଯାଇଥିବା ଜଣାପଡ଼ିଛି ।





## କ୍ରୀଷ୍ଣା ବିକାଶ ଶିକ୍ଷାନୁଷ୍ଠାନରେ 'କ୍ରୀଷ୍ଣା ବିକାଶ ପ୍ୟାରେଣ୍ଟି ଦିବସ'

ବରଗଡ଼, (ସବ୍ୟୁ): କ୍ରୀଷ୍ଣା ବିକାଶ ଶିକ୍ଷାନୁଷ୍ଠାନରେ 'କ୍ରୀଷ୍ଣା ବିକାଶ ପ୍ୟାରେଣ୍ଟି ଦିବସ' ମହାସମାରୋହରେ ପାଳିତ ହୋଇଯାଇଛି । ଏହି ଅବସରରେ କ୍ରୀଷ୍ଣା ବିକାଶ ଗ୍ରୁପ୍‌ର ଚେୟାରମେନ୍ ଶ୍ରୀ ଦାଶରୀ ମୂରଲୀ କ୍ରୀଷ୍ଣା ଓ ଟ୍ରଷ୍ଟୀ ଶ୍ରୀମତୀ ଦାଶରୀ ରାମ ତୁଳସୀ ଉପସ୍ଥିତ ରହି ସ୍ୱର୍ଗତ ଦାଶରୀ ବୀର ରାଜୁଙ୍କ ଫଟୋଚିତ୍ର ଉପରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ଦୀପ ପ୍ରଜ୍ୱଳନ କରି ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିଥିଲେ । ଏହି ଅବସରରେ ଚେୟାରମେନ୍ ଶ୍ରୀ ଦାଶରୀ ମୂରଲୀ କ୍ରୀଷ୍ଣା ନିଜ ଅଭିଭାଷଣରେ ଛାତ୍ରଛାତ୍ରୀମାନେ ପିତାମାତା ତଥା ଗୁରୁଜନଙ୍କ ବଚନକୁ ସମ୍ମାନ ଜଣାଇ ଦାୟିତ୍ୱବୋଧ, ନିଜ ସଂସ୍କୃତି, ଧର୍ମ ପ୍ରତି ସମ୍ମାନ ପ୍ରଦର୍ଶନ ସହିତ କର୍ତବ୍ୟବୋଧ ପଥରେ ଅଗ୍ରସର ହେଲେ ଭବିଷ୍ୟତ ଜୀବନରେ ନିଶ୍ଚୟ ସଫଳତା ପାଇପାରିବେ ବୋଲି ନିଜର ସୁଚିନ୍ତିତ ମତ ପ୍ରଦାନ କରିଥିଲେ । ଏହି ଅବସରରେ କ୍ରୀଷ୍ଣା ବିକାଶ ଶିକ୍ଷାନୁଷ୍ଠାନ ସମୂହର ଡାଇରେକ୍ଟର ଡ.ସମରେନ୍ଦ୍ର ନାଥ ପଣ୍ଡା, ବିକାଶ ଆବାସିକ ବିଦ୍ୟାଳୟର(ସିନିୟର ସେକେଣ୍ଡେରୀ) ଅଧ୍ୟକ୍ଷ ଚିତରଞ୍ଜନ ପତି, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ନାରାୟଣ ରଥ, ବିକାଶ ଆବାସିକ ବିଦ୍ୟାଳୟର ଉପାଧ୍ୟକ୍ଷ (ସିବିଏସଇ ଏଫେୟାର୍ସ) ପ୍ରଦୀପ କୁମାର ସାହୁ, ଉପାଧ୍ୟକ୍ଷ (ଏକାଡେମିକ୍ସ) ଡ.ମନୋଜ କୁମାର ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ । ପରିଶେଷରେ ବିଦ୍ୟାଳୟର କାର୍ଯ୍ୟକାରୀ ଅଧ୍ୟକ୍ଷ ଶ୍ରୀ ଶିଶିର ପ୍ରସାଦ ରାଉଳ ଧନ୍ୟବାଦ ଅର୍ପଣ କରିଥିଲେ । ଛାତ୍ରଛାତ୍ରୀମାନେ ଆବେଗଧାର୍ମୀ ତଥା ହୃଦୟସ୍ପର୍ଶୀ ଗୀତ ଓ ନୃତ୍ୟ ପ୍ରଦର୍ଶନ କରିଥିଲେ । ସମସ୍ତ କାର୍ଯ୍ୟକ୍ରମକୁ ବିକାଶ ଆବାସିକ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ପରିଚାଳନା କରିଥିଲେ ।




## ଜମନକିରା ବ୍ଲକ ଯୋଗାଣ ବିଭାଗ କେଲେଙ୍କାରି : ମୃତ ବ୍ୟକ୍ତିଙ୍କ ନାଁରେ ବିପିଏଲ ଚାଉଳ ହଡପ ଅଭିଯୋଗ

ଜମନକିରା,(ସବ୍ୟୁ): ଜମନକିରା ବ୍ଲକରେ ମୃତ ବ୍ୟକ୍ତିଙ୍କ ନାଁରେ ବିପିଏଲ ଚାଉଳ ହଡପ ହୋଇଥିବା ନେଇ ସାମାଜିକ ସମୀକ୍ଷା ବୈଠକରେ ଉଦବେଗ ପ୍ରକାଶ ପାଇଛି । ବ୍ଲକରେ ଥିବା ୨୧ ଗୋଟି ପଞ୍ଚାୟତ ମଧ୍ୟରୁ ଅଧିକାଂଶ ପଞ୍ଚାୟତରେ ଏଭଳି ଘଟଣା ଘଟିଛି । ମୃତ୍ୟୁ ହୋଇଯାଇଥିବା ବିପିଏଲ ରାସନକାର୍ଡଧାରିଙ୍କ ନାଁରେ ଥିବା କାର୍ଡରେ ଚାଉଳ ଉଠାଯାଇଥିବା ନେଇ ଜାତୀୟ ଖାଦ୍ୟ ନିରାପତ୍ତା ସମୀକ୍ଷା ବୈଠକରେ ଯାଞ୍ଚ କମିଟିରେ ନିୟୋଜିତ ହୋଇଥିବା ଗ୍ରାମ୍ୟ ସମ୍ବଳ ବ୍ୟକ୍ତି (ଭିଆରପି) ମାନେ ପ୍ରକାଶ କରିଛନ୍ତି । ଏମିତିକି କେନାଡ଼ିପା ପଞ୍ଚାୟତରେ ଦୀର୍ଘ ୨୦୧୭ ମସିହାରୁ ମୃତ ବ୍ୟକ୍ତିଙ୍କ ନାଁରେ ବିପିଏଲ ଚାଉଳ ହଡପ ହୋଇଥିବା ନେଇ ସମୀକ୍ଷା ବୈଠକରେ ଉଦବେଗ ପ୍ରକାଶ ପାଇଥିଲା । ଉକ୍ତ ବ୍ୟକ୍ତି ମୃତ୍ୟୁ ହେବା ପରେ ହରିଶ୍ଚନ୍ଦ୍ର ଯୋଜନାରେ ପଞ୍ଚାୟତ ତରଫରୁ ସହାୟତା ରାଶି ପ୍ରଦାନ କରାଯାଇଥିଲା ।












## ଦାଦନ ସମସ୍ୟା ରୋକିବାକୁ ପ୍ରଶାସନର ପ୍ରୟାସ

# ରେଙ୍ଗାଲିରେ ପ୍ରବାସୀ ଶ୍ରମିକ ସଚେତନତା

ଖପ୍ରାଖୋଲ, (ସବ୍ୟୁ) : ଖପ୍ରାଖୋଲ ବ୍ଲକ ରେଙ୍ଗାଲି ହାଟ ପଦା ରେ ଜିଲ୍ଲା ପ୍ରଶାସନ ଓ ଶ୍ରମ ବିଭାଗର ମିଳିତ ଉଦ୍ୟମରେ ଦାଦନ ସମସ୍ୟା ରୋକିବାକୁ ପ୍ରବାସୀ ଶ୍ରମିକ ସଚେତନତା କାର୍ଯ୍ୟକ୍ରମ ମଙ୍ଗଳବାର ସହକାରୀ ଶ୍ରମ ଅଧିକାରୀ ବିଭୁଦତ୍ତ ମଲ୍ଲିକ ଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା ।

କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ରୂପେ ଜିଲ୍ଲା ଶ୍ରମ ଅଧିକାରୀ ସୁକାନ୍ତ କୁମାର ସେଠୀ, ସମ୍ମାନୀତ ଅତିଥି ରୂପେ ବିଡ଼ିଓ ବିବେକାନନ୍ଦ ଷଡ଼ଙ୍ଗୀ,ତହସିଲଦାର ସତ୍ୟ ସୁନ୍ଦର ରାଉତରାୟ, ଲାଠୋର ଥାନା ଅଧିକାରୀ ରାକେଶ କୁମାର ବେହେରା, ସହକାରୀ ନିର୍ବାହୀ ଯନ୍ତ୍ରୀ ରାଜ କିଶୋର ନାଏକ ପ୍ରମୁଖ ଯୋଗଦେଇ ଥିଲେ । ଏହି ଅବସରରେ ପ୍ରବାସୀ ଶ୍ରମିକ ପାରିବାର କିଭଳି ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନାର ଲାଭ ନେଇ ଭିଟା ମାଟିରେ ରହିବା ସହିତ ଆତ୍ମନିର୍ଭର ଶିଳ ହୋଇପାରିବେ ସେନେଇ ବିଭିନ୍ନ ବିଭାଗ ର ଅଧିକାରୀ ମାନେ ଉପସ୍ଥାପନ କରିଥିଲେ ।

ସେହିପରି ଶ୍ରମ ବିଭାଗ ର ବିଭିନ୍ନ ଶ୍ରମିକ ମଙ୍ଗଳ କାର୍ଯ୍ୟକ୍ରମ ଉପରେ ଆଲୋକପାତ କରିବା ସହିତ ଦାଦନ ଖଟିବାକୁ ଗଲାବେଳେ ସଚେତନ ହୋଇ ପଞ୍ଜୀକୃତ ମଧ୍ୟସ୍ଥି ସହିତ ନିଜ ନାମ ପଞ୍ଜିକରଣ କରି ଯିବାକୁ କହିଥିଲେ । ଏହି ଅବସରରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ରେ ଶ୍ରମିକ ଙ୍କୁ ୩ ଶହ ଦିନର କାମ ଯୋଗାଇ ଦେବାକୁ ସରପଞ୍ଚ ଉମାକାନ୍ତ ମେହେର ଦାବୀ କରିଥିଲେ ।

କାର୍ଯ୍ୟକ୍ରମ ରେ ଏପିଓ ପ୍ରଶାନ୍ତ କୁମାର ସାହୁ, ଯୋଗାଣ ଅଧିକାରୀ ବିକାଶ ବାର୍ଲା, ବ୍ଲକ କୃଷି ଅଧିକାରୀ ସନ୍ତୋଷ କୁମାର ମେହେର,ସହକାରୀ ଉଦ୍ୟାନ କୃଷି ଅଧିକାରୀ ଜିନିତା ବରୁଆ ସମେତ ବିଭିନ୍ନ ବିଭାଗ ର ଅଧିକାରୀ, ଶତାଧିକ ମାହିଳା ପୁରୁଷ ଶ୍ରମିକ ଉପସ୍ଥିତ ଥିଲେ ।




## ଆସୁଛି ନୂଆଁଖାଇ, ତିହାର ହାଟ ବଜାରରେ ଭିଡ

ସମ୍ବଲପୁର,(ସବ୍ୟୁ): ଆଉ ଦିନକ ପରେ ପଶ୍ଚିମ ଓଡିଶାର ମହାନ୍ କୃଷିଭିତ୍ତିକ ପର୍ବ ନୂଆଁଖାଇ ପାଳନ ହେବା ଏଥିପାଇଁ ସମ୍ବଲପୁର ଜିଲ୍ଲା ସମେତ ପଶ୍ଚିମ ଓଡିଶାର ପୁରପଲ୍ଲୀ ଚଳଚଞ୍ଚଳ ହୋଇପଡିଛି। କାହିଁ କେଉଁ କାଳରୁ ସାମାଜିକ ଜୀବନକୁ ସରସ ସୁନ୍ଦର କରି ଆସିଥିବା ଗଣପର୍ବ ନୂଆଁଖାଇ ସବୁ ଅଞ୍ଚଳବାସୀଙ୍କ ଭାବାବେଗ ସହ ଜଡିତ ହୋଇ ରହିଛି। ଅଭାବ ଅନାଟନ ସେ%୦ ପରମ୍ପରା ଓ ସାମାଜିକ ଚଳଣିରେ ଭାଇଚାରାର ସଂସ୍କୃତିକୁ ଉଜ୍ଜୀବିତ ରଖିବା ଲାଗି ଲୋକେ ଏହି ପର୍ବକୁ ଆଦରର ସହ ପାଳନ କରି ଆସୁଛନ୍ତି। ଏଥିପାଇଁ ପୂର୍ବରୁ ଦିନ ଓ ସମୟ ନିର୍ଘଣ୍ଟ ଧାର୍ଯ୍ୟ ହୋଇଛି। ପାରମ୍ପରିକ ରୀତିରେ ଗଣପର୍ବ ନୂଆଁଖାଇ ପାଳନ ପାଇଁ ଘରେ ଘରେ ପ୍ରସ୍ତୁତି ଆରମ୍ଭ ହୋଇଛି। ଦୂରଦୂରାନ୍ତରେ ଥିବା ପରିବାରର ସଦସ୍ୟ ମାନେ ନୂଆଁ ଖାଇବାକୁ ଘରମୁହାଁ ହୋଇଛନ୍ତି। ଏଭଳି ସ୍ଥଳେ ସମ୍ବଲପୁରର ରେଳ ଷ୍ଟେସନ ଓ ବସ୍‌ଷ୍ଟାଣ୍ଡରେ ଭିଡ ଜମିଛି। ଘଣ୍ଟା ଘଣ୍ଟା ଧରି ବନ୍ଧୁ ପରିଜନଙ୍କୁ ଘରକୁ ପାଛୋଟି ନେବା ପାଇଁ ଘରର ଅନ୍ୟ ସଦସ୍ୟ ମାନେ ଅପେକ୍ଷା କରିଥିବା ଦେଖିବାକୁ ମିଳିଛି। ଅନ୍ୟପଟେ ଜିଲ୍ଲାର ବିଭିନ୍ନ ସ୍ଥାନରେ ନୂଆଁଖାଇ ଲାଗି ହାଟ ବଜାର ବସିଛି। ଏଥିରେ ନୂଆଁ ଧାନ, ମାଟିରେ ତିଆରି ହାଣ୍ଡି, ଦୀପ, କଳସ, ଧୂପଦାନି ସହିତ ନୂଆ ଲୁଗା, ଖେଳିଦନା, ରାକ୍ଷୀ, ପଦ୍ମଫୁଲ, ବିଭିନ୍ନ ଗଛର ପତ୍ର, ଆଖୁ, ଫୁଲ, ଦୁବ, ବରକୋଳି ପତ୍ର ସମେତ ପୂଜା ସାମଗ୍ରୀ, ଖେଳିଦନା ଓ ପନିପରିବା ଆଦି ବିକ୍ରୀ ହେଉଛି। ତେଣୁ ଏସବୁ କିଣିବା ପାଇଁ ହାଟ ଓ ବଜାରରେ ଲୋକଙ୍କ ପ୍ରବଳ ଭିଡ ହୋଇଛି। ପ୍ରତିବର୍ଷ ଭାଦ୍ରବ ଶୁକ୍ଳପକ୍ଷ ୫ମୀ ତିଥିରେ ଗଣପର୍ବ ନୂଆଁଖାଇ ପାରମ୍ପାରିକ ରୀତିନୀତି ସହ ଧୁମ୍‌ଧାମରେ ପାଳିତ ହୋଇଥାଏ। ପ୍ରଥମେ ଇଷ୍ଟଦେବୀ ମାଁ ସମଲେଇଙ୍କୁ ନୂଆଁ ଧାନରୁ ପ୍ରସ୍ତୁତ ଭୋଗ ବା ପ୍ରସାଦ ଅର୍ପଣ କରି ଲୋକ ନୂଆଁ ଖାଇଥାନ୍ତି। ଚଳିତ ବର୍ଷ ପୂର୍ବରୁ ନିର୍ଦ୍ଧାରିତ ହୋଇଥିବା ତିଥି ଓ ଲଗ୍ନ ଅନୁଯାୟୀ ପୂର୍ବାହ୍ନ ୧୦ଟା ୩୩ରୁ ୧୦ଟା ୫୫ ମିନିଟ୍ ମଧ୍ୟରେ ବିଶୁଦ୍ଧ ତୁଳା ଲଗ୍ନେ ମକର ନବାଂଶେ ମାଁ ସମଲେଇଙ୍କ ଠାରେ ନବାହ୍ନ ଲାଗି ହେବା ଅନ୍ୟ ଦେବାଦେବୀଙ୍କ ଠାରେ ନୂଆଁ ଲାଗିବା ପରେ ପଶ୍ଚିମ ଓଡିଶାବାସୀ ନୂଆଁ ଖାଇବାର ପରମ୍ପରା ରହିଛି। ଏହାକୁ ଦୃଷ୍ଟିରେ ରଖି ମାଁ ସମଲେଶ୍ୱରୀଙ୍କ ମନ୍ଦିରରେ ନୂଆଁଧାନ ପହଞ୍ଚିଛି। ଏଥିସହ ମନ୍ଦିରକୁ ନୂତନ ରଙ୍ଗ ଦେବା ସହ ପାଶ୍ୱର୍ ଦେବାଦେବୀଙ୍କ ଠାରେ ସିନ୍ଦୁର ଲାଗି ହୋଇଛି। ମଙ୍ଗଳବାର ଦେବୀଙ୍କ ଅଳଙ୍କାର ସଫା କରାଯାଇଛି। ଏହି ପର୍ବ କୃଷି ସହ ଜଡିତ ଥିବାରୁ ଚାଷୀ ମନରେ ବେଶ ଉତ୍ସାହ ଦେଖିବାକୁ ମିଳୁଛି। ଚାଷୀ ନିଜ ଜମିରେ ପୂଜା କରିବାର ପରମ୍ପରା ରହିଛି। ଘରେ ଥିବା ଗୋରୁଗାଈଙ୍କୁ ମଧ୍ୟ ପୂଜା କରାଯାଏ। ଘର ଲିପାପୋଛା କାର୍ଯ୍ୟ ସମାପ୍ତ ହୋଇଥିବା ବେଳେ ସମସ୍ତଙ୍କ ପାଇଁ ନୂଆ ପୋଷାକ କିଣା ଯାଉଥିବା ବେଳେ ଦୋକାନ ବଜାରରେ ପ୍ରବଳ ଭିଡ ଦେଖିବାକୁ ମିଳୁଛି। ସେହିପରି ପନିପରିବା ଓ ନୂଆଁଖାଇରେ ବ୍ୟବହୃତ ଧାନ ଓ ଚୁଡା ଲୋକେ କିଣୁଛନ୍ତି। ସମ୍ବଲପୁର ସହରର ଗୋଲବଜାର ଛକ ଓ ବଡବଜାର ସାପ୍ତାହିକ ହାଟରେ ପ୍ରବଳ ଭିଡ ଦେଖିବାକୁ ମିଳିଥିବା ବେଳେ ଧାନ କେରା ୫ଟଙ୍କାରେ ବିକ୍ରୀ ହେଉଛି। ଏଥିସହ ଧାନରୁ ପ୍ରସ୍ତୁତ ନୂଆଁ ଚାଉଳ ୧୦ଟଙ୍କାରେ ବିକ୍ରୀ ହେଉଛି। ଗଣେଷ ପୂଜା ଓ ନୂଆଁଖାଇକୁ ଦୃଷ୍ଟିରେ ରଖି ପରିବା ଦର ଆକାଶଛୁଆଁ ହୋଇଛି। ମହଙ୍ଗା ପରିସ୍ଥିତି ସେ%୦ ନୂଆଁଖାଇ ଲାଗି ହାଟ ବଜାରରେ ପ୍ରବଳ ଭିଡ ଜମିଛି।











## ଜିଏମ୍‌ୟୁ ଗ୍ରନ୍ଥାଗାର ଓ ସୂଚନା ବିଜ୍ଞାନ ପକ୍ଷରୁ ଜାତୀୟ ସମ୍ମାନ

ସମ୍ବଲପୁର,(ସବ୍ୟୁ): ସ୍ଥାନୀୟ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ (ଜିଏମ୍‌ୟୁ)ର ଗ୍ରନ୍ଥାଗାର ଓ ସୂଚନା ବିଜ୍ଞାନ ବିଭାଗ ପକ୍ଷରୁ ପାଠାଗାର ପାଇଁ କୃତ୍ରିମ ବୁଦ୍ଧିମତ୍ତା: ପ୍ରବେଶ, ଆବିଷ୍କାର ଓ ନିୟୋଜନ ବୃଦ୍ଧି ଶୀର୍ଷକରେ ଜାତୀୟ ସମ୍ମାନ ଅନୁଷ୍ଠିତ ହୋଇଯାଇଛି। ଭାରପ୍ରାପ୍ତ କୁଳପତି ପ୍ରଫେସର ସୁଶାନ୍ତ କୁମାର ଦାସ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହାର ଶୁଭ ଉଦଘାଟନ କରିଥିଲେ। କୁଳସଚିବ ଡ. ଉମାଚରଣ ପତି ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଛାତ୍ରଛାତ୍ରୀଙ୍କୁ ଏଆଇର ସଠିକ୍ ବ୍ୟବହାର ଓ ତାହାର ଉପଯୋଗିତା ସମ୍ପର୍କରେ ଆଲୋକପାତ କରିଥିଲେ। ବିଦ୍ୟାସାଗର ବିଶ୍ୱବିଦ୍ୟାଳୟ ପ୍ରଫେସର ଡ. ଦୁର୍ଗାଶଙ୍କର ରଥ ଓ କଲ୍ୟାଣୀ ବିଶ୍ୱବିଦ୍ୟାଳୟରଡ. ଉଜ୍ଜଳ ମର୍ଜିତ ମୁଖ୍ୟବକ୍ତା ଭାବେ ଯୋଗ ଦେଇ ଏଆଇ ଶିକ୍ଷାକୁ ସହଜ ଓ ଦୃତ କରିବା ସହ ସ୍ମାର୍ଟ ସର୍ଚ୍ଚ ଏବଂ ବ୍ୟକ୍ତିଗତ ପରାମର୍ଶ ଦେଇ ଛାତ୍ରଛାତ୍ରୀଙ୍କ ଉପକାର କରୁଛି। ପୁସ୍ତକାଳୟରେ ଏଆଇର ପ୍ରୟୋଗ ତଥ୍ୟ ସନ୍ଧାନ, ସାମଗ୍ରୀ ବ୍ୟବସ୍ଥାପନ ଓ ପାଠକ ସେବାକୁ ଅଧିକ କାର୍ଯ୍ୟକ୍ଷମ କରୁଛି। ଉଦ୍‌ବୋଧନା ବିଭାଗ ମୁଖ୍ୟ ପ୍ରଫେସର ଡ. ଜୟେନ୍ଦ୍ର କୁମାର ସିଂହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସମ୍ମାନର ସଂଯୋଜିକା ଡ. ରୋଜାଲିନ ରାଉତ ଅତିଥି ପରିଚୟ ପ୍ରଦାନ କରିବା ସହ କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ବିଷୟରେ ଆଲୋଚନା କରିଥିଲେ। ସହକାରୀ ପ୍ରଫେସର ସିନିଆ ଟିଗ୍‌ଗା କାର୍ଯ୍ୟକ୍ରମର ସମନ୍ୱୟ ଓ ପରିଚାଳନା କରିଥିବା ବେଳେ ଅତିଥି ଅଧ୍ୟାପିକା ଜ୍ୟୋତିର୍ମୟୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।






# ଆଜି ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଁଖାଇ

ସମ୍ବଲପୁର,(ସବ୍ୟୁ): ରାତି ପାହିଲେ ପଶ୍ଚିମ ଓଡିଶାର ମହାନ୍ କୃଷିଭିତ୍ତିକ ପର୍ବ ନୂଆଁଖାଇ ପାଳିତ ହେବ । ଏଥିପାଇଁ ସମୟ ନିର୍ଘଣ୍ଟ ଧାର୍ଯ୍ୟ ହୋଇଛି । ଇଷ୍ଟଦେବୀ ମାଁ ସମଲେଶ୍ୱରୀଙ୍କ ଠାରେ ପୂର୍ବାହ୍ନ ୧୦ଟା ୩୩ରୁ ୧୦ଟା ୫୫ ମିନିଟ୍ ମଧ୍ୟରେ ନୂଆଁ ଲାଗି ହେବ । ଏଥିପାଇଁ ବଲବସପୁରରୁ ନୂଆଁ ଧାନ ଆସିଥିବା ବେଳେ ବୁଧବାର ମାଁଙ୍କ ପାଇଁ ଭାର ଆସିଛି । ମାଁଙ୍କ ଠାରେ ନୂଆଁ ଲାଗି ପରେ ପ୍ରତି ପରିବାର ନୂଆଁ ଖାଇବେ । ଏହାପରେ ଜୁହାର ଭେଟ କାର୍ଯ୍ୟକ୍ରମ ରହିଛି । ସଂଧ୍ୟାରେ ବିଭିନ୍ନ ପଡା ଓ ଅନୁଷ୍ଠାନ ପକ୍ଷରୁ ଭେଟଘାଟ କାର୍ଯ୍ୟକ୍ରମ ଆୟୋଜିତ ହେବ । ପଞ୍ଚବାଦ୍ୟରେ ଦୁଲୁକିବ ପଶ୍ଚିମଓଡିଶା । ସମ୍ବଲପୁରୀ ନାଚଗୀତ ଓ ବିବିଧ ପ୍ରତିଯୋଗିତାମାନ ରହିଛି । ଏହି ପାଇଁ ସମସ୍ତ ପ୍ରକାର ପ୍ରସ୍ତୁତି ଶେଷ ହୋଇଯାଇଛି ।

ପଶ୍ଚିମ ଓଡ଼ିଶାରେ ପ୍ରକୃତି ପୂଜାର ପରମ୍ପରା ମଧ୍ୟରେ ନୂଆଁଖାଇର ମହତ୍ତ୍ୱ ଗୁରୁତ୍ୱ ବହନ କରି ଆସିଛି । ନୂଆଁ ଧାନର ଚାଉଳରୁ ପ୍ରସ୍ତୁତ ଅନ୍ନ ଓ ଅନ୍ୟାନ୍ୟ ଖାଦ୍ୟଦ୍ରବ୍ୟକୁ ସହର, ଗ୍ରାମ ଓ ଘର ଗୁଡିକରେ ଇଷ୍ଟ ଦେବାଦେବୀଙ୍କ ଠାରେ ଅର୍ପଣ କରାଯାଏ । ତାପରେ ଏହାକୁ ଗ୍ରହଣ କରି ଜନସାଧାରଣ ଆଶୀର୍ବାଦ କାମନା କରିଥାନ୍ତି । ଶ୍ରାବଣ ମାସର ଶେଷ ବେଳକୁ ଖରିଫ ଧାନ ଚାଷ କାର୍ଯ୍ୟ ପ୍ରାୟ ପ୍ରାୟ ସମ୍ପୂର୍ଣ୍ଣ ହୋଇଯାଇଥାଏ । ଚଳିତବର୍ଷ ଭାଦ୍ରବ ମାସର ପ୍ରଥମାର୍ଦ୍ଧ ଅତିକ୍ରାନ୍ତ ହେବାକୁ ବସିଥିଲେ ମଧ୍ୟ ପ୍ରାଥମିକ କାର୍ଯ୍ୟ ପହ୍ଲାରୁଆ ବିଭିନ୍ନ ଅଞ୍ଚଳରେ ଜାରି ରହିଛି । ଏବେ ମଧ୍ୟ କେତେକ ଚାଷୀ ସେଥିରେ ବ୍ୟସ୍ତ ଅଛନ୍ତି । ଅକ୍ଷୟ ତୃତୀୟା ଓ ଶୀତଳଷଷ୍ଠୀ ସମୟରେ କରାଯାଇଥିବା ଧାନ ଚାଷର ପ୍ରଥମ ଶସ୍ୟ ନବାନ୍ନ ବେଳକୁ ଅମଳକ୍ଷମ ହୋଇଥାଏ । ଏହାକୁ ଖରଡ଼ି ଚାଷ କହନ୍ତି। ସୁରୁଆଁ କିସମର



ଧାନ ବିହନ ଏଥିପାଇଁ ଚାଷୀମାନେ ଉପଯୋଗ କରିଥାନ୍ତି । ଦୈନିକ ଓ ସାପ୍ତାହିକ ହାଟରେ ବର୍ତ୍ତମାନ ନୂଆଁଖାଇର ସରସତା ଅନୁଭୂତ ହେଲାଣି । ବଜାର ଗୁଡିକରେ ନବାନ୍ନ ପର୍ବ ପାଇଁ ଆବଶ୍ୟକ ବାଉଁଶ ପାତିଆ ଓ ମାଟିର ପାତ୍ର, ପନିପରିବା, ଲୁଗାପଟା, ବାସନକୁସନ ଲୋକେ କିଣୁଥିବା ଦେଖିବାକୁ ମିଳୁଛି । ତେବେ ସରିଆ ନୂଆ ଧାନର ପସରା ଦୃଷ୍ଟିଗୋଚର ହେଉ । ଅନ୍ୟ ପକ୍ଷରେ ନୂଆଁଖାଇ ପାଇଁ ବିଭିନ୍ନ ସ୍ଥାନରେ ସ୍ୱତନ୍ତ୍ର ହାଟରେ ଲୋକେ ସଉଦା ପତ୍ର କରିଛନ୍ତି ।

ହାଟ ଓ ବଜାରରେ ଧାନ ବିକ୍ରୟ ହେଉଛି ତା'ର ଦାମ ପୂର୍ବାପେକ୍ଷା ବଢ଼ିଛି । ନୂଆଁଖାଇ ଦିନ ବଡ଼ି ଭୋରରୁ ଗାଁ ଗୁଡିକରେ ପୀଢ଼ିପୀଢ଼ି ଧରି ନିର୍ଦ୍ଦିଷ୍ଟ ପରିବାର ନୂଆଁ ଧାନ ଗ୍ରାମବାସୀମାନଙ୍କୁ ପ୍ରଦାନ କରିଥାନ୍ତି । ଏ ବର୍ଷ ଏମାନଙ୍କୁ ନୂଆ ଧାନ ଖୋଜିବାକୁ ପଡୁଛି । ସେହିଭଳି ନୂଆଁଖାଇ ବିଧି ପାଇଁ ଆବଶ୍ୟକ ପନିପରିବାର ମଧ୍ୟ ଚାହିଦା ବୃଦ୍ଧି ପାଇଛି । ଏହି ଗଣପର୍ବ ପାଇଁ ଉନ୍ମାଦନା ବଢ଼ି ଚାଲିଥିଲେ ମଧ୍ୟ ଖାସ କରି ବର୍ଷା ଉପରେ ନିର୍ଭରଶୀଳ ଅଞ୍ଚଳରେ ଚାଷୀମାନେ ଚାଷ ପାଇଁ ଚିନ୍ତାରେ ଥିଲେ । ମାତ୍ର ମୌସୁମୀ ବିଳମ୍ବିତ ହୋଇଥିଲା । ମୌସୁମୀ ଆରମ୍ଭରୁ ଭଲ ବର୍ଷା ହେବାରୁ ଚାଷୀମାନଙ୍କ ମଧ୍ୟରେ ଭଲ ଫସଲ ନେଇ ଆଶା ସଂଚାର ହୋଇଛି । ବିଳମ୍ବରେ ହେଲେ ମଧ୍ୟ ଏଥର ଚାଷୀମାନେ କମ୍ ଅବଧିରେ ହେଉଥିବା ଧାନ ଚାଷ କରିଛନ୍ତି । ନୂଆଁଖାଇ ପାଳନ ପାଇଁ ନିଜ ଗାଁ ଓ ସହରରୁ ଦୂରରେ ଥିବା ବିଶେଷ କରି କର୍ମଚାରୀ, ଅଧିକାରୀ ଓ ଶ୍ରମଜୀବୀମାନେ ନିଜ ପରିବାର ସହ ଘରେ ପହଞ୍ଚିଛନ୍ତି । ଏଥିପାଇଁ ପଶ୍ଚିମଓଡ଼ିଶାକୁ ଆସୁଥିବା ଟ୍ରେନ୍, ବସ ଓ ଅନ୍ୟାନ୍ୟ ଯାନବାହାନରେ ଯାତ୍ରୀଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା ।

## ନୂଆଁଖାଇ ଉପଲକ୍ଷେ ବିଭିନ୍ନ ପଞ୍ଚାୟତରେ ଛେଳି ଓ କୁକୁଡ଼ା ବଜାର



ପୁରିବାହାଲ,(ସବ୍ୟୁ): ବଲାଙ୍ଗିର ଜିଲ୍ଲା ପୁରିବାହାଲ ବ୍ଲକ ଓଡ଼ିଶା ଜୀବିକା ମିଶନ ପକ୍ଷରୁ ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଁଖାଇ ଉପଲକ୍ଷେ ବ୍ଲକର ବିଭିନ୍ନ ପଞ୍ଚାୟତରେ ଛେଳି ଓ କୁକୁଡ଼ା ବଜାର ଆୟୋଜିତ ହୋଇଯାଇଛି।ଏଥିରେ ବିଭାଗ ସହାୟତାରେ ବିଭିନ୍ନ ମହିଳା ଗୋଷ୍ଠୀଙ୍କ ଦ୍ୱାରା ବହୁ କୁକୁଡ଼ା ଓ ଛେଳି ଆଦି ବିକ୍ରୟ କରାଯାଇଥିଲା। ସ୍ଥାନୀୟ ଜନସାଧାରଣ ନିଜ ପାଖରେ ଏପରି ବଜାର ପାଇ ପାରି ବହୁ କିଣାବିକା କରିଥିବା ବେଳେ ମହିଳା ଗୋଷ୍ଠୀଙ୍କ ଆର୍ଥିକ ରୋଜଗାର ମଧ୍ୟ ହୋଇଥିଲା। ଚଳିତ ବର୍ଷ ପ୍ରାୟ ୫୦ଲକ୍ଷ ଟଙ୍କାର ବ୍ୟବସାୟ ହୋଇ ପାରିଥିବା ଜଣାପଡିଛି।

ସୂଚନାଯୋଗ୍ୟ ଯେ ବିଗତ ୩ବର୍ଷ ଧରି ଓଡ଼ିଶା ଜୀବିକା ମିଶନ ବିଭାଗ ତରଫରୁ ଏହି ନୂଆଁଖାଇ ବଜାରର ଆୟୋଜନ କରାଯାଇଆସୁଛି। ଓଡ଼ିଶା ଜୀବିକା ମିଶନର ବିପିଏମ୍ ଡ ଗୋପାଳକୃଷ୍ଣ ଦୀପଙ୍କ ପ୍ରତ୍ୟେକ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଛେଳି ଓ କୁକୁଡ଼ା ବଜାରଗୁଡିକରେ ସଂପୃକ୍ତ ପଞ୍ଚାୟତର ଏମବିକେ, ସିଆରପି, କେଏମ ଓ ପିଏମ୍ ପ୍ରମୁଖ ସହଯୋଗ କରିଥିଲେ।

## କଳାହାଣ୍ଡି ଜିଲ୍ଲା ଗସ୍ତରେ ବିଜେପି ରାଜ୍ୟ ସଭାପତି

ଭବାନୀପାଟଣା,(ସବ୍ୟୁ) : ଶାସକ ବିଜେପି ଦଳର ରାଜ୍ୟ ମୁଖିଆ ଭାବେ ନେତୃତ୍ୱ ନେବା ପରେ ଦୁଇଦିନିଆ କଳାହାଣ୍ଡି ଜିଲ୍ଲା ଗସ୍ତରେ ଆସି ପହଞ୍ଚିଛନ୍ତି ମନମୋହନ ସାମଲ। ଶ୍ରୀ ସାମଲ କୁହାଯାଉଥିବା ଅମାଠ ଛକରେ ପହଞ୍ଚିବା ପରେ ସେଠାରେ ତାଙ୍କୁ ଦଳୀୟ ନେତୃବୃନ୍ଦ ସ୍ୱାଗତ କରିଥିଲେ। ଏହାପରେ କେସିଙ୍ଗା, ଉତ୍କେଲା, ପାଷ୍ଟିକୁଡ଼ି ଦେଇ ଭବାନୀପାଟଣାରେ ପହଞ୍ଚିବା ପରେ ବାଇପାସ ରାସ୍ତା ପାଖରେ ହଜାର ହଜାର ଦଳୀୟ କର୍ମକର୍ତ୍ତା ତାଙ୍କୁ ସ୍ୱାଗତ ଜଣାଇଥିଲେ। ସେଠାରୁ ଏକ ବିଶାଳ ବାଇକ ଶୋଭାଯାତ୍ରା ସହିତ ତାଙ୍କୁ ସ୍ୱାଗତ କରାଯାଇଥିଲା। ପରେ ଶ୍ରୀ ସାମଲଙ୍କ ଉଦ୍ଦେଶ୍ୟରେ ଶୋଭାଯାତ୍ରା ମାଣିକେଶ୍ୱରୀ ଛକ, ଦୟାନିଧି ଛକ, ଘୋଡ଼ାଘାଟ ଛକ ଦେଇ ଟାଉନହଲରେ ପହଞ୍ଚିଥିଲା। ସେଠାରେ ଦଳ ତରଫରୁ ରାଜ୍ୟ ସଭାପତିଙ୍କ ଉଦ୍ଦେଶ୍ୟରେ ଅନୁଷ୍ଠିତ ସ୍ୱାଗତ ସମ୍ବର୍ଦ୍ଧନା ଓ ମିଶ୍ରଣ ପର୍ବରେ ଯୋଗ ଦେଇଥିଲେ। ଜିଲ୍ଲା ସଭାପତି ଯୁଗଳ କିଶୋର ପୋଢ଼ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ରାଜ୍ୟ ପ୍ରାଣୀ ଓ ମତ୍ସ୍ୟ ସମ୍ପଦ ତଥା ଅଣୁ, କ୍ଷୁଦ୍ର ଉଦ୍ୟୋଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ଲୋକସଭା ସାଂସଦ ମାଳବିକା ଦେବୀ, ରାଜ୍ୟସଭା ସାଂସଦ ସୁଜିତ କୁମାର, ପୂର୍ବତନ ବିରୋଧୀ ଦଳ ନେତା ପ୍ରଦୀପ ନାଏକ, ଧର୍ମଗଡ଼ ବିଧାୟକ ସୁଧୀର ପାଟଯୋଶୀ, ପୂର୍ବତନ ସାଂସଦ ଅର୍କକେଶରୀ ଦେଓ, ପୂର୍ବତନ ମନ୍ତ୍ରୀ ହିମାଂଶୁ ମେହେର, ରାଜ୍ୟ ସଂପାଦକ ସରୋଜ କର, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅନିରୁଦ୍ଧ ପ୍ରଧାନ, ରମେଶଚନ୍ଦ୍ର ମାଝୀ, ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷା ନମିତାରାଣୀ ସାହୁ, ପୂର୍ବତନ ଜିଲ୍ଲା ସଭାପତି ସୁନୀଲ ବେହେରା, ଶେଷଦେବ ବେହେରା, ଧନଞ୍ଜୟ ପାତ୍ର, ଦେବେନ୍ଦ୍ର ମହାନ୍ତି, ଆର୍ତ୍ତତ୍ରାଣ ମହାପାତ୍ର ପ୍ରମୁଖ ମଞ୍ଚାସୀନ ଥିଲେ । ଜିଲ୍ଲା ସଭାପତି ଶ୍ରୀ ପୋଢ଼ ସ୍ୱାଗତ ଅଭିଭାଷଣ ଦେଇଥିବାବେଳେ ଜିଲ୍ଲା ସାଧାରଣ ସଂପାଦକ ଜୟଶଙ୍କର ନାଏକ ସଭା ପରିଚାଳନା କରିଥିଲେ। ପୂର୍ବତନ ବିଧାୟକ ଅନାମ ନାଏକ, ଜୁନାଗଡ଼ ନଗରପାଳ ମୁକେଶ ଅଗ୍ରୱାଲ, ଜିଲ୍ଲା ଯୁବ ମୋର୍ଚ୍ଚା ସଭାପତି ବିଜୟଦେବ ସାହୁ, ପ୍ରଦୀପ କୁମାର ଦାସଙ୍କ ସମେତ ଜିଲ୍ଲା ଓ ମଣ୍ଡଳସ୍ତରୀୟ ସଭାପତି, ସଂପାଦକ ତଥା ବହୁସଂଖ୍ୟାରେ ମହିଳା ଓ ପୁରୁଷ ଦଳୀୟ କର୍ମୀ ଯୋଗ ଦେଇଥିଲେ । ଏଥିରେ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ଶତାଧିକ ବିଜେଡି ଓ କଂଗ୍ରେସ ଦଳର ଅନେକ ନେତା ଓ କର୍ମୀ ଦଳ ଛାଡ଼ି ବିଜେପି ଦଳରେ ସାମିଲ ହୋଇଥିଲେ। ସେହିପରି ୨୦ରୁ ଅଧିକ ସରପଞ୍ଚ ଓ ସମିତି ସଭ୍ୟ, ସଭ୍ୟା ମଧ୍ଧ ବିଧିବଦ୍ଧ ଭାବେ ଦଳରେ ସାମିଲ ହୋଇଥିବା ଜଣାପଡ଼ିଛି । ଦଳ ତରଫରୁ ରାଜ୍ୟ ସଭାପତି ଶ୍ରୀ ସାମଲଙ୍କ ସମେତ ଅନ୍ୟ ନେତୃବୃନ୍ଦ ସେମାନଙ୍କୁ ସ୍ୱାଗତ କରିଥିଲେ ।

## ଗଣପର୍ବ ନୂଆଁଖାଇ ପାଇଁ କୁଷ୍ଠାଶ୍ରମରେ ରାସନ ସାମଗ୍ରୀ ବଣ୍ଟନ

ସମ୍ବଲପୁର,(ସବ୍ୟୁ): ପଶ୍ଚିମ ଓଡିଶାର କୃଷିଭିତ୍ତିକ ଗଣପର୍ବ ନୂଆଁଖାଇ ଉପଲକ୍ଷେ ମାଁ ସମଲେଇ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ କୁଷ୍ଠାଶ୍ରମରେ ରାସନ ସାମଗ୍ରୀ ବଣ୍ଟନ କରାଯାଇଛି । ସ୍ଥାନୀୟ ଦୁର୍ଗାପାଲି ସ୍ଥିତ କୁଷ୍ଠାଶ୍ରମର ଅନ୍ତେବାସୀଙ୍କୁ ରାସନ ସାମଗ୍ରୀ ସହ ନୂଆଁ ଶାଢୀ, ଲୁଙ୍ଗି, ଗାମୁଛା ଆଦି ପ୍ରଦାନ କରାଯାଇଛି । ଫଳରେ ସେମାନେ ନୂଆଁ ଖାଇବା ସହ ନୂତନ ବସ୍ତ୍ର ପରିଧାନ କରି ଗଣପର୍ବ ନୂଆଁଖାଇ ଧୁମଧାମରେ ପାଳନ କରିପାରିବେ । ଏଥିରେ ନିଶିକାନ୍ତ ବିଶ୍ୱାଳ, ଆଶିଷ ସାହୁ, ଆଲୋକ ମହାକୁର, କାହ୍ନଚରଣ ଷଡଙ୍ଗୀ, ରାଜେନ୍ଦ୍ର ସତନାମୀ ଓ ସୁର୍ନୀଲ ସାଗର ପ୍ରମୁଖ ଉପସ୍ଥିତ ଥିଲେ ।

## ବିଭିନ୍ନ ଶିକ୍ଷାନୁଷ୍ଠାନରେ ଗଣେଶ ପୂଜା ପାଳିତ

ବୋରିଗୁମ୍ମା,(ସବ୍ୟୁ): କୋରାପୁଟ ଜିଲ୍ଲାରେ ଲଘୁଚାପ ଜନିତ ବର୍ଷା ଲାଗି ରହିଛି। ପ୍ରବଳ ବର୍ଷା ସତ୍ତ୍ୱେ ଗଣେଶ ଚତୁର୍ଥୀ ଉପଲକ୍ଷେ ବୋରିଗୁମ୍ମା ବ୍ଲକର ବିଭିନ୍ନ ଶିକ୍ଷାନୁଷ୍ଠାନ ସହ ଅନ୍ୟାନ୍ୟ ସ୍ଥାନରେ ପ୍ରଭୁ ଗଜାନନଙ୍କ ପୂଜା କରାଯାଇଛି। ବୋରିଗୁମ୍ମା ସଦର ମହକୁମା ରେ ଥିବା ସରକାରୀ ଉଚ୍ଚ ବିଦ୍ୟାଳୟ ଠାରେ ବିଘ୍ନ ବିନାଶକ ପ୍ରଭୁ ଗଣେଶଙ୍କୁ ଆବାହନ କରାଯାଇ ପୂଜାର୍ଚ୍ଚନା କରାଯାଇଥିଲା। ସେହିଭଳି ସରକାରୀ ଏମଇ ସ୍କୁଲ ରେ ଧୁମଧାମରେ ଗଣେଶ ପୂଜା କରାଯାଇଥିଲା। ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ ଙ୍କ ସମେତ ପ୍ରଧାନ ଶିକ୍ଷୟିତ୍ରୀ ଶାନ୍ତିଲତା ନାୟକ ଓ ଅନ୍ୟ ଶିକ୍ଷକ ଶିକ୍ଷୟିତ୍ରୀ ମାନେ ଉପସ୍ଥିତ ରହି ପୂଜାର୍ଚ୍ଚନାରେ ଭାଗ ନେଇଥିଲେ।ସେହିପରି ସ୍ଥାନୀୟ ସରସ୍ୱତୀ ଶିଶୁ ମନ୍ଦିର, ଜେ ବି ସ୍କୁଲ, ଦାସିରି ସାହି ବିଦ୍ୟାଳୟ, ଅରବିନ୍ଦ ପୂର୍ଣାଙ୍ଗ ଶିକ୍ଷା କେନ୍ଦ୍ର ସହ ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନରେ ଗଣେଶ ପୂଜା କରାଯାଇଥିଲା।

## ଖୁଣ୍ଟିଗୋରା ଭଲିବଲ ଟୁର୍ଣ୍ଣାମେଣ୍ଟ : ବଲ ବ୍ଲାଷ୍ଟର ଚାମ୍ପିଅନ



କନ୍ଧମାଳ,(ସବ୍ୟୁ): କନ୍ଧମାଳ ବ୍ଲକ ଖୁଣ୍ଟିଗୋରା ଖେଳ ପଡିଆରେ ପବିତ୍ର ନୂଆଁଖାଇ ଉପଲକ୍ଷେ ଆୟୋଜିତ ହୋଇଥିବା ବନ୍ଧୁତ୍ୱପୂର୍ଣ୍ଣ ଭଲିବଲ ଟୁର୍ଣ୍ଣାମେଣ୍ଟ ରବିବାର ଉଦଯାପିତ ହୋଇଯାଇଛି । ପ୍ରତିଯୋଗିତାରେ ସର୍ବମୋଟ ୮ଟି ଦଳ ଅଂଶଗ୍ରହଣ କରିଥିଲେ । ଅନ୍ତିମ ଦିବସରେ ନେଟ ନିଞ୍ଜା ଦଳ ଓ ବଲ ବ୍ଲାଷ୍ଟର ଦଳ ମଧ୍ୟରେ ଫାଇନାଲ ଖେଳ ଅନୁଷ୍ଠିତ ହୋଇଥିଲା । ଏଥିରେ ୨-୦ ପଏଣ୍ଟରେ ବଲ ବ୍ଲାଷ୍ଟର ଦଳ ବିଜୟୀ ହୋଇ ଚାମ୍ପିଆନ ହୋଇଛି । ମହେନ୍ଦ୍ର କୁମାର ସାହୁ ଖେଳ ପରିଚାଳନା କରିଥିଲେ ୯ ଲକି ସାହୁ ଏବଂ ଶୁକ ଦେହୁରୀ ଲାଇନ୍ସମ୍ୟାନ ଦାୟିତ୍ୱ ତୁଲାଇ ଥିଲେ । ପୁରସ୍କାର ବିତରଣ ଉତ୍ସବରେ ପ୍ରାଣୀ ସମ୍ପଦ ସର୍ଜନ ଆକାଶ କୁମାର ସାହୁ ମୁଖ୍ୟ ଅତିଥି ଏବଂ ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ ସଞ୍ଜୀବ କୁମାର ବେହେରା, ସୁନୀଲ ସାହୁ, ମନୋଜ ସାହୁ, ବରିଷ୍ଠ ନାଗରିକ ବାମନ ସାହୁ ଯୋଗ ଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ । ଉଭୟ ଦଳକୁ ଟ୍ରଫି ଓ ଅର୍ଥରାଶି ଏବଂ ଖେଳାଳି ସରୋଜ ସାହୁଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଏବଂ ଅନିଲ କୁମାର ସାହୁଙ୍କୁ ମ୍ୟାନ ଅଫ ଦି ସିରିଜ ପ୍ରଦାନ କରାଯାଇଥିଲା । ଲମ୍ବୋଦର ବେହେରା ଏବଂ କେଦାର ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଖେଳରେ ଖୁଣ୍ଟିଗୋରା ଭଲିବଲ କମିଟିର ସମସ୍ତ ସଦସ୍ୟ ସହଯୋଗ କରିଥିଲେ ।

## ବେଆଇନ ନିଶା ସାମଗ୍ରୀ ବିକ୍ରି ଅଭିଯୋଗ, ଦୁଇ ଗିରଫ

ସମ୍ବଲପୁର,(ସବ୍ୟୁ): ବେଆଇନ ନିଶା ସାମଗ୍ରୀ ବିକ୍ରିବେଳେ ଠେଲକୋଲୋଇ ଥାନା ପୋଲିସ ୨ଜଣଙ୍କୁ ଗିରଫ କରିଛି । ଏଥିସହ ଏକ କାର, ସ୍କୁଟି, ୪୨ଟି ନିଶା କଫସିରପ ଭର୍ତ୍ତିବୋତଲ, ୬ଟି ଖୋଲା କଫସିରପ, ନିଶାବଟିକା, ୪ଲିଟର ଅପମିଶ୍ରିକ କଫସିରପ, ୧୦ଟି ଦେଶୀ ମଦ ଜବତ ହୋଇଛି । ଏନେଇ ୩୬୪/୨୫ରେ ଏକ ମାମଲା ରୁଜୁ କରାଯାଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି । ସୂଚନାଯୋଗ୍ୟ, ଗତ ୨୬ତାରିଖ ରାତିରେ ପୋଲିସ ପାଟ୍ରୋଲିଂ କରୁଥିବା ବେଳେ ଠେଲକୋଲୋଇ ସାପ୍ତାହିକ ବଜାର ନିକଟରେ ନିଶା ସାମଗ୍ରୀ ବିକ୍ରି ହେଉଥିବା ଖବର ପାଇ ଚଢଉ କରାଯାଇଥିଲା । ଚଢଉ ବେଳେ କାର ଗାଡି ନମ୍ବର(ଓଡି୧୫ଏ-୯୮୬୪) ଓ ସ୍କୁଟି ଗାଡି ନମ୍ବର(ଓଡି୨୩ଏଲ୍- ୦୩୨୪) ଏବଂ ଉପରୋକ୍ତ ସାମଗ୍ରୀ ସହ ସମ୍ବଲପୁର ଗୁମକରମା ଗ୍ରାମର ସାଗର ନାଏକ(୨୯) ଓ ଝାରସୁଗୁଡା ସୁନାମାଳ ଗ୍ରାମର ପ୍ରଦୀପ ପୋଢ(୨୯)ଙ୍କୁ ଗିରଫ କରାଯାଇଛି ।

## ନିଶା କଫ ସିରପ୍ ବିକ୍ରି, ୨ଗିରଫ

ସମ୍ବଲପୁର,(ସବ୍ୟୁ): ସମ୍ବଲପୁର ଜିଲ୍ଲା ବୁର୍ଲା ଥାନା ପୋଲିସ ନିଶା କଫସିରପ ବିକ୍ରି ଅଭିଯୋଗରେ ୨ଜଣଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ମାନେ ଅନ୍ଧାରୀପତ୍ରା ଗ୍ରାମର ମୁକେଶ ଛତ୍ରିଆ(୨୬) ଓ ବରଗଡ ଜିଲ୍ଲା ଅତାବିରା ଥାନା ପୂଜାପାଲିର ଦୟାସାଗର ବେସନ(୨୭) ବୋଲି ଜଣାପଡିଛି । ସେମାନଙ୍କ ଠାରୁ ଏକ କାର, ୧୬୦ଟି ନିଶା କଫସିରପ ଭର୍ତ୍ତି ବୋତଲ, ୬ଟି କଫସିରପ ଭର୍ତ୍ତି ଖୋଲା ବୋତଲ ଓ ୮ଟି ଖୋଲା କଫସିରପ ବୋତଲ ଜବତ ହୋଇଛି । ଏନେଇ ୩୭୨/୨୫ରେ ଏକ ମାମଲା ରୁଜୁ କରାଯାଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି । ସୂଚନାଯୋଗ୍ୟ, ବୁର୍ଲା ଥାନା ପୋଲିସ ପକ୍ଷରୁ ଗତ ୨୬ ତାରିଖ ସାନ୍ଧ୍ୟ ପେଟ୍ରୋଲିଂ କରାଯାଉଥିବା ବେଳେ ଅନ୍ଧାରୀପତ୍ରା ଗ୍ରାମ୍ୟ ରୋଡ ନିକଟରେ ବେଆଇନ ଭାବେ କଫସିରପ ବିକ୍ରି କରାଯାଉଥିବା ଏକ ବିଶ୍ୱସ୍ତ ସୂତ୍ରରୁ ଖବର ମିଳିଥିଲା । ଖବର ପାଇ ପୋଲିସ ଚଢଉ କରି ଉପରୋକ୍ତ ସାମଗ୍ରୀ ସହ ଅଭିଯୁକ୍ତଙ୍କୁ ଗିରଫ କରିଛି ।

## କଫ୍ ସିରପ୍ ଚୋରାଚାଲାଣ, ୨ ଗିରଫ

ସମ୍ବଲପୁର,(ସବ୍ୟୁ): ବେଆଇନ କଫସିରପ ଚୋରାଚାଲାଣ ବେଳେ ବୁର୍ଲା ଥାନା ପୋଲିସ ୨ଜଣଙ୍କୁ ଗିରଫ କରିଛି । ଏଥିସହ ଏକ ପିକଅପ୍ ଭ୍ୟାନ, ୩୦୦୦ କଫ ସିରପ ଭର୍ତ୍ତି ବୋତଲ, ୨ଟି ମୋବାଇଲ ଫୋନ ଓ ୧ଲକ୍ଷ ୧୨ହଜାର ଟଙ୍କା ଜବତ ହୋଇଛି । ଏନେଇ ୩୭୧/୨୫ରେ ଏକ ମାମଲା ରୁଜୁ କରାଯାଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି । ସୂଚନାଯୋଗ୍ୟ, ସମ୍ବଲପୁର ବିଶ୍ୱବିଦ୍ୟାଳୟ ଜ୍ୟୋତି ବିହାର ସ୍ଥିତ ସୂଚନା ଓ ପ୍ରଯୁକ୍ତି ସଂସ୍ଥାନ (ସୁଇଟ୍)ର ପଛପଟ ଖୋଲା ପଡିଆରେ ବ୍ୟାପକ ପରିମାଣର ନିଶା କଫସିରପ ଏକ ପିକଅପ୍ ଭ୍ୟାନ ଗାଡି ନମ୍ବର( ଓଡି୧୭ଏସି-୮୪୨୧)ରେ ଭର୍ତ୍ତି ହେଉଥିବା ଖବର ପାଇ ପୋଲିସ ଚଢଉ କରିଥିଲା । ଚଢଉ ବେଳେ ଉପରୋକ୍ତ କଫସିରପ ସହ ବୁର୍ଲା ତାଲପଡାର ଆକାଶ ସାମଲ(୨୬) ଓ ସୁବର୍ଣ୍ଣପୁର ଜିଲ୍ଲା ବିନିକା ଥାନା ସିଙ୍ଘିଯୁବା ଗ୍ରାମର ସୁକଦେବ ଦୀପ(୨୧)ଙ୍କୁ ଗିରଫ କରିଛି ।

## ହୀରାକୁଦ ଡ୍ୟାମର ୨ଟି ଗେଟ୍ ଦେଇ ବନ୍ୟାଜଳ ନିଷ୍କାସନ



ସମ୍ବଲପୁର, (ସବ୍ୟୁ): ହୀରାକୁଦ ଡ୍ୟାମର ଉପରମୁଣ୍ଡରୁ ଜଳ ପ୍ରବାହ ପୂର୍ବାପେକ୍ଷା କମିଛି । ଜଳଭଣ୍ଡାରକୁ ପ୍ରତି ସେକେଣ୍ଡରେ ୧ଲକ୍ଷ ୯ହଜାର୧୮୦ଘନଫୁଟ ଜଳ ପ୍ରବେଶ କରୁଛି । ସେହିପରି ୯୮ହଜାର୧୩୩ଘନଫୁଟ ଜଳ ନିଷ୍କାସିତ ହେଉଛି । ଏଭଳିସ୍ଥଳେ ଜଳସ୍ତର କମିବାରେ ଲାଗିଛି । ଏହାକୁ ଦୃଷ୍ଟିରେ ରଖି ଖୋଲା ଯାଇଥିବା ୧୨ଟିରୁ ୧୦ଟି ଗେଟ୍‌କୁ ବନ୍ଦ କରି ଦିଆଯାଇଛି । ମାତ୍ର ୨ଟି ଗେଟ୍ ଦେଇ ବନ୍ୟାଜଳ ନିଷ୍କାସିତ ହେଉଛି । ବାମ ଓ ଡାହାଣ ପଟୁ ୧ଟି ଲେଖାଁଏ ଗେଟ୍ ଖୋଲା ଯାଇଛି । ବୁଧବାର ସଂନ୍ଧ୍ୟା ୬ଟା ସୁଦ୍ଧା ଜଳସ୍ତର ୬୨୨.୧୦ଫୁଟ୍ ରହିଛି । ନିଷ୍କାସିତ ଜଳ ମଧ୍ୟରୁ ସ୍ପିଲୱେକୁ ୬୩ହଜାର ୩୦୮ଘନଫୁଟ, ପାୱାର ଚେନାଲକୁ ୩୧ହଜାର ୫୭୨ଘନଫୁଟ, କେନାଲକୁ ୩ହଜାର ୩୯ଘନଫୁଟ ଓ କଳକାରଖାନାକୁ ୨୧୪ଘନଫୁଟ ଜଳ ଛଡା ଯାଉଛି । ଗେଟ୍ ଖୋଲାଥିବାରୁ ମହାନଦୀର ବେଲଗାଁରେ ୧୭ହଜାର, ପର୍ଥଲାରେ ୩୬ହଜାର୩୨୭ , ଖଇରମାଳରେ ୧ଲକ୍ଷ ୬୨ହଜାର, ବାରମୂଳରେ ୨ଲକ୍ଷ ୨୭ହଜାର ୫୦୦ ଓ ମୁଣ୍ଡଳିରେ ୩ଲକ୍ଷ ୩୧ହଜାର୯୬୩କ୍ୟୁସେକ୍ ଜଳ ପ୍ରବାହିତ ହେଉଛି । ଉପରମୁଣ୍ଡରୁ ଜଳ ପ୍ରବାହ ଓ ଜଳସ୍ତରକୁ ଦୃଷ୍ଟିରେ ରଖି ଖୋଲା ଯାଇଥିବା ଗେଟ୍ ବନ୍ଦ କରାଯିବ ବୋଲି ବନ୍ଧ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି।

### ଦାଦନ ସମସ୍ୟା ରୋକିବାକୁ ପ୍ରଶାସନର ପ୍ରୟାସ

## ରେଙ୍ଗାଲିରେ ପ୍ରବାସୀ ଶ୍ରମିକ ସଚେତନତା

ଖପ୍ରାଖୋଲ,(ସବ୍ୟୁ): ଖପ୍ରାଖୋଲ ବ୍ଲକ ରେଙ୍ଗାଲି ହାଟ ପଦାରେ ଜିଲ୍ଲା ପ୍ରଶାସନ ଓ ଶ୍ରମ ବିଭାଗର ମିଳିତ ଉଦ୍ୟମରେ ଦାଦନ ସମସ୍ୟା ରୋକିବାକୁ ପ୍ରବାସୀ ଶ୍ରମିକ ସଚେତନତା କାର୍ଯ୍ୟକ୍ରମ ମଙ୍ଗଳବାର ସହକାରୀ ଶ୍ରମ ଅଧିକାରୀ ବିଭୁଦତ୍ତ ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା।କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ରୂପେ ଜିଲ୍ଲା ଶ୍ରମ ଅଧିକାରୀ ସୁକାନ୍ତ କୁମାର ସେଠୀ, ସମ୍ମାନୀତ ଅତିଥି ରୂପେ ବିଡ଼ିଓ ବିବେକାନନ୍ଦ ଷଡ଼ଙ୍ଗୀ,ତହସିଲଦାର ସତ୍ୟ ସୁନ୍ଦର ରାଉତରାୟ, ଲାଠୋର ଥାନା ଅଧିକାରୀ ରାକେଶ କୁମାର ବେହେରା, ସହକାରୀ ନିର୍ବାହୀ ଯନ୍ତ୍ରୀ ରାଜ କିଶୋର ନାଏକ ପ୍ରମୁଖ ଯୋଗଦେଇ ଥିଲେ। ଏହି ଅବସରରେ ପ୍ରବାସୀ ଶ୍ରମିକ ପାରିବାର କିଭଳି ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନାର ଲାଭ ନେଇ ଭିଟା ମାଟିରେ ରହିବା ସହିତ ଆତ୍ମ ନିର୍ଭର ଶିଳ ହୋଇପାରିବେ ସେନେଇ ବିଭିନ୍ନ ବିଭାଗ ର ଅଧିକାରୀ ମାନେ ଉପସ୍ଥାପନ କରିଥିଲେ। ସେହିପରି ଶ୍ରମ ବିଭାଗ ର ବିଭିନ୍ନ ଶ୍ରମିକ ମଙ୍ଗଳ କାର୍ଯ୍ୟକ୍ରମ ଉପରେ ଆଲୋକପାତ କରିବା ସହିତ ଦାଦନ ଖଟିବାକୁ ଗଲାବେଳେ ସଚେତନ ହୋଇ ପଞ୍ଜୀକୃତ ମଧ୍ୟସ୍ଥି ସହିତ ନିଜ ନାମ ପଞ୍ଜିକରଣ କରି ଯିବାକୁ କହିଥିଲେ। ଏହି ଅବସରରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ଶ୍ରମିକଙ୍କୁ ୩ ଶହ ଦିନର କାମ ଯୋଗାଇ ଦେବାକୁ ସରପଞ୍ଚ ଉମାକାନ୍ତ ମେହେର ଦାବି କରିଥିଲେ। କାର୍ଯ୍ୟକ୍ରମରେ ଏପିଓ ପ୍ରଶାନ୍ତ କୁମାର ସାହୁ, ଯୋଗାଣ ଅଧିକାରୀ ବିକାଶ ବାର୍ଲା, ବ୍ଲକ କୃଷି ଅଧିକାରୀ ସନ୍ତୋଷ କୁମାର ମେହେର,ସହକାରୀ ଉଦ୍ୟାନ କୃଷି ଅଧିକାରୀ ଜିନିତା ବରୁଆ ସମେତ ବିଭିନ୍ନ ବିଭାଗର ଅଧିକାରୀ, ଶତାଧିକ ମାହିଳା ପୁରୁଷ ଶ୍ରମିକ ଉପସ୍ଥିତ ଥିଲେ।

## କୃଷି ବିଶ୍ୱବିଦ୍ୟାଳୟ ଦାବିରେ ଗର୍ଜିଲା କଂଗ୍ରେସ

ବଲାଙ୍ଗିର,(ସବ୍ୟୁ): ୨୦୧୪ ବିଧାନସଭାରେ କେବିକେରେ ଦ୍ୱିତୀୟ କୃଷି ବିଶ୍ୱ ବିଦ୍ୟାଳୟ ଘୋଷଣା କରିଥିଲେ ତତ୍କାଳୀନ ରାଜ୍ୟପାଳ। କିନ୍ତୁ ସେହି ସମୟର ସରକାର ନିଜ ପ୍ରତିଶ୍ରୁତିକୁ କାର୍ଯ୍ୟକାରୀ କଲାନାହିଁ । ଯଦିଓ ସରକାର ଏକ ନିରନ୍ତନ ପ୍ରକ୍ରିୟା ବର୍ତ୍ତମାନର ମୋହନ ସରକାର ଦ୍ୱିତୀୟ କୃଷି ବିଶ୍ୱ ବିଦ୍ୟାଳୟ କେବିକେର ବଲାଙ୍ଗିର ଅଞ୍ଚଳରେ ଦାବି ମୁତାବକ ସ୍ଥାପନ କରିବା କଥା । କିନ୍ତୁ ତାହା ମଧ୍ୟ ହେଲା ନାହିଁ । ରାଜ୍ୟର ଉପମୁଖ୍ୟମନ୍ତ୍ରୀ ଯିଏ କି ସରକାରରେ କୃଷି ବିଭାଗ ଦାୟିତ୍ୱରେ ଅଛନ୍ତି , ବିରୋଧିରେ ଥିଲା ବେଳେ ତତ୍କାଳିନ ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ତତ୍କାଳିନ ବିରୋଧି ଦଳନେତା ନରସିଂହ ମିଶ୍ରଙ୍କ ନେତୃତ୍ୱରେ ଯାଇ କୃଷି ବିଶ୍ୱ ବିଦ୍ୟାଳୟ ଦାବି ଜଣାଇଥିଲେ । କିନ୍ତୁ ବର୍ତ୍ତମାନ ସରକାରକୁ ଆସି ବଲାଙ୍ଗିରର ନ୍ୟାର୍ଯ୍ୟ ଦାବିକୁ ଉପେକ୍ଷା କରିଛନ୍ତି । ଫଳରେ ବଲାଙ୍ଗିରବାସୀ ଜାଣିବା ଦରକାର ଯେପରି ୧୦ବର୍ଷ ପୂର୍ବର ଘୋଷଣାକୁ କାର୍ଯ୍ୟକାରୀ ନ କରି ବିଜେଡି ସରକାର ବଲାଙ୍ଗିର ପ୍ରତି ବିଶ୍ୱାସଘାତକତା କରିଛି ଠିକ୍ ସେହିପରି ବିଜେପି ସରକାରର ଉପମୁଖ୍ୟମନ୍ତ୍ରୀ ଯେ କି ବର୍ତ୍ତମାନ ବଲାଙ୍ଗିର ଜିଲ୍ଲାରୁ ପ୍ରତିନିଧିତ୍ୱ କରୁଛନ୍ତି ବିରୋଧିରେ ଥିଲା ବେଳେ କୃଷି ବିଶ୍ୱ ବିଦ୍ୟାଳୟ ଦାବି ଓ ସରକାରକୁ ଆସିଲା ପରେ ନ୍ୟାର୍ଯ୍ୟ ଦାବିରୁ ପଛଘୁଞ୍ଚା ଦେଇ ବଲାଙ୍ଗିରବାସୀଙ୍କୁ ଉପେକ୍ଷା କରିଛନ୍ତି ବୋଲି ମଙ୍ଗଳବାର ସ୍ଥାନୀୟ ଜିଲ୍ଲାପାଳ କାର୍ଯ୍ୟାଳୟ ଅଫିସ ସମ୍ମୁଖରେ ଅନୁଷ୍ଠିତ କୃଷି ବିଶ୍ୱ ବିଦ୍ୟାଳୟ ଦାବିକୁ ନେଇ ବିକ୍ଷୋଭ ସମାବେଶରେ ଯୋଗ ଦେଇ କଂଗ୍ରେସ ନେତା ସମରେନ୍ଦ୍ର ମିଶ୍ର ଉଭୟ ବିଜେଡି ଓ ବିଜେପି ନେତୃତ୍ୱ ବିରୁଦ୍ଧରେ ଗର୍ଜିଛନ୍ତି । ଏହି ସମାବେଶରେ ସେ ଆହୁରି ମଧ୍ଧ କହିଛନ୍ତି ଯେ ବଲାଙ୍ଗିର ଏକ କୃଷି ପ୍ରଧାନ ଜିଲ୍ଲା । ଏଠାରେ କୃଷି ବିଶ୍ୱ ବିଦ୍ୟାଳୟ ସ୍ଥାପନ ହେଲେ କୃଷି



ସମ୍ବନ୍ଧୀୟ ଗବେଷଣା ସମ୍ଭବ ହେବ । ବଲାଙ୍ଗିର ଅଞ୍ଚଳରେ କମ୍ ବୃଷ୍ଟିପାତ ହେଉଥିବାରୁ କମ୍ ପାଣି ଦରକାର ହେଉଥିବା ବିଭିନ୍ନ ଫସଲର ବିହନ ଉଦ୍ଭାବନ କରିବାରେ ଏହା ସହାୟକ ହେବ। ତା ସହ ପଶୁ ମତ୍ସ୍ୟ ପାଳନ ଦିଗରେ ନୂତନ କୌଶଳ ପ୍ରୟୋଗ ପାଇଁ କୃଷି ବିଶ୍ୱ ବିଦ୍ୟାଳୟର ଗବେଷଣା ରାସ୍ତା ଦେଖାଇବ । ଯାହା ଦ୍ୱାରା କି ଏ ଅଂଚଳର ସମଗ୍ରୀକ ଅର୍ଥନୈତିକ ବିକାଶ ସାଙ୍ଗକୁ କୃଷି ଓ କୃଷକର ଉନ୍ନତି ହେବ । ବିଗତ ବର୍ଷ ମାନଙ୍କରେ ବିଧାନସଭାରେ ତତ୍କାଳିନ ବଲାଙ୍ଗିର ବିଧାୟକ ନରସିଂହ ମିଶ୍ର ପ୍ରତ୍ୟେକ ଅଧିବେଶନରେ କୃଷି ବିଶ୍ୱ ବିଦ୍ୟାଳୟ ଦାବି କରିଆସୁଥିଲେ । କିନ୍ତୁ ତତ୍କାଳିନ ବିଜେଡି ସରକାର ସେ ଦାବିକୁ ଅଣଦେଖା କରିଛି ।

ଅନ୍ୟ ପକ୍ଷରେ ଜିଲ୍ଲାରେ ଆସନ୍ନ ମରୁଡିକୁ ନେଇ କ୍ଷେତ୍ର ପରିଦର୍ଶନ କରି ସମରେନ୍ଦ୍ର କହିଛନ୍ତି ଯେତେ ଶୀଘ୍ର ହେବ ଚାଷୀ କରିଥିବା ଫସଲ ବୀମାର ବୀମାରାଶି ସରକାର ପ୍ରଦାନ କରିବାର ବ୍ୟବସ୍ଥା କରନ୍ତୁ । କାରଣ ପ୍ରାୟତଃ ଅଂଚଳରେ ସ୍ୱଳ୍ପ ବୃଷ୍ଟି ଯୋଗୁଁ ଫସଲ ମରିବାରେ ଲାଗିଛି । ଯାହା କିଛି ବି ବଂଚିଛି ସାର ବିହନର ଅଭାବ ଓ କଳାବଜାରି ଚାଷୀ ମେରୁଦଣ୍ଡକୁ ଭାଙ୍ଗି ଦେଇଛି । ତେଣୁ ସରକାର ଯେତେ ଶିଘ୍ର ହେବ ଏହାର ପ୍ରତିକାର କରୁ । ନଗର କଂଗ୍ରେସ ସଭାପତି ବୁଲୁ ଦାନୀଙ୍କ ସଂଯୋଜନାରେ ଅନୁଷ୍ଠିତ ବିକ୍ଷୋଭ ସମାବେଶରେ କୃଷି ବିଶ୍ୱ ବିଦ୍ୟାଳୟ ଦାବି ପ୍ରତି ବର୍ତ୍ତମାନ ସରକାରର ଆଭିମୁଖ୍ୟକୁ ନେଇ କଂଗ୍ରେସ ନେତା ମାନେ ପ୍ରଶ୍ନ କରିଥିଲେ । ବିକ୍ଷୋଭ ସମାବେଶ ପରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ କୃଷି ବିଶ୍ୱ ବିଦ୍ୟାଳୟ ଦାବିରେ ସ୍ମାରକ ପତ୍ର ଜିଲ୍ଲା ପ୍ରଶାସନକୁ ପ୍ରଦାନ କରାଯାଇଥିଲା ।

### ସିନାପାଲିରେ ନୂଆଁଖାଇ କବିତା ଆସର

## କବିତାରେ ନୂଆଁଖାଇକୁ ସ୍ୱାଗତ



ସିନାପାଲ,(ସବ୍ୟୁ): ନୂଆପଡ଼ା ଜିଲ୍ଲା ସିନାପାଲିର ସାମୁହିକ ନୂଆଁଖାଇ ଭେଟଘାଟ ପରିବାର ତରଫରୁ ନୂଆଁଖାଇକୁ ଅଧିକ ଭବ୍ୟ ଓ ଅଡ଼ମ୍ବରପୂର୍ଣ୍ଣ କରିବାକୁ ଯାଇ ଗଣପର୍ବ ନୂଆଁଖାଇ ପୂର୍ବରୁ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି । ଏହି କ୍ରମରେ ଭେଟଘାଟ ପରିବାର ଓ ସ୍ଥାନୀୟ ଗଙ୍ଗାଧର ସାରସ୍ୱତ ସମିତି ତରଫରୁ ସିନାପାଲି ହାଇସ୍କୁଲରେ ଏକ କୋଶଲି କବିତା ଆସର ନାଗରିକ କମିଟି ସଭାପତି ଡମ୍ବରୁଧର ମେହେରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ମୁଖ୍ୟ ଅତିଥି ଭାବରେ ସମାଜସେବୀ ଶଶିଭୂଷଣ ମାଝୀ ଓ ସମ୍ମାନିତ ଅତିଥି ବରିଷ୍ଠ କଳାକାର ନରହରି ମେହେର, ଶିକ୍ଷାବିତ ରବୀଂନ୍ଦ୍ରନାଥ ଯୋଷୀ, ସାରସ୍ୱତ ସମିତି ସଭାପତି ବୈଷ୍ଣବ ମେହେର, ଶିକ୍ଷକ ହଦାନନ୍ଦ ମେହେର, କବୟିତ୍ରୀ ବବିତା ମେହେର, ଯୁବକବି ପ୍ରେମାନନ୍ଦ ମେହେର ଯୋଗ ଦେଇଥିଲେ।

ସେହିପରି କମିଟିର ସଭାପତି ତ୍ରିନାଥ ମେହେର ଓ ଉପସଭାପତି ମନୋରଞ୍ଜନ ମେହେର ମଂଚାସିନ ଥିଲେ । ଅଧ୍ୟାପକ ଧ୍ରୁବ ଚରଣ ପଧାନ ଆସରକୁ ସଂଯୋଜନା କରିଥିଲେ । ପ୍ରାରମ୍ଭରେ ହରେକୃଷ୍ଣ ମେହେର ସ୍ୱାଗତ କରିଥିବା ବେଳେ ମୋହନ ଚରଣ ଦାସ ଦେବପୂଜନରେ ମଂତ୍ରପାଠ କରିଥିଲେ । ନିକୁଞ୍ଜ ବିହାରୀ ସା ପ୍ରାରମ୍ଭିକ ସଂଗୀତ ଗାନ କରିଥିଲେ । ଆସରରେ ବେଣୁଧର ମେହେର, ମୋହନ ଚରଣ ଦାସ, ସୁବ୍ରତ ଖର୍ସେଲ, ଶାଶ୍ୱତୀ ହୋତା, ଭାରତୀ ମାଝୀ, ଅଲିଭା ସାହୁ, ରଶ୍ମୀରଂଜନ ସା, ପରେଶନାଥ ପାଣିଗ୍ରାହୀ, କୃଷ୍ଣଚନ୍ଦ୍ର ନାୟକ, ଖଗେଶ୍ୱର ବାଗ, ନବୀନ ଚନ୍ଦ୍ର ମେହେର, ମୁରଲୀଧର ସା, ପ୍ରଦ୍ୟୁମ୍ନ ସିଂ ଚିନ୍ଦା, ନିଲାଞ୍ଚଳ ମେହେର, ଗୌତମ ମାଝୀ, ବିଜୟ କୁମାର ଯୋଷୀ, ଚୂଡ଼ାମଣି ମେହେର, ଲଇଖନ ମାଝୀ, ହରେକୃଷ୍ଣ ମେହେର, ଶିବପ୍ରସାଦ ମେହେର ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ । କାର୍ଯ୍ୟକ୍ରମ ଆୟୋଜନରେ ସାମୁହିକ ନୂଆଁଖାଇ ଭେଟଘାଟ ପରିବାରର ସମସ୍ତ ସଦସ୍ୟ ସହଯୋଗ କରିଥିବା ବେଳେ କମିଟିର ସଂପାଦକ ପ୍ରଭାତ କୁମାର ମେହେର ଧନ୍ୟବାଦ ଦେଇଥିଲେ।

## ଜିଏମ୍ୟୁ ଗ୍ରନ୍ଥାଗାର ଓ ସୂଚନା ବିଜ୍ଞାନ ପକ୍ଷରୁ ଜାତୀୟ ସମ୍ମାନ



ସମ୍ବଲପୁର,(ସବ୍ୟୁ): ସ୍ଥାନୀୟ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ (ଜିଏମ୍ୟୁ)ର ଗ୍ରନ୍ଥାଗାର ଓ ସୂଚନା ବିଜ୍ଞାନ ବିଭାଗ ପକ୍ଷରୁ ପାଠାଗାର ପାଇଁ କୃତ୍ରିମ ବୁଦ୍ଧିମତ୍ତା: ପ୍ରବେଶ, ଆବିଷ୍କାର ଓ ନିୟୋଜନ ବୃଦ୍ଧି ଶୀର୍ଷକରେ ଜାତୀୟ ସମ୍ମାନ ଅନୁଷ୍ଠିତ ହୋଇଯାଇଛି । ଭାରପ୍ରାପ୍ତ କୁଳପତି ପ୍ରଫେସର ସୁଶାନ୍ତ କୁମାର ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଶୁଭ ଉଦ୍‌ଘାଟନ କରିଥିଲେ । କୁଳସଚିବ ଡ. ଉମାଚରଣ ପତି ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଛାତ୍ରଛାତ୍ରୀଙ୍କୁ ଏଆଇର ସଠିକ୍ ବ୍ୟବହାର ଓ ତାହାର ଉପଯୋଗିତା ସମ୍ପର୍କରେ ଆଲୋକପାତ କରିଥିଲେ । ବିଦ୍ୟାସାଗର ବିଶ୍ୱବିଦ୍ୟାଳୟ ପ୍ରଫେସର ଡ. ଦୁର୍ଗାଶଙ୍କର ରଥ ଓ କଲ୍ୟାଣୀ ବିଶ୍ୱବିଦ୍ୟାଳୟରଡ. ଉଜ୍ଜଳ ମର୍ଜିତ ମୁଖ୍ୟବକ୍ତା ଭାବେ ଯୋଗ ଦେଇ ଏଆଇ ଶିକ୍ଷାକୁ ସହଜ ଓ ଦୃତ କରିବା ସହ ସ୍ମାର୍ଟ ସର୍ଚ୍ଚ ଏବଂ ବ୍ୟକ୍ତିଗତ ପରାମର୍ଶ ଦେଇ ଛାତ୍ରଛାତ୍ରୀଙ୍କ ଉପକାର କରୁଛି । ପୁସ୍ତକାଳୟରେ ଏଆଇର ପ୍ରୟୋଗ ତଥ୍ୟ ସନ୍ଧାନ, ସାମଗ୍ରୀ ବ୍ୟବସ୍ଥାପନ ଓ ପାଠକ ସେବାକୁ ଅଧିକ କାର୍ଯ୍ୟକ୍ଷମ କରୁଛି । ପ୍ରଫେସର ଡ. ଜୟେନ୍ଦ୍ର କୁମାର ସିଂହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ସମ୍ମାନର ସଂଯୋଜିକା ଡ. ରୋଜାଲିନ ରାଉତ ଅତିଥି ପରିଚୟ ପ୍ରଦାନ କରିବା ସହ କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ବିଷୟରେ ଆଲୋଚନା କରିଥିଲେ । ସହକାରୀ ପ୍ରଫେସର ସିନିଆ ଟିଗ୍‌ଗା କାର୍ଯ୍ୟକ୍ରମର ସମନ୍ୱୟ ଓ ପରିଚାଳନା କରିଥିବା ବେଳେ ଅତିଥି ଅଧ୍ୟାପିକା ଜ୍ୟୋତିର୍ମୟୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ପୁରପଲ୍ଲୀରେ ଗଣେଶ ପୂଜା

ଝାରସୁଗୁଡ଼ା,(ସବ୍ୟୁ): ଅଗ୍ରପୂଜ୍ୟ ଗଜାନନଙ୍କଙ୍କ ମାହାତ୍ମ୍ୟ ସମ୍ପର୍କରେ ଅନେକ ଆଖ୍ୟାନ ଶୁଣିବାକୁ ମିଳେ । ଭାରତୀୟ ସଂସ୍କୃତିରେ ଗଣେଶ ପୂଜାକୁ ଏକ ବିଶିଷ୍ଟ ସ୍ଥାନ ମିଳିଛି । ବିଦ୍ୟା, ବୁଦ୍ଧି ଓ ସିଦ୍ଧିର ଅଧିଷ୍ଠାତା ଭାବେ ଗଣେଶଙ୍କ ପୂଜା ପ୍ରାଚୀନ କାଳରୁ ପ୍ରଚଳିତ । ବିଶେଷତଃ ବିଦ୍ୟାଳୟରେ ଗଣେଶ ପୂଜା ପିଲାମାନଙ୍କ ପାଇଁ ଉତ୍ସବର ସହିତ ସଂସ୍କାରର ମହାପର୍ବ ଥିଲା। ଆଗରୁ ବିଦ୍ୟାଳୟରେ ଗଣେଶ ପୂଜାକୁ ପାଳନ କରିବା ପାଇଁ ଛାତ୍ର ଛାତ୍ରୀମାନେ ଦିନ ଗଣି ଅପେକ୍ଷା କରୁଥିଲେ। ସାଜ ସଜ୍ଜା, ପୂଜା, ପ୍ରସାଦ ବଣ୍ଟନ, ଭଜନ, କୀର୍ତ୍ତ ସମସ୍ତ କାମରେ ପିଲାମାନଙ୍କର ହୃଦୟରୁ ଆଗ୍ରହ ଥାଏ। ମାତା ପିତା ମାନେ ମଧ୍ୟ ସହଭାଗୀ ହେଇଥାନ୍ତି। କେହି ଧନ, କେହି ସାମଗ୍ରୀ, କେହି ପରିଶ୍ରମ, ସମସ୍ତଙ୍କର ନିଷ୍ଠାପୂର୍ଣ୍ଣ ଅବଦାନ ପୂଜାକୁ ସାମୂହିକତାର ପରବ କରିଥାନ୍ତି। ସେହି ସମୟରେ, ପିଲାମାନେ ସୃଜନଶୀଳତା ଶିଖୁଥିଲେ, ଭକ୍ତି ଓ ଶ୍ରଦ୍ଧାରେ ନିଜକୁ ନିୟୋଜିତ କରୁଥିଲେ । ସମାଜରେ ସାମୂହିକତାର ସନ୍ଦେଶ ପ୍ରସାର କରୁଥିଲେ।

ଆଜି ସେହି ପରମ୍ପରା ଧୀରେ ଧୀରେ ହଜି ଯାଉଛି। ବିଦ୍ୟାଳୟରେ ଗଣେଶ ପୂଜା ବାଧ ବାଧକତାରେ ସୀମିତ ହୋଇ ପଡ଼ିଛି। ଶିକ୍ଷକମାନେ ଦାୟିତ୍ୱ ବଶତଃ ସହଭାଗୀ ହୁଅନ୍ତି, କିନ୍ତୁ ଛାତ୍ରଛାତ୍ରୀ ଓ ଅଭିଭାବକମାନଙ୍କ ସକ୍ରିୟ ଅଂଶଗ୍ରହଣ କମିଯାଇଛି । କ୍ରମେ ଆଡମ୍ବର ଓ ପ୍ରଦର୍ଶନରେ ଆବୃତ ହେଉଛି । ଭଜନ କୀର୍ତ୍ତନର ସ୍ଥାନରେ ଡିଜେର କୋଳାହଳ, ଶ୍ରଦ୍ଧାର ସ୍ଥାନରେ ପ୍ରଚାର ପ୍ରଦର୍ଶନ, ଭକ୍ତିର ସ୍ଥାନରେ ଦେଖା ଦେଖି, ଏହି ସବୁ ଗଣେଶ ପୂଜାର ମୂଳ ସନ୍ଦେଶକୁ ଧ୍ୱସ୍ତ କରୁଛି। ମନରେ ପ୍ରଶ୍ନ ଉଠେ, ଆମେ ଭୁଲି ଗଲୁ କି, ଗଣେଶ ହେଉଛନ୍ତି ବୁଦ୍ଧି, ବିଦ୍ୟା, ସିଦ୍ଧି ଓ ସଂସ୍କାରର ପ୍ରତୀକ। ଆମ ପିଲାମାନଙ୍କୁ ଯଦି ସଂସ୍କାରିତ, ସୁଶୀଳ ଓ ଗୁଣବନ୍ତ କରିବାକୁ ଚାହୁଁ, ତାହେଲେ ଗଣେଶ ପୂଜାକୁ କେବଳ ନାଚ ଗୀତ ଓ ଆଡମ୍ବରରେ ସୀମିତ କରିଦେବା ଠିକ କି ନୁହେଁ ତାହା ଆତ୍ମସମୀକ୍ଷାର ବେଳ ।

ଗଣେଶ ପୂଜାକୁ ପୁଣିଥରେ ଭକ୍ତି, ଶ୍ରଦ୍ଧା, ଶିକ୍ଷା ଓ ସଂସ୍କାରର ପରବ କରିବାକୁ ଆମକୁ କିଛି ପଦକ୍ଷେପ ନେବାକୁ ପଡ଼ିବ । ପିଲାମାନଙ୍କ ସକ୍ରିୟ ଯୋଗଦାନ, ସାଜସଜ୍ଜା, ଭଜନ, କୀର୍ତ୍ତନ, ନାଟକ, କଥା କାହାଣୀରେ ସେମାନଙ୍କୁ ଯୋଡ଼ିବା । ଅଭିଭାବକମାନଙ୍କ ସହଭାଗିରେ ଧନ ସାମଗ୍ରୀରୁ କିଛି, ସମୟ ଓ ସହଭାଗିତା ଦେବା । ଶାନ୍ତିମୟ ଓ ଭକ୍ତିମୟ ପରିବେଶ ପାଇଁ ଡିଜେ, କୋଳାହଳ ତୁଳନାରେ ଭଜନ, କୀର୍ତ୍ତନ, ପ୍ରାର୍ଥନା, ସଂସ୍କୃତିକ କାର୍ଯ୍ୟକ୍ରମକୁ ପ୍ରାଧାନ୍ୟ ଦେବା । ଶିକ୍ଷା ସଂସ୍କାରର ସନ୍ଦେଶ ପାଇଁ ଗଣେଶଙ୍କ ଜୀବନ କଥା, ସାର୍ଥକ ଗଳ୍ପ, କାହାଣୀ ମାଧ୍ୟମରେ ପିଲା ମାନଙ୍କୁ ଜୀବନ ମୂଲ୍ୟର ଶିକ୍ଷା ଦେବାଛ ସମସ୍ତେ ମିଶି ମନେ ରଖିବା ଯେ, ଗଣେଶ ପୂଜା କେବଳ ପ୍ରଚାର ପ୍ରଦର୍ଶନର ମଞ୍ଚ ନୁହେଁ, ଏହା ହେଉଛି ଆମ ପିଲାମାନଙ୍କୁ ସଂସ୍କାରିତ, ଗୁଣ ବାନ ଓ ମୂଲ୍ୟ ବୋଧ କରିବାର ଦିବ୍ୟ ଅବସରଛ ଆସନ୍ତୁ, ଆମେ ସମସ୍ତେ ମିଶି ଗଣେଶ ପୂଜାକୁ ପୁଣିଥରେ ଭକ୍ତି, ଶ୍ରଦ୍ଧା ଓ ସଂସ୍କାରର ପରମ୍ପରାରେ ପରିଣତ କରିଦେବା। ସେହିଦିନ ଗଣେଶଙ୍କୁ ସତ୍ୟ ରୂପେ ପ୍ରସନ୍ନ କରିବା ସହିତ, ଆମର ପିଲାମାନଙ୍କ ଭବିଷ୍ୟତ ଆଲୋକମୟ ହେବ।

# ସମ୍ବଲପୁରରେ ଗଣେଶ ପୂଜା : ମୁକ୍ତାକାଶ ମଣ୍ଡପରେ ସୁନ୍ଦର ସାଜସଜ୍ଜା

ସମ୍ବଲପୁର,(ସବ୍ୟୁ): ଭାଦ୍ରବ ମାସ ଶୁକ୍ଳପକ୍ଷ ଚତୁର୍ଥୀ ତିଥିରେ ବିଦ୍ୟାଦାତା ଗଣେଶଙ୍କ ପୂଜାର୍ଚ୍ଚନା ସମ୍ବଲପୁର ଜିଲ୍ଲାର ପୁରପଲ୍ଲୀରେ ଅନୁଷ୍ଠିତ ହୋଇଯାଇଛି । ବିଭିନ୍ନ ସ୍କୁଲ, କଲେଜ, କ୍ଲବ, କଲୋନୀ ଓ ଛକ ଗୁଡିକରେ ଭକ୍ତି ଭାବନାର ସହ ପୂଜା କରାଯାଉଛି ଲ ରଙ୍ଗବେରଙ୍ଗ ଆଲୋକମାଳା ସହ ସୁସଜ୍ଜିତ ତୋରଣରେ ପୂଜା ମଣ୍ଡପ ଝଲସୁଛି । ଚାରିଆଡେ ଭକ୍ତିର ମାହୋଲ ଦେଖିବାକୁ ମିଳିଛି । ସହରର ଗଳିକନ୍ଧିରେ ପୂଜା ମଣ୍ଡପ କରାଯାଇଛି । ଫଳରେ ସମ୍ବଲପୁର ଉତ୍ସବମୁଖର ହୋଇଉଠିଛି । ଚଳିତବର୍ଷ କ୍ଷେତରାଜପୁରର ନଟରାଜ କ୍ଲବ ୫୦ ବର୍ଷରେ ପଦାର୍ପଣ କରିଛି । ସୁବର୍ଣ୍ଣ ଜୟନ୍ତୀ ଅବସରରେ ସ୍ୱାସ୍ଥ୍ୟ ହିଁ ସମ୍ପଦ ବାର୍ତ୍ତା ଦେବା ପାଇଁ କମିଟି ପକ୍ଷରୁ ଉଦ୍ୟମ କରାଯାଇଛି । ୨୮ଫୁଟ ଉଚ୍ଚତାର ଗଣେଶ ମୂର୍ତ୍ତି ନିର୍ମାଣ ହୋଇଛି । ୧୫୦୦କିଗ୍ରା ସେଓ ବ୍ୟବହାର କରି ଏହାକୁ ତିଆରି କରାଯାଇଛି । ଏହି ସମସ୍ତ ବ୍ୟବହୃତ ସେଓ ହିମାଚଳ ପ୍ରଦେଶରୁ ଅଣାଯାଇଛି । ସେହିପରି ବରେଇପାଲି ଛକରେ ଏୟାର ଇଣ୍ଡିଆର ବିମାନରେ ଶ୍ରୀ ଗଣେଶ ପୂଜା ପାଉଛନ୍ତି । ଏଥିସହ ଗେଇଟି ରୋଡ଼, କ୍ଷେତରାଜପୁର ବିହାରୀପଡ଼ା, ବାଲିବନ୍ଧା, କଲେଜ ରୋଡ଼, ନନ୍ଦପଡ଼ା, ଝାଡୁଆପଡ଼ା, ବୈଦ୍ୟନାଥ ଛକ, କୁଞ୍ଜେଲପଡ଼ା, ଫାର୍ମ ରୋଡ଼ ଆଦି ସ୍ଥାନରେ ମଧ୍ୟ ଗଣେଶ ପୂଜା ଯାକଜମକ ସହକାରେ ପାଳନ କରାଯାଉଛି । ମୁଖ୍ୟ ରାସ୍ତାରେ ରଙ୍ଗିନ ତଥା ଇଲେକ୍ଟ୍ରୋନିକ୍ସ ଆଲୋକମାଳା ଓ ବିଭିନ୍ନ ମୋଡ଼େଲ ସ୍ଥାପନ କରାଯାଇଛି । ବାଲିବନ୍ଧାର ସୋମନାଥ ବାବା ମନ୍ଦିର ପରିସର, ଗେଇଟି ରୋଡର ଧର୍ମଶାଳା ଏବଂ ସମ୍ବଲପୁର ପ୍ରେସ କ୍ଲବ ଠାରେ ପ୍ରତିଷ୍ଠିତ ଗଣେଶ ମନ୍ଦିରରେ ମଧ୍ୟ ଅଗ୍ରପୂଜ୍ୟଙ୍କ ପୂଜା ସହ ହୋମ କରାଯାଇଥିଲା । ଆଜି ଅନେକ ଶିଶୁ ଘର ଆଖପାଖର ବିଦ୍ୟାଳୟରେ ବିଦ୍ୟାଦାତାଙ୍କ ପୂଜାର୍ଚ୍ଚନା ସହ ବିଦ୍ୟାରମ୍ଭ କରିଛନ୍ତି । ଛାତ୍ରଛାତ୍ରୀମାନେ ନୂଆ ବସ୍ତ୍ର ପରିଧାନ କରି ଉତ୍ସାହର ସହ ନିଜ ନିଜ ଶିକ୍ଷାନୁଷ୍ଠାନରେ ଶ୍ରୀଗଣେଶଙ୍କୁ ଆରାଧନା କରିଛନ୍ତି । ଏହି ଅବସରରେ ବିଭିନ୍ନ ସ୍ଥାନରେ ଭଜନ ଓ ଅର୍କେଷ୍ଟ୍ରାର ଆୟୋଜନ କରାଯାଇଛି ।




## ତୃତୀୟ ଶ୍ରେଣୀ ଛାତ୍ର ଜଙ୍ଘରେ ଗଳିଗଲା ଫାଟକର ଲୁହା ରଡ଼

ରାୟଗଡ଼ା,(ସବ୍ୟୁ) : ରାୟଗଡ଼ା ଜିଲ୍ଲା ପୁରୁଣା ଗୁଣପୁର ଆଶ୍ରମ ବିଦ୍ୟାଳୟରେ ଘଟିଛି ଅଘଟଣ । ସ୍କୁଲରେ ଗଣେଶ ପୂଜା ଚାଲିଥିବା ସମୟରେ ଜଣେ ତୃତୀୟ ଶ୍ରେଣୀ ଛାତ୍ରର ଜଙ୍ଘରେ ରୋଷେଇ ଘର ପଛପଟେ ଥିବା ଏକ ଫାଟକର ଲୁହା ଛଡ଼ ଗଳି ଯାଇଥିଲା। ଆହତ ଛାତ୍ର ଜଣକ ହେଲେ ଗିରିଧର ଶବର। ସେ ପୁରୁଣା ଗୁଣପୁର ଗ୍ରାମର ବୋଲି ଜଣା ପଡ଼ିଛିଛ ।ସ୍କୁଲ କର୍ତ୍ତୃପକ୍ଷ ଗୁଣପୁର ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଗୁଣପୁର ଅଗ୍ନିଶମ ବିଭାଗ ଓ ସ୍ଥାନୀୟ ଉପଖଣ୍ଡ ଚିକିତ୍ସାଳୟର ଡାକ୍ତର ଦଳର ପ୍ରୟାସରେ ଆହତ ଛାତ୍ରଙ୍କୁ ଉଦ୍ଧାର କରାଯିବା ସହ ଗୁଣପୁର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତି କରାଯାଇଛି। ସୁଚନାଯୋଗ୍ୟ, ବିଦ୍ୟାଳୟରେ ଗଣେଶ ପୁଜା ଚାଲିଥିବା ବେଳେ କୌଣସି କାରଣବଶତଃ ବିଦ୍ୟାଳୟର ପଛପଟେ ଥିବା ରୋଷେଇ ଘର ପଛ ପଟକୁ ଛାତ୍ର ଜଣକ ଯାଇ ଏହି ଅଘଟଣ ଶିକାର ହୋଇଥିବା ଜଣାପଡିଛି। ଆହତ ଛାତ୍ର ଜଣକ ସୁସ୍ଥ ରହିଥିବା ଗୁଣପୁର ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଗଙ୍ଗାଧର ବେହେରା ପ୍ରକାଶ କରିଛନ୍ତି ।

## ପିସ୍ତଲ ଓ ଭୁଜାଲି ଦେଖାଇ ମୋବାଇଲ୍ ଲୁଟ୍

ଝାରସୁଗୁଡ଼ା,(ସବ୍ୟୁ) : ଗତ ୨୫ ତାରିଖ ରାତିରେ ବିମାନ ବନ୍ଦର ଥାନା ଅନ୍ତର୍ଗତ ସାଲେଟିକ୍ରା ଅଞ୍ଚଳରେ ନବ ନିର୍ମିତ ଟାଟା ସୋ'ରୁମର ୱାଚମ୍ୟାନ୍ ଭାବେ କାର୍ଯ୍ୟରତ ରାମୁ କିଷାନଙ୍କୁ ୩ ଜଣ ଦୁର୍ବୃତ୍ତ ବନ୍ଧୁକ ଓ ଭୂଜାଲି ଦେଖାଇ ଭୟଭୀତ କରିବା ସହ ତାଙ୍କୁ ଆକ୍ରମଣ କରି ଏକ ମୋବାଇଲ୍ ଫୋନ୍ ଲୁଟ୍ କରି ନେଇଥିଲେ। ଏହି ଘଟଣାରେ ବିମାନ ବନ୍ଦର ଥାନା ପୁଲିସ୍ ଏକ ମାମଲା ରୁଜୁ କରିଥିବା ବେଳେ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇଥିଲା। ଏନେଇ ୪ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଥିବା ବେଳେ ସେମାନଙ୍କ ନିକଟରୁ ଲୁଟ୍ ହୋଇଥିବା ମୋବାଇଲ୍ ଜବତ କରିଛି ପୋଲିସ । ଅଭିଯୁକ୍ତଙ୍କ ନିକଟରୁ ଅପରାଧରେ ବ୍ୟବହାର କରାଯାଇଥିବା ଏକ ଦେଶୀ ପିସ୍ତଲ, ଏକ ଭୂଜାଲି ଓ ୨ଟି ମୋଟର ସାଇକଲ ଜବତ କରାଯାଇଛି। ଏନେଇ ଏସପି ଜି ଆର୍ ରାଘବେନ୍ଦ୍ର ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ଅଭିଯୁକ୍ତମାନେ ହେଲେ ବନହରପାଲି ଥାନା ଅନ୍ତର୍ଗତ ବନ୍ଧବାହାଲର ମନୋଜ ବାରିକ(୨୭), ବ୍ରଜରାଜନଗର ଥାନା ରାମପୁରର ସୁନୀଲ ଯାଦବ(୨୩), ସୁରଜ ପଞ୍ଚମ(୧୯) ଓ ଶିବମ ପାଶୱାନ(୨୦)।

## ସ୍କୁଟି -ବାଇକ୍ ମୁହାଁମୁହିଁ ଚାଲିଗଲା ସ୍କୁଟି ଚାଳକଙ୍କ ଜୀବନ

ସମ୍ବଲପୁର,(ସବ୍ୟୁ): ବୁର୍ଲା ସହର ଶ୍ରୀରାମବିହାର ପାର୍କ ସମ୍ମୁଖରେ ଏକ ବାଇକ୍ ଓ ସ୍କୁଟି ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଥିଲା । ଦୁର୍ଘଟଣାରେ ସ୍କୁଟି ଚାଳକଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଛି। ଗୁରୁତର ବାଇକ ଚାଳକଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ଭିମସାର ବଡ଼ ଡାକ୍ତରଖାନାକୁ ପଠାଇଛନ୍ତି। ବୁର୍ଲା ପୁଲିସ ଘଟଣାସ୍ଥଳକୁ ଆସି ଶବକୁ ଜବତ କରି ଭିମସାରକୁ ନେବା ସହ ଦୁଇ ଗାଡ଼ି ଜବତ କରିଥିଲା । ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ଦୟାନନ୍ଦ ନାଏକ(୬୨) ସମ୍ବଲପୁର ବିଶ୍ୱବିଦ୍ୟାଳୟର ଜଣେ ଅବସରପ୍ରାପ୍ତ କର୍ମଚାରୀ ଓ ଶ୍ରୀରାମ ବିହାରରେ ପରିବାର ସହ ରୁହନ୍ତାସକାଳ ୮ଟା ବେଳେ ନିଜ ସ୍କୁଟି(ଓଡି-୧୫-ବି-୮୯୯୬)ରେ ଘରୁ ବାହାରି ବୁର୍ଲା ପଟକୁ ଯାଉଥିଲେ। ପ୍ରତ୍ୟକ୍ଷଦର୍ଶୀଙ୍କ ସୂଚନା ଅନୁସାରେ ଭିଆଇପି ରାସ୍ତାର ବାମପଟେ ନଯାଇ ଡାହାଣ ପଟ ରାସ୍ତାରେ ବୁର୍ଲା ସହର ପଟକୁ ଯାଉଥିଲେ।ଏହି ସମୟରେ ବୁର୍ଲା ପଟରୁ ଦ୍ରୁତ ଗତିରେ ଆସୁଥିବା ଏକ ବାଇକ(ଓଡି-୧୫-ଏକସ-୮୩୧୭) ସହ ମୁହାଁମୁହିଁ ଧକ୍କା ହୋଇଥିଲା।

## ୮ ଟିକିଆ ହାତୀ ପଲ ଘଉଡାଇବାକୁ ବନ ବିଭାଗର ଉଦ୍ୟମ

ବୌଦ୍ଧ,(ସବ୍ୟୁ): ବୌଦ୍ଧ ଜିଲ୍ଲା ବୌଦ୍ଧ ରେଞ୍ଜ ଖଜୁରୀପଡା ସେକସନ ଅନ୍ତର୍ଗତ ତେଲିବନ୍ଧ ନିକଟ ରଜାମୁଣ୍ଡାରେ ୮ ଟିକିଆ ହାତୀ ପଲ ସକାଳ ୬ ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ରହିଥିଲେ। ଘଉଡାଇବା ପାଇଁ ବନ ବିଭାଗ ଉଦ୍ୟମ ଆରମ୍ଭ କରିଛି । ସୂଚନା ଅନୁଯାୟୀ ହାତୀପଲ ଆଠ ମଲ୍ଲିକ ବନାଞ୍ଚଳ ଅଞ୍ଚଳରୁ ଆସି ମହାନଦୀ ପାର ହୋଇ ଡମ୍ବରୁଗଡ ବିଟକୁ ଚାଲି ଆସିଥିଲେ।

ଡିଏଫଓ ରାଜେନ୍ଦ୍ର ଗୋଛାୟତଙ୍କ ନେତୃତ୍ୱରେ ଏସିଏଫ ମିନାକ୍ଷୀ କୁମୁରା, ଭାରପ୍ରାପ୍ତ ସଦର ରେଞ୍ଜ ଅଧିକାରୀ ତଥା ସହକାରୀ ବନ ସଂରକ୍ଷକ ଅର୍ଚ୍ଚନା ଗମାଙ୍ଗୋ, ବନପାଳ ପ୍ରସନ୍ନ କୁମାର ପ୍ରଧାନ,ଦୀପକ ନାୟକ, ପୂର୍ବତନ ଅବୈତନିକ ବନ୍ୟ ପ୍ରାଣୀ ତତ୍ତ୍ୱାବଧାରକ ସ୍ୱରାଜ କହଁର ଓ ସ୍କାଡ କର୍ମଚାରୀ ମାନେ ଘଟଣା ସ୍ଥଳରେ ପହଞ୍ଚି ହାତୀ ମାନଙ୍କ ଗତିବିଧି ଉପରେ ନଜର ରଖିଛନ୍ତି। ବୁଧବାର ସନ୍ଧ୍ୟାରେ ହାତୀ ପଲକୁ ଘୌଡାଇବାକୁ ପ୍ରସ୍ତୁତି ଚାଲିଥିବା ସୂଚନା ମିଳିଛି। ହାତୀ ପଲ ଗତ ମାସରେ ମହାନଦୀ ପାର ହୋଇ ବୌଦ୍ଧ ସହର ମର୍ଜାକୁଦ ଅଞ୍ଚଳକୁ ଚାଲି ଆସି ଥିଲେ ଓ ବନ ବିଭାଗ ଆଠମଲ୍ଲିକ ଅଞ୍ଚଳକୁ ଘୌଡାଇ ଦେଇଥିଲା। ହାତୀଙ୍କ ସୁରକ୍ଷା ପାଇଁ ବିଦ୍ୟୁତ ବିଭାଗ ଏଲର୍ଟ ଥିବା ବେଳେ ଡାକବାଜି ଯନ୍ତ୍ର ସାହାଯ୍ୟରେ ଲୋକଙ୍କୁ ସଚେତନ କରାଯାଇଛି।

## ଜବରଦଖଲରେ ୩୦ ଏକର ଜଙ୍ଗଲ ଜମି

## ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ଗ୍ରାମବାସୀ

ନବରଙ୍ଗପୁର,(ସବ୍ୟୁ) : ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡ଼ା ବ୍ଲକ୍ କୋଡ଼ିଙ୍ଗା ଥାନା ଘାଟୁଆଳିଗୁଡ଼ାରେ ୩୦ ଏକର ଜଙ୍ଗଲ ଜମିକୁ ଗାଁର ପ୍ରଭାବଶାଳୀ ଗୋଷ୍ଠୀ ନିଜ ଦଖଲକୁ ନେବାକୁ ଉଦ୍ୟମ ଜାରି ରଖିଛି। ଏଭଳି ଅଭିଯୋଗ ଆଣି ମୂଳନିବାସୀ ବିକାଶ ପରିଷଦ ଅଧ୍ୟକ୍ଷ ଚନ୍ଦ୍ରଧ୍ୱଜ ମାଝୀଙ୍କ ନେତୃତ୍ୱରେ ଗାଁର ନୀଳକଣ୍ଠ ମାଝୀ, ଗୁପ୍ତ ମାଝୀ, ଶଙ୍କର ବିଶୋଇ, ଡମ୍ବୁ ଭତ୍ରା, ସୁ କମନ ଭତ୍ରା ପ୍ରମୁଖ ଜିଲ୍ଲାପାଳଙ୍କୁ ଭେଟି ଦୁଃଖ ଜଣାଇଛନ୍ତି।

ଗାଁ ଲୋକଙ୍କ ଅଭିଯୋଗ ଅନୁଯାୟୀ, ଘାଟୁଆଳିଗୁଡ଼ାରେ ପୁରୁଷ ପୁରୁଷ ଧରି ୩୦ ଏକର ଜଙ୍ଗଲ ଜମି ରହିଛି। କାଳକ୍ରମେ ଜଙ୍ଗଲ ନଷ୍ଟ ହେବା ପରେ ଗାଁର ୬୫ ପରିବାର ଦୀର୍ଘ ବର୍ଷ ଧରି ଜମିକୁ ସମାନ ଭାଗ କରି ମିଳିମିଶି ମକା, ମାଣ୍ଡିଆ, ଡଙ୍ଗର ଧାନ, ଆଖୁ ଚାଷ କରି ଜୀବିକା ନିର୍ବାହ କରୁଥିଲେ। କିନ୍ତୁ ଗତ ଦୁଇ ବର୍ଷ ଧରି ଗାଁର ୧୫ ଜଣ ପ୍ରଭାବଶାଳୀ ପରିବାର ୩୦ ଏକର ଜଙ୍ଗଲ ଜମି ସେମାନଙ୍କ ଦଖଲରେ ରହିଛି ବୋଲି ଦାବି କରୁଛନ୍ତି। କେହି ପ୍ରତିବାଦ କଲେ ଧମକ୍ରମକ ଦେଉଛନ୍ତି। ପ୍ରଭାବଶାଳୀ ଗୋଷ୍ଠୀର ଚାପ ଯୋଗୁ ଗାଁର ଅଧିକାଂଶ ଗରିବ ପରିବାର ପ୍ରତି ଅନ୍ୟାୟ ହେଉଛି। ତେଣୁ ଗାଁର ସମସ୍ତ ପରିବାରକୁ ସମାନ ଭାଗରେ ଜଙ୍ଗଲ ଜମି ଉପରେ ଅଧିକାର ଦିଆଯାଉ ବୋଲି ସେମାନେ ଦାବି କରିଛନ୍ତି।

## ଦେବଗଡ଼ର ପ୍ରସିଦ୍ଧ ଗଣେଶ ପୂଜା ଆରମ୍ଭ

ଦେବଗଡ଼,(ସବ୍ୟୁ): ଦେବଗଡ଼ର ପ୍ରସିଦ୍ଧ ଗଣେଶ ପୂଜା ଆରମ୍ଭ । ୧୯୪୯ରୁ ଆରମ୍ଭ ହୋଇଥିବା ଦେବଗଡ଼ର ଗଣେଶ ପୂଜା ଚଳିତ ବର୍ଷ ୭୭ ବର୍ଷରେ ପହଞ୍ଚିଛି। ଚଳିତ ବର୍ଷ ଆୟୋଜକ ଜିଲ୍ଲା ବ୍ୟବସାୟୀ ସଂଘ ପକ୍ଷରୁ ପ୍ରସ୍ତୁତି ବ୍ୟାପକ ପ୍ରସ୍ତୁତି କରାଯାଇଛି। ରଙ୍ଗୀନ ଆଲୋକ ମାଳାରେ ସହର ଝଲସିବା ସହିତ ଗଣେଶ ପୂଜା ପାଇଁ ଚଳଚଞ୍ଚଳ ହୋଇପଡିଛି ସହର। ମଙ୍ଗଳବାରି ସଂଧ୍ୟାରେ କମିଟିର ସଭାପତି ରାଜକିଶୋର ଦାଶଙ୍କ ନେତୃତ୍ୱରେ ପ୍ରଧାନପାଟ ଠାରୁ କଳସ ଯାତ୍ରା କରାଯାଇ ନଗର ପରିକ୍ରମା କରିବା ପରେ ସହରର ମଧ୍ୟରେ ପୁଜା ହେଉଥିବା ସ୍ଥାନରେ ପହଞ୍ଚି କଳସ ସ୍ଥାପନ କରାଯିବା ସହ ଅଧିବାସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

ଆଜି ସହର ମଧ୍ୟରେ ପୁଜା ହେଉଥିବା ଗଣେଶ ମଣ୍ଡପରେ ଗଣେଶ ପୂଜା ଅନୁଷ୍ଠିତ ହେଉଛି। କମିଟିର ସଭାପତି ରାଜ କିଶୋର ଦାଶ କର୍ତ୍ତା ଥିବାବେଳେ ମନୋରଞ୍ଜନ ଶତପଥି ପୂଜା କାର୍ଯ୍ୟ ସମ୍ପାଦନା କରିଥିଲେ। ପୂଜାମଣ୍ଡପରେ ପୌରାଣିକ, ସାମାଜିକ ଚେତନାଧରମି କଳାକୁଞ୍ଜ ପ୍ରଦର୍ଶିତ ହୋଇଛି। ପ୍ରତ୍ୟହ ସଂଧ୍ୟାରେ ମେଲୋଡି ସହିତ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ପ୍ରଧାନପାଟସ୍ଥିତ ବଡ଼ବଗିଚାରେ ସିଂହବାହିନୀ ଓ ରଙ୍ଗମହଲ ଟିକେଟ ସୋ ଅପେରା ଅନୁଷ୍ଠିତ ହେବା।ରାଜା ବାସୁଦେବ ହାଇସ୍କୁଲ ଖେଳପଡିଆ, ଟାଉନ ହଲ ଏବଂ ବଡ଼ବଗିଚାରେ ମୀନା ବଜାର ଓ ଦୋଳିର ବ୍ୟବସ୍ଥା କରାଯାଇଛି। ବୁଧବାର ସନ୍ଧ୍ୟାରେ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଦେବଗଡ଼ର ପ୍ରସିଦ୍ଧ ଗଣେଶ ପୂଜାରେ ଯୋଗଦାନ କରିବାର କାର୍ଯ୍ୟକ୍ରମ ରହିଛି।

ଆଇନଶୃଙ୍ଖଳାକୁ ଦୃଷ୍ଟିରେ ରଖି ପୁଲିସ ପକ୍ଷରୁ ପୂଜାମଣ୍ଡପ ନିକଟରେ ଅସ୍ଥାୟୀ ପୁଲିସ ଫାଣ୍ଡି ଖୋଲା ଯିବା ସହ ୨୪ ଘଣ୍ଟିଆ ପେଟ୍ରୋଲିଙ୍ଗ ବ୍ୟବସ୍ଥା ସହ ସିସିଟିଭି ସହାୟତାରେ ଜନଗହଳି ସ୍ଥାନ ଉପରେ ପୁଲିସ ପକ୍ଷରୁ ସ୍ୱତନ୍ତ୍ର ଦୃଷ୍ଟି ରଖାଯିବ। ଟ୍ରାଫିକ ନିୟନ୍ତ୍ରଣ ଓ ଶାନ୍ତିଶୃଙ୍ଖଳା ରକ୍ଷା ନିମନ୍ତେ ଏସପିଙ୍କ ନେତୃତ୍ୱରେ ଜଣେ ଅତିରିକ୍ତ ଏସପି,ଦୁଇଜଣ ଡ଼ିଏସପି,୪ ଜଣ ଇନ୍ସପେକ୍ଟର ,୧୦ ଜଣ ସବ ଇନ୍ସପେକ୍ଟରଙ୍କ ସମେତ ୫ ପ୍ଲାଟୁନ ପୁଲିସ ଫୋର୍ସ ପୁଲିସ ପକ୍ଷରୁ ମୁତୟନ କରାଯାଇଛି। ସେପ୍ଟେମ୍ବର ୫ ତାରିଖରେ ବିସର୍ଜନ କାର୍ଯ୍ୟକ୍ରମ ରହିଛି।

## ଆଜି ନୂଆଁଖାଇ : ଉତ୍ସବମୁଖର ଗାଁଠୁ ସହର

ବଲାଙ୍ଗିର,(ସବ୍ୟୁ): ପଶ୍ଚିମ ଓଡ଼ିଶାର ମହାନ୍ ଗଣପର୍ବ ନୂଆଁଖାଇ ଅବସରରେ ଗାଁରୁ ସହର ଉତ୍ସବ ମୁଖର ହୋଇଉଠିଛି। ଗାଁ ମାନଙ୍କର ଘର ଲିପା, ପୋଛାଠାରୁ ଆରମ୍ଭ କରି ସାଜସଜ୍ଜା ସହ ନୂଆଁଖାଇ ହାଟରୁ ସାମଗ୍ରୀ ସଂଗ୍ରହ ହୋଇସାରିଛି । ଗୁରୁବାର ସକାଳୁ ଇଷ୍ଟଦେବୀଙ୍କ ନିକଟରେ ନୂଆ ଧାନ ଲାଗି ହେବା ପରେ ପରିବାରର ସମସ୍ତ ସଦସ୍ୟ ମିଶି ନୂଆଁ ଖାଇବେ। ଏ ପରମ୍ପରା ନିଆରା । ଏହାସହିତ ଏହା ଏକ କୃଷି ଭିତ୍ତିକ ପର୍ବ ହୋଇଥିବାରୁ ସକାଳୁ ଚାଷୀ ପରିମାର ସଦସ୍ୟ ନିଜ କ୍ଷେତରେ ମା' ଲକ୍ଷ୍ମୀଙ୍କୁ ପୂଜାର୍ଚ୍ଚନା କରିବା ପରେ ନୂଆଁ ଖାଇବାର ବିଧି ରହିଛି । ଏଥିପାଇଁ ବୁଧବାର ବିଭିନ୍ନ ଗାଁରୁ ନେଇ ସହରରେ ମଧ୍ୟ ସ୍ୱତନ୍ତ୍ର ନୂଆଁଖାଇ ହାଟ ବସିଥିଲା। ଯେଉଁଠି ନୂଆଁ ଧାନ, କୁରେପତର , ନୂଆଁ ଚୂଡ଼ା ସହିତ ରାଖି, ଧାନକେଣ୍ଡା, କଦଳୀ ଭଣ୍ଡା, କଦଳୀ ପତ୍ର, ପୂଜା ସାମଗ୍ରୀ ଆଦିର ପସରା ଲାଗିଥିଲା। ଏହାସହିତ ବିଭିନ୍ନ ଜାତିରେ ଭିନ୍ନ ଭିନ୍ନ ପତ୍ରରେ ନୂଆଁ ଲାଗି ହେଉଥିବାରୁ ବଜାରରେ କୁରେ,ଶାଳ, ମହୁଲ, ସାରୁ ପତ୍ର ଆଦି ମଧ ବିକ୍ରି ହେଉଥିବା ଦୃଶ୍ୟ ଦେଖିବାକୁ ମିଳିଥିଲା । ନୂଆଁଖାଇରେ ନୂଆ ପିନ୍ଧିବାର ପରମ୍ପରା ରହିଥିବାରୁ ଲୁଗା ଦୋକାନ ଗୁଡ଼ିକରେ ମଧ୍ୟ ଗ୍ରାହକଙ୍କ ଭିଡ଼ ରହିଥିଲା । ଦୂର ଦୂରାନ୍ତରେ ରହୁଥିବା ଲୋକେ ନୂଆଁଖାଇରେ ଘରକୁ ଆସିଥାନ୍ତି । ଯାହାକୁ ନେଇ ବୁଧବାର ସକାଳୁ ଜିଲ୍ଲାର, ରେଳ ଷ୍ଟେସନ, ବସ୍ ଟର୍ମିନାଲରେ ମଧ୍ୟ ଯାତ୍ରୀଙ୍କ ଭିଡ଼ ଲାଗି ରହିଥିଲା ।

# ଇକୋ ଟୁରିଜିମ୍‌ରେ ସାମିଲ ହେଉ ସିଂଜୁରି ଜଳାଶୟ

**ସତ୍ୟ ସୁନ୍ଦର ଭଞ୍ଜ**

ବଲାଙ୍ଗିର : ବଲାଙ୍ଗିର ଓ ସୋନପୁର ଜିଲ୍ଲାର ସୀମାନ୍ତବର୍ତ୍ତୀ ଘଞ୍ଚ ଜଙ୍ଗଲ ପ୍ରାକୃତିକ ସୌନ୍ଦର୍ଯ୍ୟଭରା ,ବନ ପାହାଡ଼ ଘେରା ଭିତରେ ରହିଛି ୧୫୦ ଏକର ପରିମିତ ସିଂଜୁରି ଜଳାଶୟ । ଏହାର ଚତୁଃପାର୍ଶରେ ରହିଛି କୁଆରୀ ଜଙ୍ଗଲ, ରିଜର୍ଭ ଜଙ୍ଗଲ,ରମାଇ ସଂରକ୍ଷିତ ଜଙ୍ଗଲ,ବାରପାହାଡ ଜଙ୍ଗଲ। ପ୍ରକୃତିର ବରଦାନ ସଦୃଶ୍ୟ ଏହି ସିଂଜୁରି ଜଳାଶୟ(କଟା)ର ରକ୍ଷଣାବେକ୍ଷଣ,ସୁରକ୍ଷା ଯୋଗାଉଛନ୍ତି ଏ ଅଞ୍ଚଳର ପାଖରେ ଥିବା ଗ୍ରାମବାସୀ ।

ଏହି ସିଂଜୁରି କଟାକୁ ଘେରି ରହିଥିବା ଜଙ୍ଗଲ ଭିତରେ ରହିଛନ୍ତି ବିରଳ ପ୍ରକାର ପକ୍ଷୀ ଓ ବନ୍ୟଜନ୍ତୁ । ତନମଧ୍ୟରୁ ଅଜଗର, ବିଭିନ୍ନ ପ୍ରଜାତିର ବିଷଧର ନାଗ ସାପ । ଅନ୍ୟ ପକ୍ଷରେ ମୟୁର , ହାତୀ, ପ୍ରଚୁର ମାତ୍ରାରେ ବାର୍‌ହା, କୁଟୁରା, ଭାଲୁ, ଠେକୁଆ, ବଜ୍ରକାପ୍ତା ଆଦି ଅଛନ୍ତି । ଜଙ୍ଗଲି ନେଉଳ, ଜଙ୍ଗଲି କୁକୁଡ଼ା, ବିରାଡ଼ି, ଆଦି ଲୋକେ ଦେଖିଥିବା କହିଛନ୍ତି । ଏପରିକି ଶାଗୁଣା, ବିରଳ ପ୍ରଜାତିର ପେଚା, ମଧ୍ୟ ଦେଖାଯାଆନ୍ତି। ଏହି ଜଳାଶୟକୁ ଗେଣ୍ଡାଳିଆ ମଧ୍ୟ ପଅଚୁର ପରିମାଣରେ ଆସୁଥିବା ବେଳେ ବିଦେଶୀ ପକ୍ଷୀ ମଧ୍ୟ ଆସିଥାନ୍ତି ।

ବଲାଙ୍ଗିର ଓ ସୋନପୁର ଜିଲ୍ଲାର ଉଭୟ ପ୍ରଶାସକ , ଜଳସେଚନ ବିଭାଗ, ବନ ବିଭାଗ, ପର୍ଯ୍ୟଟନ ବିଭାଗ ପକ୍ଷରୁ ଏହି ଅଞ୍ଚଳକୁ ଯୁଗ୍ମ ପରିଦର୍ଶନ କଲେ ଅନେକ କିଛି ସମ୍ଭାବନାର ବାଟ ଫିଟନ୍ତା ବୋଲି ସ୍ଥାନୀୟ ଅଞ୍ଚଳର ସ୍ୱେଚ୍ଛାସେବୀ ପ୍ରମୋଦ ବର୍ଗର୍ତ୍ତି କହିଛନ୍ତି । ଉଭୟ ଜିଲ୍ଲାର ଏକ ଉଚ୍ଚସ୍ତରୀୟ କମିଟି କ୍ଷେତ୍ର ପରିଦର୍ଶନ କରି ରାଜ୍ୟ ସରକାରଙ୍କୁ ପ୍ରସ୍ତାବ ଦେଲେ ଏଠାରେ ଏକ ଇକୋ ଟୁରିଜିମ ତଥା ଗ୍ରାମୀଣ ପର୍ଯ୍ୟଟନର ପ୍ରମୁଖ କ୍ଷେତ୍ର ହୋଇପାରନ୍ତା ।

ବଲାଙ୍ଗିର ଜିଲ୍ଲାର ଆଗଲପୁର ବ୍ଲକ ଓ ସୁବର୍ଣ୍ଣପୁର ଜିଲ୍ଲାର ସଦର ବ୍ଲକର ମଧ୍ୟସ୍ଥଳୀ ହେଉଛି ସିଂଜୁରୀ ଜଳାଶୟ । ଆଗଲପୁର ବ୍ଲକର କୁଟାସିଂହା ଗ୍ରାମ ପଞ୍ଚାୟତ ଓ ସୁବର୍ଣ୍ଣପୁର ଜିଲ୍‌ଶର ଡ଼ବଲଙ୍ଗ ପଞ୍ଚାୟତ ପିକଟକୁ ଲାଗିଛି ଜଳାଶୟ ଓ ଜଙ୍ଗଲ । ଏହି ଜଳାଶୟରେ ଖରାଦିନେ ୨୫ ଫୁଟର ଉର୍ଦ୍ଧ ପାଣି ରହିଥାଏ । ଫଳରେ ପକ୍ଷୀ ମାନଙ୍କର କ୍ରୀଡ଼ା ଓ ଆବାସସ୍ଥଳୀ ପାଲଟିଥାଏ । ଘେରି ରହିଥିବା ଜଳାଶୟରେ ରେଙ୍ଗାଲ, ମହୁଲ, ଗମ୍ଭାରୀ, କେନ୍ଦୁ, ଚାର,ଧାତୁକ, ହରଡ଼ା, ବାହାଡ଼ା ଅଁଳା ସହିତ ଅନେକ ଔଷଧୀୟ ଓ ମୁଲ୍ୟବାନ ଗଛ ରହିଛି । ବ୍ୟାପକ ସଂଖ୍ୟକ ଶାଳଗଛ ଥିବାରୁ ଏଠାରେ ଶାଳ ମଞ୍ଜିରୁ ତେଲ, ଘିଅ ଓ ଔଷଧୀୟ ସାମଗ୍ରୀ ପ୍ରସ୍ତୁତି ପାଇଁ ଏକ ପକ୍ରୀୟାକରଣ ୟୁନିଟ କରାଯାଇପାରନ୍ତା। କାହିଁକିନା ପ୍ରତିବର୍ଷ ୨ହଜାରରୁ ଉର୍ଦ୍ଧ କ୍ୱିଣ୍ଟାଲ ପ୍ରତିବର୍ଷ ନଷ୍ଟ ହେଉଥିବା ସ୍ୱେଚ୍ଛାସେବୀ ପ୍ରମୋଦ ବର୍ଗର୍ତ୍ତି କ୍ଷୋଭର ସହ କହିଛନ୍ତି । ପ୍ରକିୟାକରଣ ୟୁନିଟ ହେଲେ ଅଞ୍ଚଳର ବହୁ ଯୁବକ ଯୁବକ୍ତି ନିଯୁକ୍ତି ସୁଯୋଗ ମଧ୍ୟ ପାଇପାରନ୍ତେ। ବୋଲି ଅଞ୍ଚଳବାସୀଙ୍କ ମତ ରହିଛି ।



ସେହିପରି ମହୁଲ ଗଛ ପର୍ଯ୍ୟାପ୍ତ ପରିମାରରେ ଥିବାରୁ ମହୁଲ ଓ ଟୋଲକୁ ନେଇ ଏକ ପ୍ରକ୍ରିୟାକରଣ ୟୁନିଟର ମଧ୍ୟ ସମ୍ଭାବନା ରହିଛି । ପ୍ରାୟ ୨ହଜାରରୁ ଉର୍ଦ୍ଧ ଏକର ଜମିକୁ ଏହି ସିଂଜୁରୀ ଜଳାଶୟ ଘେରି ରହିଥିବାରୁ ବନ ବିଭାଗ ଏକ ସୁନ୍ଦର ପାର୍କର ମଧ୍ୟ ପରିକଳ୍ପା କରିବା କଥା । ଏନେଇ ରାଜ୍ୟ ସରକାରଙ୍କୁ ସଠିକ୍ ବିସ୍ତୃତ ରିପୋର୍ଟ ଉପସ୍ଥାପନ କଲେ ଅନେକ ସମ୍ଭାବନା ସୃଷ୍ଟି ହେବ ବୋଲି ଅଞ୍ଚଳର ବୁଦ୍ଧିଜୀବୀ ମାନେ ମତ ପ୍ରକାଶ କରିଛନ୍ତି। ରାଜ୍ୟ ସରକାର ବିଗତ କିଛି ବର୍ଷ ହେଲା ପର୍ଯ୍ୟଟନକୁ ଗୁରୁତ୍ୱ ଦେଇ ଆସୁଛନ୍ତ। ଯେମିତିକି ଭୀମଡୁଙ୍ଗୁରି, ଗାଇଖାଇ ପ୍ରକଳ୍ପ ଆଦି ଅନେକ ସମ୍ଭାବନା ସୃଷ୍ଟି ହୋଇପାରିଛି। ସିଂଜୁରି କଟା( ଜଳାଶୟ) ଏକ ବହୁ ବଡ଼ ଜଳାଶୟ ରହିଛି,ଯାହାକି ଗ୍ରୀଷ୍ମ ଋତୁରେ ମଧ ପାଣି ରହେ ଓ ତଳ ମୁଣ୍ଡର ଚାଷୀ ମାନେ ଚାଷ ମଧ୍ୟ କରିଥାନ୍ତି। ଏହି ସିଂଜୁରି କଟାକୁ ଗ୍ରୀଷ୍ମ ଋତୁରେ ବନ୍ୟ ଜୀବଜନ୍ତୁ , ପକ୍ଷୀ ପାଣି ପିଇବା ପାଇଁ ଆସିଥାନ୍ତି । ଶୀତ ଋତୁରେ ଏ ଅଞ୍ଚଳର ଆଖପାଖରୁ ବଣ ଭୋଜି କରିବାପାଇଁ ଓ ଜଙ୍ଗଲର ପ୍ରକୃତିକୁ ଉପଭୋଗ କରିବାକୁ ବିଭିନ୍ନ ଗୋଷ୍ଠିର ଲୋକଙ୍କର ସମାଗମ ହୋଇଥାଏ । ଏହି ସ୍ଥାନରେ ଏକ ନଳକୂପ ଖୋଲାଯାଇଛି। ଯାହାକି ସ୍ୱଚ୍ଛ ପାଣି ପିଇବା ପାଇଁ ଉପଯୋଗୀ । ଅଞ୍ଚଳରେ ହାତୀ ମାନଙ୍କର ଚଳାଚଳ ଓ ପ୍ରାଦୁର୍ଭାବ ଥିବାରୁ ଏକ ହାତୀ ନିରୀକ୍ଷଣ ଟାୱାର ତିଆରି କରାଯାଇଛି। ଏହା ସହିତ ଏକ ମାଛ ଜଗିବା ପାଇଁ ଗୃହ ତିଆରି କରାଯାଇଛି। ଏହି ସ୍ଥାନକୁ ଯିବାକୁ ହେଲେ ବଲାଙ୍ଗିର-ସମ୍ବଲପୁର ମୁଖ୍ୟ ରାସ୍ତାରୁ ପ୍ରାୟ ୪୦ କିମି ଯିବା ପରେ ସାଲେଭଟାରୁ ବାମକୁ ମାତ୍ର ୧୨.୫ କିଲୋମିଟର ରାସ୍ତା। ଆହୁରି ମଧ ୧୫ କି.ମି ବ୍ୟାସାର୍ଦ୍ଧରେ ପ୍ରସିଦ୍ଧ ଶୈବପୀଠ ଯୋଗିସର୍ଡା ରହିଛି । ଶିବ ମହାପ୍ରଭୁଙ୍କ ଯୋଗେଶ୍ୱର ବାବାଙ୍କ ମନ୍ଦିର ପରିଦର୍ଶନ କରି ସାରିବା ପରେ ମାତ୍ର ୧୦ କିଲୋମିଟର ଯାଇ ବଣ ଭୋଜି କରି ପ୍ରକୃତିର ସୌନ୍ଦଯ୍ୟା ଭରା ସିଂଜୁରି କଟାକୁ ଯାଇପାରିବେ। ଏ ସମସ୍ତ ବ୍ୟବସ୍ଥା , ସୁବିଧା ଓ ସମ୍ଭାବନାକୁ ନେଇ ସୋନପୁର ବିଧାୟକ, ଲୋଇସିଂହା ବିଧାୟକ ଏବଂ ବଲାଙ୍ଗିର ସାଂସଦଙ୍କୁ ଜଣାଇବାକୁ ବୁଦ୍ଧିଜୀବୀ ମହଲରେ ପ୍ରସ୍ତୁତି ଆରମ୍ଭ ହୋଇଛି । ସରକାର ଏଭଳି ଏକ ପ୍ରାକୃତିକ ଜଙ୍ଗଲ, ପରିବେଶକୁ ଏକ ସମ୍ଭାବନା ସୃଷ୍ଟି କରି ଇକୋ ଟୁରିଜିମ୍ ରେ ପରିଣତ କରିବାକୁ ରାଜ୍ୟ ସରକାର ନିକଟରେ ଦାବି କରିଛନ୍ତି ଅଞ୍ଚଳବାସୀ ।

## କୁଇ ଭାଷାର ବହୁଭାଷୀ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତି କର୍ମଶାଳା




କୋରାପୁଟ,(ସବ୍ୟୁ): ସ୍ଥାନୀୟ ପୋଲିସ ଉଚ୍ଚ ବିଦ୍ୟାଳୟ ଠାରେ କୁଇ ଭାଷାର ବହୁଭାଷୀ ଶିକ୍ଷଣସାମଗ୍ରୀ ପ୍ରସ୍ତୁତି କର୍ମଶାଳା ୫ଦିନ ଧରି ଅନୁଷ୍ଠିତ ହୋଇଯାଇଛି। କର୍ମଶାଳାରେ ପଟାଙ୍ଗି ଓ ଲକ୍ଷ୍ମୀପୁର ବ୍ଲକର ଶିକ୍ଷକଶିକ୍ଷୟିତ୍ରୀ ମାନେ ଯୋଗଦେଇ ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀ ପାଇଁ ଭାଷା କାର୍ଯ୍ୟପୁସ୍ତିକା, କବିତା ପୋଷ୍ଟର, ବଡବହି ଓ କଥୋପକଥନ ଚାର୍ଟ ପ୍ରସ୍ତୁତି କରିଥିଲେ। ସମଗ୍ର ଶିକ୍ଷା, କୋରାପୁଟର ତତ୍ତ୍ୱାବଧାନରେ ପ୍ରଥମ ଥର ପାଇଁ କୁଇ ଭାଷାର ପିଲାଙ୍କ ପାଇଁ ଏହି ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତି କର୍ମଶାଳା ଆୟୋଜିତ ହୋଇଥିଲା। ଲାଙ୍ଗୁଏଜ ଲେର୍ଣ୍ଣିଙ୍ଗ ଫାଉଣ୍ଡେସନର ବୈଷୟିକ ସହାୟକ ସନ୍ତୋଷ କୁମାର ମହାନ୍ତି ,ସନ୍ତୋଷ କୁମାର ଦାସ ଏବଂ ଶ୍ରୀମତୀ ତପସ୍ୱିନୀ ସ୍ୱାଇଁଙ୍କ ନେତୃତ୍ୱରେ ଏହି କର୍ମଶାଳାଟି ପରିଚାଳନା କରାଯାଇଥିଲା। ଜିଲ୍ଲା ଆଦିବାସୀ ଓ ଅର୍ନ୍ତନିବେଶୀ ଶିକ୍ଷା ସଂଯୋଜକ ଶୁଭେନ୍ଦୁ ବାରିକ ଯୋଗଦେଇ କୁଇ ଭାଷାର ପ୍ରସ୍ତୁତ ସାମଗ୍ରୀକୁ ବିଦ୍ୟାଳୟ ସ୍ତରରେ ପିଲାମାନେ କିପରି ସଠିକ୍ ଭାବରେ ବ୍ୟବହାର କରିବେ ସେ ସମ୍ବନ୍ଧରେ ନିଜର ମତ ରଖିଥିଲେ। ଏହି ୫ଦିନ ବ୍ୟାପୀ କର୍ମଶଳାକୁ କୋରାପୁଟର ଅବସରପ୍ରାପ୍ତ ଏବିଇଓ ତଥା ବହୁଭାଷୀ ଶିକ୍ଷାବିତ ଶିବ ଶଙ୍କର ପଟ୍ଟନାୟକଙ୍କ ଦ୍ୱାରା ପରିଚାଳିତ ହୋଇଥିଲା।

(ଶ୍ରୀମଭଗବଦ୍ ଗୀତା ୧୮/୨୫)
–ମୋକ୍ଷଯୋଗଃ–
(ଶ୍ରୀଭଗବାନୁବାଚ)

**ଅନୁବନ୍ଧଂ କ୍ଷୟ ହିଂସାମନବେକ୍ଷ୍ୟ ଚ ପୌରୁଷମ୍ ।**
**ମୋହାଦାରଭ୍ୟତେ କର୍ମ୍ମ ଯତ୍ତାମସମୁଚ୍ୟତେ ।। ୨୫ ।।**

( ତାମସଂ କର୍ମାହ)– ଅନୁବନ୍ଧଂ (ପଶ୍ଚାଦ୍ଭାବି ଶୁଭାଶୁଭଂ), କ୍ଷୟଂ (ବିତ୍ତକ୍ଷୟଂ)ଲ, ହିଂସା (ପରପୀଡ଼ାଂ), ପୌରୁଷଂ ଚ (ସ୍ୱସାମର୍ଥ୍ୟଂ) ଅନବେକ୍ଷ୍ୟ (ଅପର୍ଯ୍ୟାଲୋଚ୍ୟ) (କେବଳଂ) ମୋହାତ୍ ଯତ୍ କର୍ମ୍ମ ଆରଭ୍ୟତେ ତତ୍ ତାମସଂ ଉଚ୍ୟତେ ।।୨୫ ।।

# ଉତ୍ତପ୍ତ ଓଡ଼ିଶା ପାଇଁ ଧ୍ୟାନ ଦିଆଯାଉ

'ଆଗାମୀ ଦିନରେ ବିଶ୍ୱର ଅନେକ ସ୍ଥାନରେ ଅସହ୍ୟ ଗ୍ରୀଷ୍ମ ପ୍ରବାହ ଅଧିକ ମାତ୍ରାରେ ଅନୁଭୂତ ହେବ । ବାତ୍ୟା ଏକ ନିୟମିତ ଘଟଣାରେ ପରିଣତ ହେବ ଏବଂ ଏହା ଅଧିକ ଶକ୍ତିଶାଳୀ ହୋଇ ଅଭୁତପୂର୍ବ କ୍ଷୟକ୍ଷତି ଘଟାଇବ । ଏହା ସହିତ ସମୁଦ୍ର ଜଳ ପତ୍ତନ ଆଶାତୀତ ଭାବେ ବୃଦ୍ଧି ପାଇବା ଫଳରେ ଅନେକ ସ୍ଥାନ ଜନଶୂନ୍ୟ ହେବ । ଉତ୍ତପ୍ତ ବିଶ୍ୱ ଅଧିକାଂଶ ସ୍ଥାନରେ ପାଣିପାଗକୁ ସମ୍ପୂର୍ଣ୍ଣ ବଦଳାଇ ଦେବ । ଏହା ହେଲା ଏକ ଆର୍ନ୍ତଦେଶୀୟ ପ୍ୟାନେଲଦ୍ୱାରା ଜଳବାୟୁ ସମ୍ବନ୍ଧିତ ପ୍ରସ୍ତୁତ ଏକ ରିପୋର୍ଟରେ ଚେତାବନୀ । ବିଶ୍ୱରେ ତାପମାତ୍ରା ବୃଦ୍ଧି ଆମ ଦେଶ ଭାରତରେ ମଧ୍ୟ ସାଂଘାତିକ ପ୍ରତିକୂଳ ପରିସ୍ଥିତି ସୃଷ୍ଟି କରିବାର ଆଶଙ୍କା ରହିଛି । ବର୍ତ୍ତମାନ ବି ଏହାର ଆଭାସ ଆମକୁ ମିଳିଲାଣି । ହିମାଳୟରେ ଥିବା ଗ୍ଲାସିଅର (ବରଫ ଚଟାଣ) ଗୁଡ଼ିକ ତରଳିବା ଏହାର ପ୍ରାକ୍ ସୂଚନା । ହିମାଳୟର ସର୍ବବୃହତ୍ ଗ୍ଲାସିଅୟ ଗଙ୍ଗୋତ୍ରୀ ଉଦ୍‌ବେଗଜନକ ଭାବେ ତରଳୁ ଥିବାରୁ ଏହି ପାର୍ବତ୍ୟାଞ୍ଚଳରୁ ପ୍ରବାହିତ ନଦୀଗୁଡ଼ିକ ମାତ୍ରାଧିକ୍ୟ ଭାବେ ପ୍ରବାହିତ ହେବ ବୋଲି ପରିବେଶବିତ୍‌ମାନେ ଚେତାବନୀ ଦେଇଛନ୍ତି । ଏ ପରିସ୍ଥିତିରେ ଆମ ରାଜ୍ୟ ଓଡ଼ିଶାର ସ୍ଥିତି କିଭଳି ରହିବ ?' ( ଉତ୍ତପ୍ତ ବିଶ୍ୱ ଓ ଓଡ଼ିଶା) ୨୦୦୭ ମସିହାର ୧୮ ମାର୍ଚ୍ଚରୁ ୨୪ ମାର୍ଚ୍ଚ ପର୍ଯ୍ୟନ୍ତ ଏକ ସାପ୍ତାହିକ ପତ୍ରିକାରେ ପ୍ରକାଶ ପାଇଥିବା ମୋ ଲେଖାଟି ଏବେ ବି ମୋତେ ସଚେତନ କରି ଦେଉଛି । ପ୍ରାୟ ଆଠର ବର୍ଷ ତଳର ଏ ଲେଖା ସେତେବେଳେ ପ୍ରକାଶ ପାଇ ଆଦୃତ ହୋଇଥିଲା । ମାତ୍ର ଏହି ଉତ୍ତପ୍ତ ଓଡ଼ିଶାର ଭବିଷ୍ୟତ ସମ୍ପର୍କରେ ଆମ ସରକାର ବା ଜନସାଧାରଣ କେତେଦୂର ସଚେତନ ?

ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଯିବେ ଓ ଆସିବେ । ମାତ୍ର ସେମାନଙ୍କର ଏହି ପ୍ରାକୃତିକ ପରିବର୍ତ୍ତନ ସମୟରେ ବ୍ୟବସ୍ଥା କ'ଣ ଥିଲା ବା ହୋଇଛି ସେ ବିଷୟରେ ଲୋକେ ଜାଣିବାକୁ ଚାହିଁବେ । ପ୍ରକୃତରେ ଓଡ଼ିଶା ଏପରି ଏକ ରାଜ୍ୟ, ପ୍ରାକୃତିକ ସଂପଦ ଭରପୂର ଥିବା ସତ୍ତ୍ୱେ ଏଠାରେ ପାଣିପାଗର ଘନ ଘନ ପରିବର୍ତ୍ତନ ହୋଇ ଚାଲିଛି । ବନ୍ୟା ବା ବାତ୍ୟାର ପ୍ରକୋପରୁ ଲୋକଙ୍କୁ ଉଦ୍ଧାର କରିବା ପାଇଁ ଅବଶ୍ୟ ବିଗତ ସରକାର ଓ ଏବର ସରକାର କିଛି କିଛି ପଦକ୍ଷେପ ନେଇଛନ୍ତି, ମାତ୍ର ଆହୁରି ପଦକ୍ଷେପ ନେବାକୁ ସତେ ଯେପରି ଅନେକ ପାଦ ଆଗେଇବାକୁ ପଡ଼ିବ ।

ବିଗତ କେତେ ଦଶନ୍ଧିରେ ଓଡ଼ିଶାରେ ପ୍ରାକୃତିକ ବିପର୍ଯ୍ୟୟ କାରଣରୁ ହେଉ ବା ଗ୍ରୀଷ୍ମ ପ୍ରବାହ ଯୋଗୁଁ ହେଉ ସହସ୍ରାଧିକ ଲୋକଙ୍କ ପ୍ରାଣହାନୀ ଘଟିଛି । ଆଉ କେତେ ଜଣ ବିକଳାଙ୍ଗ ମଧ୍ୟ ହୋଇଛନ୍ତି । ଭାରତର ପୂର୍ବ ଉପକୂଳରେ ଓ ବଙ୍ଗୋପସାଗରର ମଥା ଉପରେ ଓଡ଼ିଶାର ଅବସ୍ଥିତି । ଏଠାର ପାଣିପାଗର ପରିବର୍ତ୍ତନ ଏବେ ଘନ ଘନ ଭାବରେ ଅନୁଭୂତ ହେଉଛି । ଏଥିପାଇଁ ଓଡ଼ିଶାର ଭୌଗଳିକ ପରିସ୍ଥିତି ଦାୟୀ ବୋଲି ବୈଜ୍ଞାନିକମାନେ ସୂଚନା ଦେଇଛନ୍ତି । ଏବେ ଓଡ଼ିଶାରେ ବିଶେଷକରି ଉପକୂଳ ଓଡ଼ିଶାରେ ବାଲେଶ୍ୱର, ଭଦ୍ରକ ଓ ଯାଜପୁର ଜିଲ୍ଲାରେ ବନ୍ୟା ଆସିଛି ଓ ଯାଇଛି । ମାତ୍ର ପାଣି ଘେରରେ ବନ୍ୟା ବିପନ୍ନଙ୍କ ଦୁର୍ଦ୍ଦଶା ବଢ଼ି ଚାଲିଛି । ଅବଶ୍ୟ ଓଡ଼ିଶାର ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ ଓ ରାଜସ୍ୱମନ୍ତ୍ରୀ ଏହି ବନ୍ୟା ପରିସ୍ଥିତି ଉପରେ ସମୀକ୍ଷା କରି ପ୍ରତିକାରର ବ୍ୟବସ୍ଥା କରିଛନ୍ତି ।

ଅତୀତରେ ମହାବାତ୍ୟା ୧୯୯୯, ଫନୀ ବା ଫାଇଲିନଜନିତ କ୍ଷୟକ୍ଷତି ଓ ଦୁଃଖ ଲୋକେ ଭୁଲି ପାରି ନାହାନ୍ତି । ରାଜ୍ୟ ସରକାର ଜଳବାୟୁ ପରିବର୍ତ୍ତନର କ୍ରିୟାନୁଷ୍ଠାନ ଯୋଜନା ଉପରେ କିପରି ପଦକ୍ଷେପ ଗ୍ରହଣ କରିଛନ୍ତି , ସେ ସମ୍ପର୍କରେ ସୂଚନା ଅବଶ୍ୟ ମିଳିନାହିଁ ।

ବିଶ୍ୱ ଉତ୍ତପ୍ତୀକରଣର ଆହ୍ୱାନ ସଂକ୍ରାନ୍ତରେ ନିର୍ମାଣ ଶିଳ୍ପର କର୍ତ୍ତବ୍ୟକ'ଣ ହୋଇପାରେ ? ଗତ ୨୦୧୩ ନଭେମ୍ବର ମାସରେ 'ନିଉ ହୋରାଇଜନ' ଇଂରାଜୀ ପତ୍ରିକାରେ ବିଶେଷଜ୍ଞ ଡକ୍ଟର ଏମ୍. ଏମ୍. ଅଲ୍ଲୀଙ୍କର ଏକ ସାକ୍ଷାତକାରେ ଏହା ପ୍ରକାଶ ପାଇଥିଲା । ତାଙ୍କ ମତରେ ଗୃହ ନିର୍ମାଣ ପାଇଁ ଫ୍ଲାଇ ଆସ୍ (ଉଡନ୍ତା ପାଉଁଶ)ରୁ ତିଆରି ଇଟାରେ ଉତ୍ତାପ ଅଂଶ କମ୍, ତାହା ଶକ୍ତିଶାଳୀ ଏବଂ ଜଳ ମିଶ୍ରଣ ମଧ୍ୟ ଅଳ୍ପ ଥାଏ । ଭାରତରେ ପ୍ରାୟ ୭୦ ପ୍ରତିଶତରୁ ଅଧିକ ଇଟା ଫ୍ଲାଇ ଆସ୍‌ରେ ନିର୍ମିତ ବୋଲି ସେ ସୂଚନା ଦେଇଥିଲେ । ଏବେ ଓଡ଼ିଶାରେ ଭୀଷଣ ଗରମ ଅନୁଭୂତ ହେଉଥିବାରୁ ସହରାଞ୍ଚଳର ମଧ୍ୟବିତ୍ତ ଏପରିକି ନିମ୍ନ ମଧ୍ୟବିତ୍ତ କେତେ ଜଣ ମଧ୍ୟ ଶୀତତାପ ନିୟନ୍ତ୍ରଣ ଯନ୍ତ୍ର ବ୍ୟବହାର କରି ଆସୁଥିବା ପରିଲକ୍ଷିତ ହେଉଛି । ଆମର ପିଲାମାନେ ମଧ୍ୟ ଆରାମରେ ଶୋଇବାକୁ ବା କିଛି କାର୍ଯ୍ୟ କରିବାକୁ ଶୀତତାପ ନିୟନ୍ତ୍ରଣ ମେସିନ ଉପରେ ନିର୍ଭରଶୀଳ ହୋଇ ପଡ଼ିଛନ୍ତି । ଏହି ଅଭ୍ୟାସକୁ ପରିହାର କରିବା କଷ୍ଟଦାୟକ ବୋଲି ମନେ ହେଉଛି ।

କିନ୍ତୁ ଭୁବନେଶ୍ୱରର ପାଣିପାଗ ଏପରି ନଥିଲା । ପୁରୀ ସମୁଦ୍ରକୂଳରୁ ପବନ ଆସି ଚନ୍ଦକା ଜଙ୍ଗଲ ଦେଇ ଭୁବନେଶ୍ୱର ଆସିଲେ ଭୁବନେଶ୍ୱରରେ ଦିନ ବା ରାତିରେ ଉତ୍ତାପର ମାତ୍ରା ଜଣା ପଡୁନଥିଲା । ମାତ୍ର ଏବେ ତ ଘରେ ଘରେ ଏସି ମେସିନ । ପ୍ରାକୃତିକ ଉପାୟରେ ଆମେମାନେ ଗରମରୁ ରକ୍ଷା ପାଇଁ କିଛି ବ୍ୟବସ୍ଥା କରି ପାରିନାହୁଁ । ଏପରି କି ସୂର୍ଯ୍ୟତାପ ଜରିଆରେ ବିଦ୍ୟୁତ ସରବରାହ ପ୍ରଚଳନ ପାଇଁ ଭାରତ ଓ ରାଜ୍ୟ ସରକାରଙ୍କର ବ୍ୟବସ୍ଥା ଥିଲେ ମଧ୍ୟ ତାହାକୁ ଆମେ ସମ୍ପୂର୍ଣ୍ଣ ଭାବରେ ଆଦରି ନେଇ ପାରିନାହୁଁ । ଦେଖାଯାଉ ଭବିଷ୍ୟତରେ ଆମେ କିପରି ଭାବରେ ଏସବୁ ପରିସ୍ଥିତିକୁ ସହଜରେ ମୁକାବିଲା କରି ପାରିବା ।

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ–ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

# ନୂଆଁଖାଇ ଜୁହାର



ମୋହନ ଚରଣ ମାଝୀ

ଜୁହାର୍...

ଓଡ଼ିଶାର ଅନନ୍ୟ କୃଷି ଭିତ୍ତିକ ଗଣପର୍ବ ନୂଆଁଖାଇ ଅବସରରେ ସାରା ଓଡ଼ିଶାବାସୀଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ।

ମା' ସମଲେଶ୍ୱରୀ, ମା' ସୁରେଶ୍ୱରୀ, ମା' ପାଟଣେଶ୍ୱରୀ, ମା' ଲଙ୍କେଶ୍ୱରୀ, ମା' ବିନ୍ଧ୍ୟବାସିନୀ ତଥା ନୂଆଁଖାଇର ପବିତ୍ର ନବାନ୍ନ ଲାଗି ପରମ୍ପରା ସହ ଜଡ଼ିତ ସମସ୍ତ ଦେବୀମାନଙ୍କୁ କୋଟି କୋଟି ପ୍ରଣାମ । ମା' ତା'ର ପଣତକାନିରେ ସାଢ଼େ ଚାରି କୋଟି ଓଡ଼ିଶାବାସୀଙ୍କୁ ଘଣ୍ଟ ଘୋଡ଼ାଇ ରଖନ୍ତୁ । ସାରା ଦେଶ ଓ ସାରା ବିଶ୍ୱବାସୀଙ୍କୁ ସୁଖ, ଶାନ୍ତି ଓ ପ୍ରଗତିର ରାସ୍ତାରେ ଆଗେଇ ନିଅନ୍ତୁ – ଆଜି ଦିନରେ ଏତିକି ପ୍ରାର୍ଥନା ।

ଓଡ଼ିଶାର କୃଷି ଭିତ୍ତିକ ଗଣପର୍ବ ନୂଆଁଖାଇ ଖାଲି କୃଷିର ମହିମା ମଣ୍ଡନ କରେ ନାହିଁ । ଏହା ସହ ଭାରତୀୟ ଅସ୍ମିତାର ପ୍ରମୁଖ ଅଙ୍ଗ– ପରିବାର, ପାରିବାରିକ ସଂସ୍କାର ତଥା ମିଳିମିଶି ସହାବସ୍ଥାନର ସାରା ବିଶ୍ୱକୁ କାଳଜୟୀ ବାର୍ତ୍ତା ପ୍ରଦାନ କରେ । ନୂଆଁଖାଇରେ ଏହି ଶୁଭ ଅବସରରେ ଆମ ରାଜ୍ୟର ଚାଷୀଭାଇ ତଥା ଆମ ସଭ୍ୟତାର ମୂଳ ଆଧାର ପରିବାର ବ୍ୟବସ୍ଥା ଚିରସ୍ଥାୟୀ ହେଉ ଏବଂ ସାରା ରାଜ୍ୟର ସୁଖ, ଶାନ୍ତି ଓ ପ୍ରଗତିର ନୂଆ ଯୁଗରେ ସାଢ଼େ ଚାରି କୋଟି ଓଡ଼ିଆ ସାମିଲ ହୁଅନ୍ତୁ, ଏହାହିଁ କାମନା ।

ଦେଶର ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀଙ୍କ ଦୂରଦୃଷ୍ଟି ସମ୍ପନ୍ନ ପୂର୍ବୋଦୟ ଯୋଜନା ଆଜି ଆମ ରାଜ୍ୟ ପାଇଁ ପ୍ରଗତିର ନୂଆ ରାସ୍ତା ଖୋଲିଛି । ମୋଦୀଜୀ ତଥା ଡବଲ ଇଞ୍ଜିନ ସରକାରରେ ବିକାଶର ଅବଧାରଣା ବେଶ୍ ସ୍ପଷ୍ଟ ।

୨୦୩୬ର ସ୍ୱତନ୍ତ୍ର ପ୍ରଦେଶ ଭାବରେ ଓଡ଼ିଶା ୧୦୦ ବର୍ଷ ପୂର୍ତ୍ତୀ ହେଉ ଅଥବା ୨୦୪୭ରେ ଦେଶ ସ୍ୱାଧୀନତାର ୧୦୦ ବର୍ଷ ପୂର୍ତ୍ତୀ । ଆମର ଲକ୍ଷ୍ୟ, ୨୦୪୭ରେ ବିକଶିତ ଭାରତ ନିର୍ମାଣରେ ଓଡ଼ିଶା ପ୍ରମୁଖ ଭୂମିକା ନେବ । ସେଥିପାଇଁ ୨୦୩୬ର ଲକ୍ଷ ଆମ ପାଇଁ ବେଶ ଗୁରୁତ୍ୱପୂର୍ଣ୍ଣ । ଆଜିଠାରୁ ୨୦୪୭ ଆଉ ମାତ୍ର ୨୦–୨୨ ବର୍ଷ ଏବଂ ୨୦୩୬ ମାତ୍ର ୧୦–୧୧ ବର୍ଷ ବାକି ଅଛି । ଦେଶର ଅମୃତକାଳ ପାଇଁ ଆଗାମୀ ଦୁଇ ଦଶନ୍ଧି ବେଶ ଗୁରୁତ୍ୱପୂର୍ଣ୍ଣ । ମାତ୍ର ଆମ ଓଡ଼ିଆଙ୍କ ପାଇଁ ଏହି ଦୁଇ ଦଶନ୍ଧି ଭିତରୁ ପ୍ରଥମ ଦଶନ୍ଧି ସବୁଠାରୁ ବେଶୀ ଗୁରୁତ୍ୱପୂର୍ଣ୍ଣ । ଆଜିଠାରୁ ଆଗାମୀ ଦଶବର୍ଷ ଯଦି ଓଡ଼ିଆ ଜାତି ତାର ନିଷ୍ଠା, ପରାକାଷ୍ଠା ସହିତ ସଠିକ ରାସ୍ତାରେ ସଠିକ ପଦକ୍ଷେପ ନିଏ, ତା' ହେଲେ ବିକଶିତ ଭାରତର ଆଧାରସ୍ତମ୍ଭ ହୋଇ ପାରିବ ଓଡ଼ିଶା । ମୋର ଦୃଢ଼ ବିଶ୍ୱାସ ଆମେ ଆମର ଗନ୍ତବ୍ୟ ସ୍ଥଳରେ ପହଁଚିବା ।

କ୍ଷେତରେ କୃଷି ହେଉ, ପଶୁ ପାଳନ ତଥା କୃଷି ଉତ୍ପାଦକୁ ମୂଲ୍ୟଯୁକ୍ତ କରିବା ପାଇଁ କୃଷି ପ୍ରକ୍ରିୟାକରଣ ଶିଳ୍ପ, ଏସବୁର ସମାବେଶୀ ବିକାଶ ଓଡ଼ିଶାର ଆର୍ଥିକ ବିକାଶକୁ ଅନ୍ତର୍ଭୁକ୍ତିକରଣର ରାସ୍ତାରେ ନେଇ ଅର୍ଥନୀତିର ସବୁଠାରୁ ବଡ଼ ବର୍ଗ କୃଷକଙ୍କୁ ସମୃଦ୍ଧ କରିବ ।

ନୂଆଁଖାଇ ପୂର୍ବଦିନ ପବିତ୍ର ଗଣେଶ ଚତୁର୍ଥୀ । ମୁଁ ବହୁତ ଆନନ୍ଦିତ ନୂଆଁଖାଇର ଧାର୍ମିକ ଓ ସାମାଜିକ ଆନନ୍ଦ ଉତ୍ସାହର ପୂର୍ବ ଦିନ ବିଘ୍ନନାଶକ ଗଣପତିଙ୍କ ପବିତ୍ର ପୂଜା ଅବସରରେ ରାଜ୍ୟ ସରକାରଙ୍କର ନିଜସ୍ୱ ଯୋଜନା ସିଏମ୍ କିଷାନ ସହାୟତା ରାଶି ଡିବିଟି ମାଧ୍ୟମରେ ସବୁ ପଞ୍ଜିକୃତ ଚାଷୀମାନଙ୍କ ବ୍ୟାଙ୍କ ଖାତାକୁ ପ୍ରଦାନ କରାଯାଇଛି ।

ଏହି ଯୋଜନାରେ ବର୍ଷକୁ ଦୁଇ ଥର ଏବଂ ଥରକୁ ୨ ହଜାର ଟଙ୍କା ଭାବରେ ଚାଷୀଭାଇମାନଙ୍କୁ କୃଷି ସହାୟତା ପାଇଁ ମୋ ସରକାର ପ୍ରଦାନ କରିଆସୁଛି । ଗଣେଶ ଚତୁର୍ଥୀ ଅର୍ଥାତ ଗତକାଲି ରାଜ୍ୟର ୫୧ ଲକ୍ଷରୁ ଉର୍ଦ୍ଧ୍ୱ କ୍ଷୁଦ୍ର ଓ ନାମମାତ୍ର ବିଶେଷ ଭାବରେ ଅନୁନ୍ନତ ଜନଜାତି ସମୂହ ଚାଷୀ ଏବଂ ଭୂମିହୀନ କୃଷକ ପରିବାରଙ୍କୁ ସାମିଲ କରାଯାଇ ସେମାନଙ୍କ ବ୍ୟାଙ୍କ ଖାତାକୁ ଡିବିଟି ମାଧ୍ୟମରେ ଏହି ଅର୍ଥରାଶି ପ୍ରେରଣ କରାଯାଇଛି ।

ରାଜ୍ୟର ୫୧ ଲକ୍ଷ ପରିବାର ପାଖରେ ୧୦୪୧ କୋଟି ଟଙ୍କାର ଆର୍ଥିକ ଶକ୍ତି କେବଳ ଚାଷୀମାନଙ୍କ ପରିବାରରେ ହସ ଫୁଟାଇବ ନାହିଁ ବରଂ ସାରା ରାଜ୍ୟର କୃଷି ବ୍ୟବସ୍ଥାକୁ ଅଧିକ ଚଳଚଞ୍ଚଳ କରିବ । ନୂଆଁଖାଇରେ ଆମର ଚାଷୀଭାଇଙ୍କ ପରିବାର ମୁହଁରେ ହସ ମୋ ଭଳି ସାଧାରଣ ଗରୀବ ଓଡ଼ିଆ ଆଦିବାସୀ ପରିବାରରୁ ଆସିଥିବା ବ୍ୟକ୍ତି ହିସାବରେ ଅନେକ ଆନନ୍ଦ ଦେଉଛି ।

ଆମେ ଗତ ନିର୍ବାଚନ ସମୟରେ ଚାଷୀଭାଇମାନଙ୍କୁ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ସହ ୮୦୦ ଟଙ୍କାର ଇନପୁଟ୍ ସବସିଡି ଦେବା ପାଇଁ ପ୍ରତିଶ୍ରୁତି ଦେଇଥିଲୁ । ସେତେବେଳେ ଆମର ବିରୋଧୀମାନେ ଆମକୁ ଥଟ୍ଟା, ପରିହାସ କରୁଥିଲେ । କାରଣ ସେମାନଙ୍କର ବିକାଶର ଅବଧାରଣା ଏବଂ ଭାରତୀୟ ଜନତା ପାର୍ଟିର ବିକାଶର ଅବଧାରଣା ଭିତରେ ଆକାଶ ପାତାଳ ଫରକ । ଆମେ ଗାନ୍ଧୀ, ଗୋପବନ୍ଧୁ ଏବଂ ପଣ୍ଡିତ ଦୀନ ଦୟାଲ ଉପାଧ୍ୟାୟଙ୍କର ଆର୍ଥିକ ବିକାଶ ମଡେଲର ପୂଜକ । ଆପଣମାନଙ୍କର ମନେଥିବ ବରଗଡ଼ ଜିଲ୍ଲାର ସୋହେଲାରେ ଚାଷୀମାନଙ୍କୁ ୧୦୦ ଟଙ୍କାର ବୋନସ୍ ଦେବା ପାଇଁ ଜନସଭାରେ କିଏ ଘୋଷଣା କରିଥିଲେ ଏବଂ ଏହି ଅର୍ଥ ଯୋଗାଇବା ପାଇଁ କାହିଁକି ସେମାନେ ପଛେଇଲେ ।

ମୁଁ ସ୍ପଷ୍ଟ କରିବାକୁ ଚାହେଁ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ଏକାତ୍ମମାନବ ଦର୍ଶନ ଏବଂ ଅନ୍ତୋଦୟ ବିଚାରଧାରର ଆମେ ନିଷ୍ଠାପର ପୂଜାରୀ । ଜନ ସଂଘ ଓ ପରେ ୧୯୮୦ରୁ ବିଜେପିର ରାଜନୈତିକ ଯାତ୍ରାର ଆଧାର ଅନ୍ତୋଦୟ । ଦୀନଦୟାଲଙ୍କ ଅନ୍ତ୍ୟୋଦୟ ଆଜି ଦିନରେ ମୋଦୀଜୀଙ୍କର ଗରୀବ କଲ୍ୟାଣ । ଆମ ଚାଷୀଙ୍କୁ ୮୦୦ ଟଙ୍କା ଦେବା ପାଇଁ ସମୟ ଲାଗେନି କିନ୍ତୁ ୧୦୦ ଟଙ୍କା ସାଧାରଣ ଗରୀବ ଚାଷୀ ପରିବାରକୁ ଦେଇଦେଲେ ବିକାଶ କାମ ଗଡ଼ବଡ଼ ହୋଇଯିବ, ଏହା ଆମ ରାଜନୈତିକ ବିରୋଧୀଙ୍କ ବିଚାର ।

ମୋର ପ୍ରିୟ ଓଡ଼ିଶାର ଚାଷୀ, ମହିଳା, ଯୁବକ ଓ ଗରୀବମାନଙ୍କ ପାଖରେ ବିନମ୍ର କିନ୍ତୁ ବଜ୍ର ଶପଥ ଡବଲ ଇଞ୍ଜିନ ସରକାର ମୋଦୀଜୀଙ୍କ ନେତୃତ୍ୱରେ ସାଧାରଣରୁ ସାଧାରଣ ଓଡ଼ିଆଙ୍କ ଆର୍ଥିକ ବିକାଶ ପାଇଁ ବଦ୍ଧ ପରିକର । ଚାଷୀଙ୍କୁ ଆର୍ଥିକସ୍ତରରେସମୃଦ୍ଧ କରିବା ଆମର ଶପଥ ।

ମୋଦୀଜୀଙ୍କ ନେତୃତ୍ୱରେ କେନ୍ଦ୍ର ସରକାରଙ୍କ କୃଷିନୀତି ଓ ଯୋଜନା ମାଧ୍ୟମରେ ଓଡ଼ିଶା ଭଳି ରାଜ୍ୟର ଚାଷୀଭାଇଙ୍କ ଅର୍ଥନୀତି ମଜବୁତ ହେଉଛି । ମୋଦୀଜୀଙ୍କ ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି, ପ୍ରଧାନମନ୍ତ୍ରୀ କୃଷି ସିଞ୍ଚାଇ ଯୋଜନା, ପିଏମକେଏସୱାଇ–ଏଆଇବିପି ଅଧିନରେ ଜଳ ସେଚନ ପ୍ରକଳ୍ପ, ମତ୍ସ୍ୟ ଏବଂ ପଶୁ ସମ୍ପଦ ଯୋଜନା ସମୂହ, କୃଷି ଉତ୍ପାଦକ ସଂଗଠ ବା ଏଫପିଓ ମାଧ୍ୟମରେ କୃଷକଙ୍କ ଆର୍ଥିକ ବିକାଶ । ସମବାୟ ବିଭାଗକୁ ନୂଆ ରୂପରେ ଗଢ଼ି କୃଷି ଋଣ ଏବଂ ସମବାୟ ଭିତ୍ତିକ କୃଷି ନୂଆ ସମ୍ଭାବନା ସୃଷ୍ଟି କରିଛି ।

ଓଡ଼ିଶାରେ ଡବଲ ଇଞ୍ଜିନ ସରକାର ତତ୍‌କାଳୀକ ଏବଂ ଦୀର୍ଘ ମିଆଦି ଭିତ୍ତିରେ ଚାଷୀର ବିକାଶ ପାଇଁ ବଦ୍ଧ ପରିକର । ଦୀର୍ଘ ଦିନରୁ ପଡ଼ି ରହିଥିବା ଜଳ ସେଚନ ପ୍ରକଳ୍ପଗୁଡ଼ିକ ଅଧିକ ଗତିଶୀଳ କରିବା କାମରେ ଆମେ ଲାଗିଛୁ । କାରଣ ଜଳସେଚନ ବିନା ଉତ୍ପାଦନ ବଢ଼ାଇ ଚାଷୀଙ୍କ ରୋଜଗାର ଦ୍ରୁତ ବୃଦ୍ଧି ସମ୍ଭବ ନୁହେଁ । କୃଷି କାର୍ଯ୍ୟରେ ଆଧୁନିକ ଯନ୍ତ୍ରପାତି ବ୍ୟବହାର, ଶୀତଳ ଭଣ୍ଡାର, ପ୍ରକ୍ରିୟାକରଣ ଶିଳ୍ପ, ଯୋଗାଣ ଶୃଙ୍ଖଳା ନେଟୱାର୍କ ପାଇଁ କାର୍ଯ୍ୟରତ କୃଷକଙ୍କ ପ୍ରଶିକ୍ଷଣ ଓ ତାଲିମ ବ୍ୟବସ୍ଥା ଆମର ପ୍ରାଥମିକତା । ମଣ୍ଡି ବ୍ୟବସ୍ଥାର ଉନ୍ନତିକରଣ, ମଣ୍ଡିଗୁଡ଼ିକୁ e-NAM ସହ ଯୋଡିବା ଗୋଦାମ ଘର, ବିଶ୍ରାମଗାର ମାଧ୍ୟମରେ ମଣ୍ଡି ନବୀକରଣକୁ ଆମେ ଗୁରୁତ୍ୱ ଦେଉଛୁ । କୃଷି ଋଣ ଓ ଏହାର ସୁପରିଚାଳନାକୁ ଅଗ୍ରାଧିକାର ଦେଉଛୁ ।

ଆମେ ରାଜ୍ୟର ୩ ଲକ୍ଷ ୨୦ ହଜାରରୁ ଊର୍ଦ୍ଧ୍ୱ ଜନ ସାଧାରଣଙ୍କ ମତାମତ ଆଧାରରେ ୨୦୩୬ ଓ ୨୦୪୭ ପାଇଁ ଓଡ଼ିଶା ଭିଜନ୍ ପ୍ରସ୍ତୁତି କରିଛୁ । ଆମର ଲକ୍ଷ୍ୟ ମୁଣ୍ଡ ପିଛା କୃଷକଙ୍କ ଆୟରେ ଓଡ଼ିଶା ଦେଶର ୫ ନମ୍ବର ସ୍ଥାନକୁ ଆସିବ । କୃଷି ରପ୍ତାନୀ ପାଇଁ ବଡ଼ ଯୋଜନାରେ ଆମେ କାର୍ଯ୍ୟରତ । ଚାଷ ଜମିର ୧୦୦ ପ୍ରତିଶତ ଡିଜିଟାଲ ମ୍ୟାପ ପ୍ରସ୍ତୁତ ଆମର ଯୋଜନା, ଯାହା ଆଧାରରେ ଚାଷ ଜମିର ନୀରିକ୍ଷଣ, ସବସିଡି ଓ ଅତିରିକ୍ତ ସେବା ଯୋଗାଣ ବ୍ୟବସ୍ଥାକୁ ପାରଦର୍ଶୀ କରାଯାଇ ପାରିବ । ପିଏମ୍ କୁସୁମ ଯୋଜାନରେ କୃଷି କ୍ଷେତ୍ରରେ ବିଜୁଳି ଆବଶ୍ୟକତା ସୌର ଶକ୍ତି ମାଧ୍ୟମରେ ମେଣ୍ଟାଇବା ପାଇଁ ଆମେ ଉଦ୍ୟମ କରୁଛୁ ।

କୃଷି ଗବେଷଣା ଓ ଜ୍ଞାନ କୌଶଳକୁ ଚାଷୀଙ୍କ ପାଖକୁ ନେଇ ଚାଷୀଙ୍କୁ ସମୃଦ୍ଧି କରିବାରେ ସାରା ଦେଶରେ ଅଗ୍ରଣୀ ରାଜ୍ୟ ହେବା ଆମର ଲକ୍ଷ୍ୟ । ଚାଷ ଜମିର ମାଲିକାନା ମହିଳାଙ୍କ ନାମକୁ ଅଧିକ ମାତ୍ରାରେ ଆସୁ, ସେଥିପାଇଁ ପ୍ରୋତ୍ସାହନର ବ୍ୟବସ୍ଥା କରିବୁ ।


ପବିତ୍ର ନୂଆଁଖାଇରେ ମୋ ସରକାର ଚାଷୀଙ୍କ ସର୍ବାଙ୍ଗୀନ ବିକାଶ ପାଇଁ ବଦ୍ଧ ପରିକର । ଏହି ବିଶ୍ୱାସ ରାଜ୍ୟର ଚାଷୀଭାଇମାନଙ୍କୁ ଦେବାକୁ ଚାହୁଁଛି । ମୁଁ ସ୍ପଷ୍ଟ, ଚାଷୀଭାଇଙ୍କର ଦ୍ରୁତ ଉନ୍ନତି ବିନା ସମୃଦ୍ଧ ଓଡ଼ିଶାର ସ୍ୱପ୍ନ ସଫଳ ହୋଇ ପାରିବ ନାହିଁ । ମା' ସମଲେଇ ଆମ ଲକ୍ଷ୍ୟ ପୂରଣ ପାଇଁ ଆଶିଷ ଦିଅନ୍ତୁ, ଆଜି ଦିନରେ ଏତିକି ପ୍ରାର୍ଥନା ।

ଆମ ଅସ୍ମିତାର ପରିଚୟ ଆମ ପରିବାର ବ୍ୟବସ୍ଥା । ନୂଆଁଖାଇର ଅନନ୍ୟ ଅଙ୍ଗ ପରିବାରରେ ଏକାଠି ହୋଇ ଭୋଜନ କରିବା ଓ ବଡ଼ମାନଙ୍କୁ ମୁଣ୍ଡିଆ ମାରିବା । ଆଜି ଆଧୁନିକ ସମାଜର ପରିବାରର ଅବଧାରଣା ବଦଳୁଛି । ପାଶ୍ଚାତ୍ୟ ସଂସ୍କୃତିର ଛାପ ଆମ ଯୌଥ ପରିବାର ବ୍ୟବସ୍ଥା ଉପରେ ସଙ୍କଟ ଆଣି ଦେଉଛି । ବାପା–ମା'–ପିଲା କେବଳ ନୁହଁନ୍ତି । ଜେଜେ–ଜେଜେମା, ଦାଦା–ଖୁଡ଼ି ଆଦି ସଂସ୍କୃତିରୁ ଆଧୁନିକ ସମାଜ ଦୂରାଉଛି । ବୋଧହୁଏ କାହିଁ କେଉଁ ଶତାବ୍ଦୀ ଶତାବ୍ଦୀ ପୂର୍ବରୁ ନୂଆଁଖାଇ ପରିକଳ୍ପନା କରିଥିବା ଯୁଗଜନ୍ମା ଓଡ଼ିଆମାନେ ନୂଆଁଖାଇରେ ପରିବାର ମେଳନ ପରମ୍ପରା ତିଆରି କରିଛନ୍ତି । ଓଡ଼ିଶାର ଏହି ଅନନ୍ୟ ସଂସ୍କୃତି ଓ ଅସ୍ମିତାର ଛାପ ସାରା ଦେଶ ଓ ବିଶ୍ୱକୁ ପ୍ରଭାବିତ କରୁ, ନୂଆଁଖାଇର ପବିତ୍ର ଅବସରରେ ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ମା' ସମଲେଶ୍ୱରୀଙ୍କ ପାଖରେ ଏହାହିଁ ପ୍ରାର୍ଥନା ।

**ମୁଖ୍ୟମନ୍ତ୍ରୀ, ଓଡ଼ିଶା ସରକାର**

## ଜଗତସିଂହପୁର ଡାଏରି-୭

# ଶ୍ରୀଅରବିନ୍ଦଙ୍କ ଦେହାଂଶ ପ୍ରତିଷ୍ଠାର ସୁବର୍ଣ୍ଣ ଜୟନ୍ତୀ ଓ ମନୋଜ ଦାସଙ୍କ ସାନ୍ନିଧ



ସଂଗ୍ରାମ ମହାପାତ୍ର

ଶ୍ରୀଅରବିନ୍ଦ କହିଛନ୍ତି ଯେ, ଉର୍ଦ୍ଧ୍ୱତନ ତତ୍ତ୍ୱର ଇହ ଜଗତରେ ଅବତରଣ ସମ୍ଭବପର । ସେହି ଅବତରଣ ଫଳରେ ଆଧାତ୍ମିକ ସତ୍ତା ଜଗତର ବନ୍ଧନରୁ ମୁକ୍ତହୋଇ ତା'ର ଜୀବଦ୍ଦଶାରେ ହିଁ ମୁକ୍ତିଲାଭ କରିପାରିବ । ମନୁଷ୍ୟ ନିଜର ପଶୁଭାବରୁ ନିଷ୍କ୍ରାନ୍ତ ହୋଇ ମାନବତ୍ତ୍ୱକୁ ଉଠିବ କେବଳ ରୂପାନ୍ତର ବା ଉତ୍ତରଣଦ୍ୱାରା । ଏହି ରୂପାନ୍ତର ସାଧିତ ହେବ ମଣିଷ ଭିତରେ ପ୍ରଚ୍ଛନ୍ନ ଥିବା ଅତିମାନସ ତତ୍ତ୍ୱର ଅବତରଣ ମାଧ୍ୟମରେ । ଏହା ଅବଶ୍ୟ ଅକସ୍ମାତ୍ ବା ଆଲୌକିକ ନୁହେଁ । ଚେତନାର ଅନେକ ସ୍ତରକୁ ଅତିକ୍ରମି ଅତିମାନସ ସଭାରେ ପହଞ୍ଚିବା ପାଇଁ ଯେଉଁ ସାଧନା, ସଂଯମ, ସମର୍ପଣ ଓ ସମନ୍ୱୟ ଆବଶ୍ୟକ, ତାହା ମଧ୍ୟ ଶ୍ରୀଅରବିନ୍ଦ 'ସାବିତ୍ରୀ' ମହାକାବ୍ୟରେ ବର୍ଣ୍ଣନା କରିଛନ୍ତି । ସରଳ ଭାଷାରେ କହିଲେ ଅନ୍ତରର ଆତ୍ମବିକାଶ ଓ ବିବର୍ତ୍ତନ । ଶ୍ରୀଅରବିନ୍ଦଙ୍କ ଦେହାଂଶ ଜଗତସିଂହପୁରରେ ୯ ଡିସେମ୍ବର ୧୯୭୦ ମସିହାରେ ସମ୍ଭବତଃ ଓଡିଶାରେ ପ୍ରଥମ ଭାବରେ ପ୍ରତିଷ୍ଠା ହୋଇଥିଲା । ସେତେବେଳେ ମନୋଜ ଦାସ, ବାବାଜୀ ମହାରାଜ ମଧ୍ୟ ଉପସ୍ଥିତ ଥିଲେ । ପଣ୍ଡିଚେରୀ ଆଶ୍ରମର ବାବାଜୀ ମହାରାଜଙ୍କୁ ଶ୍ରୀମା ଓ ଶ୍ରୀଅରବିନ୍ଦଙ୍କ ଭକ୍ତ ମଣ୍ଡଳୀ ପ୍ରାୟ ଜାଣନ୍ତି । ତାଙ୍କ ଘର ଜଗତସିଂହପୁର ଜିଲ୍ଲା ବାଲିକୁଦା ଥାନା ଅନ୍ତର୍ଗତ ଡେଙ୍ଗାପୋଲ ସନ୍ନିକଟ ରାୟରପୁର ଗ୍ରାମ । ମୋ ସ୍ୱର୍ଗତଃ ପିତା ଥିଲେ ଶ୍ରୀମା ଓ ଶ୍ରୀଅରବିନ୍ଦଙ୍କ ଆଶ୍ରିତ । ପ୍ରତ୍ୟେକ ନବବର୍ଷରେ ପଣ୍ଡିଚେରୀ ଆଶ୍ରମରୁ ବାପାଙ୍କ ପାଇଁ ବାବାଜୀ ମହାରାଜ ଆଶୀର୍ବାଦ ପୁଷ୍ପ ଏବଂ ଡାଏରି ପ୍ରେରଣ କରୁଥିଲେ । ପ୍ରତ୍ୟେକ ସନ୍ଧ୍ୟାରେ ବାପା ଧ୍ୟାନ କରନ୍ତି, ମଝିରେ ମଝିରେ ରବିବାରରେ ପଣ୍ଡିଚେରୀ ଆଶ୍ରମରୁ ଆସୁଥିବା ପୁସ୍ତକକୁ ପଢିଥାନ୍ତି । ଏହି ହେତୁ ଶ୍ରୀମା ଓ ଶ୍ରୀଅରବିନ୍ଦଙ୍କ ସମ୍ବନ୍ଧରେ ଉଣାଅଧିକେ ଜ୍ଞାତ ଥିଲି । ମୋ ବୋଉ ମଧ୍ୟ ବାପାଙ୍କୁ ଅନୁସରଣ କରୁଥିଲା ।

ମୋର ସୌଭାଗ୍ୟକୁ ଜଗତସିଂହପୁର ସଦର ମହକୁମାରେ ଶ୍ରୀଅରବିନ୍ଦଙ୍କ ଦେହାଂଶ ପ୍ରତିଷ୍ଠାର ସୁବର୍ଣ୍ଣ ଜୟନ୍ତୀ ପାଳନ ହେଲାବେଳେ ମୁଁ ଜିଲ୍ଲାପାଳ ଦାୟିତ୍ୱରେ । ଆୟୋଜିତ ସଭାରେ ବକ୍ତା ଭାବରେ କହିବାର ସୁଯୋଗ ମଧ୍ୟ ଆୟୋଜକ ପ୍ରଦାନ କରିଥିଲେ । ଅତିମାନସ ଚେତନା ଯାହା ମାନବ ପ୍ରକୃତିକୁ ପରିବର୍ତ୍ତିତ କରି ଦିବ୍ୟ ରୂପ ପ୍ରଦାନ କରେ । ଏହି ସବୁକୁ ବ୍ୟାଖ୍ୟା କଲାବେଳେ ଆୟୋଜକ ବନ୍ଧୁମାନେ ମୋତେ କୃତଜ୍ଞତା ଜ୍ଞାପନ କରିଥିଲେ । ତିନିଦିନ ବ୍ୟାପୀ ସନ୍ଧ୍ୟାରେ ଦେହାଂଶ ପ୍ରତିଷ୍ଠାର ସୁବର୍ଣ୍ଣ ଜୟନ୍ତୀ କାର୍ଯ୍ୟକ୍ରମ ପାଳନ କରାଯାଇଥିଲା । ଜିଲ୍ଲା ତଥା ଜିଲ୍ଲା ବାହାରୁ ମଧ୍ୟ ଶିଷ୍ୟ ଓ ଶିଷ୍ୟାମାନେ ଏଭଳି ଭବ୍ୟ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ । ସଂକ୍ଷେପରେ କହିଲେ ଦେହାଂଶ ହିଁ ସ୍ଥୂଳ ଉପସ୍ଥିତିର ପ୍ରମାଣ ଦେଇଥାଏ । ପିଢି ପରେ ପିଢି ଏହି ସ୍ଥୂଳ ଉପସ୍ଥିତି ଦେହାଂଶ ମାଧ୍ୟମରେ ମାନବଜାତିକୁ ପ୍ରେରଣା ଦେବା ସହ ସଚେତନ କରିବା ପାଇଁ ପ୍ରଭାବ ମଧ୍ୟ ପକାଇଥାଏ । ପଚାଶ ବର୍ଷ ଏକ ସୁଦୀର୍ଘ ସମୟ । ବିସ୍ମରଣକୁ ଭୁଲି ପୁନଶ୍ଚ ସଚେତନ ହେବା ସହ ଶ୍ରୀଅରବିନ୍ଦଙ୍କ କାର୍ଯ୍ୟ ଓ ସାଧନା ପଦ୍ଧତିରେ ନିଜକୁ ସଂପୃକ୍ତି କରିବା ହିଁ ସୁବର୍ଣ୍ଣ ଜୟନ୍ତୀର ମର୍ମ । ପଣ୍ଡିଚେରୀର ଡ଼ଃ ଆଲୋକ ପାଣ୍ଡେ 'ଅପ୍ରତ୍ୟାଶିତ ମୁହୂର୍ତ୍ତ' ବିଷୟରେ ଆଭାସୀ ମାଧ୍ୟମରେ ତାଙ୍କ ବକ୍ତବ୍ୟ ରଖିଥିଲେ ।

ଏହାର ଦୁଇ ମାସ ପରେ ଅର୍ଥାତ୍ ଫେବୃଆରୀ ୨୦ ତାରିଖରେ ମନୋଜ ଦାସ ଏ ପରିପ୍ରେକ୍ଷୀରେ ଜଗତସିଂହପୁର ଆସିବାର କାର୍ଯ୍ୟକ୍ରମ ହେବା ସହ ସେଦିନ ସନ୍ଧ୍ୟାରେ ଜିଲ୍ଲାପାଳଙ୍କ ପଡିଆରେ ଏକ ଭବ୍ୟ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ପୂର୍ବରୁ ମନୋଜ ଦାସଙ୍କ ଓଜସ୍ୱିନୀ ବକ୍ତବ୍ୟ ମୁଁ ଶୁଣିଛି, ଅଥଚ କେବେ ବ୍ୟକ୍ତିଗତ ଭାବରେ ମିଶିବାର ସୁଯୋଗ ମିଳିନଥିଲା । ସେଦିନ ସୌଭାଗ୍ୟକ୍ରମେ ଜୁଟିଲା । ଗାଡିରୁ ଓହ୍ଲାଇଲା ବେଳେ ତାଙ୍କ ପାଦସ୍ପର୍ଶ ପୂର୍ବକ ପ୍ରଣାମ କରି ତାଙ୍କ ହାତ ଧରି ମୁଁ ମଞ୍ଚ ଉପରକୁ ନେଇଗଲି । ମଞ୍ଚାସୀନ ହୋଇ ଅଭିବାଦନ ଗ୍ରହଣ କରି ଆଶୀର୍ବାଦ ପ୍ରଦାନ କରି ମୋତେ ଧୀର କଣ୍ଠରେ କହିଲେ, ମୁଁ ଆପଣଙ୍କ କାର୍ଯ୍ୟ ସମ୍ବନ୍ଧରେ ପୂର୍ବରୁ ଶୁଣିଛି । ଜଣେ ସାହିତ୍ୟିକ ଭାବରେ ଲୋକପ୍ରିୟ ହେବା ଅପେକ୍ଷା ପ୍ରଶାସକ ଭାବରେ ଲୋକପ୍ରିୟତା ହାସଲ କରିବା ଆଜିକାଲି ଦୁରୂହ । ମା'ଙ୍କ କୃପା ଯୋଗୁଁ ଆପଣ ଦୁଇଟି ଯାକ ସୁଗୁଣରେ ଅଧିକାରୀ । ମୁଁ କୃତକୃତ୍ୟ ହୋଇ ମୋର ଅନ୍ତରର ସାଧୁବାଦ ଜଣାଇଲି । ଏହା ମଧ୍ୟ ମୁଁ ଜାଣିଛି ଯେ ଆପଣଙ୍କ ସ୍ୱର୍ଗୀୟ ପିତା ଓ ମାତା ଉଭୟ ଶ୍ରୀମା' ଓ ଶ୍ରୀଅରବିନ୍ଦଙ୍କ ଆଶ୍ରିତ ଥିଲେ ।

ସେମାନଙ୍କ ସୁକର୍ମ ଆଜି ଆପଣଙ୍କୁ ଏପରି ଦିଗ୍–ଦର୍ଶନ ଦେଉଛି ମନୋଜ ଦାସ କହିଲେ । ମୁଁ ଆଶ୍ଚର୍ଯ୍ୟ ହେଲି ଯେ, ମନୋଜ ଦାସଙ୍କ ଭଳି ମହାନବ୍ୟକ୍ତି ଯେ କି ମୋ ସହିତ ପୂର୍ବରୁ ଅପରିଚିତ ମୋ ସମ୍ବନ୍ଧରେ ଏତେ ତଥ୍ୟ ରଖିଛନ୍ତି । ବୋଧହୁଏ ଆୟୋଜକମାନେ ମୋ ସମ୍ବନ୍ଧରେ ତାଙ୍କୁ ଜ୍ଞାତ କରାଇଥିବେ । କଥୋପକଥନ ଛଳରେ ଲକ୍ଷ୍ମୀର ଅଭିସାର, ଠାରୁ ଶେଷ ବସନ୍ତର ଚିଠି, 'ପ୍ରଭଞ୍ଜନ', 'ମନୋଜ ଦାସଙ୍କ କଥା ଓ କାହାଣୀ', 'ଆରଣ୍ୟକ'ପୁସ୍ତକ ଏବଂ ତାଙ୍କ ଦ୍ୱାରା ସଂପାଦିତ ହେରିଟେଜ୍ ଇଂରାଜୀ ପତ୍ରିକା ମୁଁ ପଢିଥିବା କହିଲି । ସେ ସ୍ମିତ ହସି କହିଲେ ଆପଣ ମୋ ପୁସ୍ତକ ଏତେ ପଢିଛନ୍ତି ଏହା ଅବିଶ୍ୱାସ ଯୋଗ୍ୟ । ମୁଁ ଯେତେବେଳେ ଏକ ଅପହୃତ ଟୋପିର ରହସ୍ୟ ଗଳ୍ପର ଉଦାହରଣ ଦେଲି ସେ ବି ହସ ସମ୍ଭାଳି କହିଲେ ଆଜି କେବଳ 'ଶ୍ରୀଅରବିନ୍ଦ'ଙ୍କ କଥା । ଏତକ କହି ଗମ୍ଭୀର ହୋଇ ସଭାରେ ମନୋନିବେଶ କଲେ । ଧ୍ୟାନ କଲା ପରେ ତାଙ୍କ ବକ୍ତବ୍ୟ ଆରମ୍ଭ ହେଲା । ଶ୍ରୀଅରବିନ୍ଦଙ୍କ ଅତିମାନସ ସତ୍ତା ଠାରୁ ଆରମ୍ଭ ହୋଇ ଚେତନାର ବିଭିନ୍ନ ସ୍ତର, ବସ୍ତୁବାଦୀ ଦୁନିଆରେ ଆଧାତ୍ମିକତାର ଉପକାରିତା, ଧ୍ୟାନ, ଶ୍ରୀଅରବିନ୍ଦଙ୍କ ଦେହାଂଶ ପ୍ରତିଷ୍ଠା ଇତ୍ୟାଦି କେତେ କଥା । ତାଙ୍କ ଭାଷଣ ତ ସର୍ବଦା ସମବେତ ଜନତାଙ୍କୁ ମନ୍ତ୍ରମୁଗ୍ଧ କରିଥାଏ । ସମବେତ ଶ୍ରୋତା ନୀରବରେ ଏକାଗ୍ର ଚିତ୍ତରେ ଶୁଣୁଥାନ୍ତି । କଥା ଛଳରେ ପୁରାଣ, କିମ୍ବଦନ୍ତୀ ଓ ଇତିହାସର ଅନେକ ଉଦାହରଣ ମଧ୍ୟ ଦେଉଥାନ୍ତି । ପାଖାପାଖି ଚାଳିଶ ମିନିଟ ଭାଷଣର ସମୟ ବିତିଗଲା, ଲେଶ ମାତ୍ର ଜଣାପଡିଲା ନାହିଁ । ଭାଷଣ ଶେଷ ହେଲା ବେଳକୁ ତାଙ୍କ ହାତ ଧରି ମଞ୍ଚ ତଳକୁ ଓହ୍ଲାଇ ଆଣିଲା ବେଳେ ଜଗତସିଂହପୁର ଆସିଥିବାରୁ ପ୍ରଶାସନ ଓ ଜିଲ୍ଲାବାସୀଙ୍କ ତରଫରୁ ଧନ୍ୟବାଦ ଜଣାଇଲା ବେଳେ, ସେ ଥଟ୍ଟାରେ ହସି କହିଲେ, ମୁଁ ପରା ଏ ଜିଲ୍ଲାର ଜୋଇଁ । ଜୋଇଁ ପୁଅଙ୍କୁ ଧନ୍ୟବାଦ କ'ଣ ?

କିଛି ମୁହୂର୍ତ୍ତ ପରେ ଗମ୍ଭୀର ହୋଇ କହିଲେ, ସଂଗ୍ରାମ, ବୋଧହୁଏ ଏହା ମୋର ଜୀବନର ଶେଷ ଗସ୍ତ । ମୋ ଛାତିରେ ଯେମିତି ଛନକା ପଶିଗଲା । ମୁଁ କେବଳ ଏତିକି କହିଲି, ଆପଣ ଦୀର୍ଘାୟୁ ହୁଅନ୍ତୁ । ମହାପ୍ରଭୁଙ୍କ ପାଖରେ ଆମେ ପ୍ରାର୍ଥନା କରୁଛୁ । ମୁଁ ପାଦସ୍ପର୍ଶ କରି ପ୍ରଣାମ କଲା ବେଳେ ମୋ ମୁଣ୍ଡଟିକୁ ଆଉଁସି ଗାଡିରେ ବସିଲେ । ମନୋଜ ଦାସ ବିଦାୟ ନେଲା ବେଳେ ଭାବୁଥିଲି କେତେ ବଡ ମହାନ ବ୍ୟକ୍ତି,ଏ ଜାତିର ଭାଷାରେ କେତେ ମହାନ ସୃଷ୍ଟି ରଚନା କରି ଯାଇଛନ୍ତି ? ଅହଙ୍କାର ବିବର୍ଜିତ, ଆଧାତ୍ମିକ ସତ୍ତାର ଉପାସକ, ଏଭଳି ବିରଳ ବ୍ୟକ୍ତିତ୍ୱଙ୍କ ସାନିଧ ଲାଭକରି ସତେ ଅବା ଜୀବନ ଧନ୍ୟ ହୋଇଗଲା । ତାଙ୍କ ସହ ଆଶ୍ରମରେ ସମ୍ପର୍କ ରଖିବାକୁ ମୋତେ ତାଙ୍କର ଶେଷ ଉପଦେଶ ଥିଲା । ଜଗତସିଂହପୁର ଗସ୍ତର ମାତ୍ର କେତେଦିନ ପରେ ଦୁରରୋଗ୍ୟ ବ୍ୟାଧିରେ ପୀଡିତ ହୋଇ ମନୋଜ ଦାସ ଇହଲୋକ ତ୍ୟାଗ କରିଥିଲେ । ତାଙ୍କ ସହ ଫେବୃଆରୀ ସନ୍ଧ୍ୟାର କଥୋପକଥନ ଓ ସ୍ମୃତି ଚିରଦିନ ଅମ୍ଳାନ ଓ ପ୍ରେରଣାଦାୟକ ହୋଇ ରହିବ ।

*(କ୍ରମଶଃ)*

**କଥାଶିଳ୍ପୀ ଓ ଦକ୍ଷିଣାଞ୍ଚଳ ରାଜସ୍ୱ ଆୟୁକ୍ତ, ଓଡ଼ିଶା, ବ୍ରହ୍ମପୁର**

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଅନ୍ନଦାତାଙ୍କ...

ଯୋଜନାକୁ ଅନୁମୋଦନ ହୋଇଥିଲେ । ଏଣୁ ଚାଷୀଙ୍କୁ କୁଇଣ୍ଟାଲ ପିଛା ୩୧୦୦ ଟଙ୍କା ପ୍ରଦାନ କରାଯାଇଥିଲା ଏବଂ ରେକର୍ଡ ୯୨ ଲକ୍ଷ ୬୩ ହଜାର ମେଟ୍ରିକ ଟନ ଧାନ ସଂଗ୍ରହ କରିଥିଲା । ଆଉ ଆଜି ରାଜ୍ୟର ୫୧ ଲକ୍ଷରୁ ଅଧିକ କ୍ଷୁଦ୍ର-ନାମମାତ୍ର ଚାଷୀ ଏବଂ ୩୯,୬୩୯ ଭୂମିହୀନ କୃଷି ପରିବାରକୁ ସି.ଏମ୍-କିଷାନ୍ ଯୋଜନାର ତୃତୀୟ କିସ୍ତି ଭାବରେ ୧୦୪୧ କୋଟି ଟଙ୍କା ଡି.ବି.ଟି. ମାଧ୍ୟମରେ ପ୍ରଦାନ କରାଗଲା ।

କେବଳ ଏହି ଗୋଟିଏ ପଦକ୍ଷେପରୁ ପଞ୍ଜୀକୃତ ଚାଷୀଙ୍କ ବାର୍ଷିକ ଆୟରେ ଅତିକମରେ ୩୮ ହଜାର ଟଙ୍କା ଯୋଡି ହୋଇଛି । ସୁଭଦ୍ରା ଯୋଜନାର ଦଶ ହଜାର ଏବଂ ପିଏମ ଓ ସିଏମ କିଶାନର ୧୦ ହଜାର ଟଙ୍କାକୁ ଯୋଡିବେ ତେବେ ସେମାନଙ୍କ ବାର୍ଷିକ ଆୟ ଅତି କମରେ ୫୮ ହଜାର ଟଙ୍କା ବୃଦ୍ଧି ପାଇଛି । କାରଣ, ପ୍ରାୟ ପ୍ରତ୍ୟେକ ହିତାଧିକାରୀ ହେଉଛନ୍ତି ଚାଷୀ ପରିବାରର । ଏହା ହେଉଛି ଆମ ସରକାରଙ୍କ ପ୍ରତିବଦ୍ଧତାକୁ ଦର୍ଶାଉଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ ।

ଏହା ଅତ୍ୟନ୍ତ ଖୁସିର ବିଷୟ ଯେ ଚଳିତ ବର୍ଷ କୃଷକ ସମୃଦ୍ଧି ଯୋଜନାରେ ବର୍ତ୍ତମାନ ସୁଦ୍ଧା ୧୮ ଲକ୍ଷରୁ ଅଧିକ ଚାଷୀ ପଞ୍ଜୀକରଣ କରିସାରିଛନ୍ତି । ଯେମିତି ଜଣେ ହେଲେ ଚାଷୀ ଯେମିତି ଏଥିରୁ ବଞ୍ଚିତ ନ ହୁଅନ୍ତି, ମୁଁ ବ୍ୟକ୍ତିଗତ ଭାବେ ଧ୍ୟାନ ରଖିବି । କାରଣ, ବିନା ଅନ୍ନଦାତାଙ୍କ ଉନ୍ନତିରେ ରାଜ୍ୟର ପ୍ରଗତି ଅସମ୍ଭବ ।

ସେ କହିଥିଲେଯେ, ପ୍ରତି ଫସଲ ଋତୁ ପାଇଁ କ୍ଷୁଦ୍ର ଓ ନାମମାତ୍ର କୃଷକଙ୍କୁ ୨୦୦୦ ଟଙ୍କା ହିସାବରେ (ବାର୍ଷିକ ୪୦୦୦ ଟଙ୍କା) ପ୍ରଦାନ କରାଯାଇଥାଏ । ଏହି ସହାୟତା ରାଶି କୃଷକମାନେ ଆବଶ୍ୟକୀୟ କୃଷି ସାମଗ୍ରୀ କ୍ରୟ କରିବାରେ ବ୍ୟବହାର କରିଥାନ୍ତି । ଭୂମିହୀନ କୃଷି ପରିବାରକୁ ଛେଳି, କୁକୁଡ଼ା, ବତକ ପାଳନ ତଥା ଛତୁ/ ମହୁଚାଷ ଏବଂ ଅନ୍ୟାନ୍ୟ ଆନୁସଙ୍ଗିକ କୃଷି କାର୍ଯ୍ୟ ନିମନ୍ତେ ତିନୋଟି କିସ୍ତିରେ ୧୨,୫୦୦ ଟଙ୍କା ପ୍ରଦାନ କରାଯାଇଥାଏ । ଏହା ଅତ୍ୟନ୍ତ ଖୁସିର ବିଷୟ ଯେ ଚଳିତ ବର୍ଷ କୃଷକ ସମୃଦ୍ଧି ଯୋଜନାରେ ବର୍ତ୍ତମାନ ସୁଦ୍ଧା ୧୮ ଲକ୍ଷରୁ ଅଧିକ ଚାଷୀ ପଞ୍ଜୀକରଣ କରିସାରିଛନ୍ତି । ଯେମିତି ଜଣେ ହେଲେ ଚାଷୀ ଯେମିତି ଏଥିରୁ ବଞ୍ଚିତ ନ ହୁଅନ୍ତି, ମୁଁ ବ୍ୟକ୍ତିଗତ ଭାବେ ଧ୍ୟାନ ରଖିବି । କାରଣ, ବିନା ଅନ୍ନଦାତାଙ୍କ ଉନ୍ନତିରେ ରାଜ୍ୟର ପ୍ରଗତି ଅସମ୍ଭବ ।

ସେ ଆହୁରି କହିଥିଲେଯେ, ଫସଲର ସୁରକ୍ଷା ନିମନ୍ତେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସହଭାଗିତାରେ ଅନେକ ଗୁଡିଏ କୃଷକ କଲ୍ୟାଣ ଯୋଜନା କାର୍ଯ୍ୟକାରୀ କରାଯାଉଛି । ପ୍ରଧାନ ମନ୍ତ୍ରୀ ଫସଲ ବୀମା ଯୋଜନା ବା ପିଏମ୍‌ଏଫ୍‌ବିୱାଇ, ପରିବର୍ତ୍ତିତ ଜଳବାୟୁ ତଥା ବିଳମ୍ବିତ ମୌସୁମୀକୁ ସମ୍ମୁଖୀନ ହୋଇ ନିଶ୍ଚିତ ଫସଲ ଅମଳ ପାଇବା ପାଇଁ ଫସଲ ବିବିଧିକରଣ ଭଳି ଯୋଜନା ଉପରେ ଅଧିକ ଗୁରୁତ୍ୱ ପ୍ରଦାନ କରାଯାଉଛି । ଆଳୁ ଓଡ଼ିଶାର ପ୍ରମୁଖ ପନିପରିବା ଫସଲ ମଧ୍ୟରୁ ଅନ୍ୟତମ ଏବଂ ଆଳୁ ଉତ୍ପାଦନରେ ରାଜ୍ୟକୁ ଆତ୍ମନିର୍ଭରଶୀଳ କରିବା ପାଇଁ, ରାଜ୍ୟର ୩ ହଜାର ୧୧୫ କ୍ଲଷ୍ଟରରେ ୩୬ ହଜାରରୁ ଅଧିକ ଚାଷୀ ସଚେତନତା କାର୍ଯ୍ୟକ୍ରମ କରାଯାଇ ପ୍ରାୟ ୧ ଲକ୍ଷ ହିତାଧିକାରୀଙ୍କୁ ଆଳୁ ଚାଷରେ ସାମିଲ କରାଯାଇଛି । ଗତବର୍ଷ ରାଜ୍ୟର ସମସ୍ତ ଜିଲ୍ଲାରେ ୧ ଲକ୍ଷ ୬୦ ହଜାର ୮୭୪ କ୍ୱିଣ୍ଟାଲର ପ୍ରାମାଣିକ ବିହନ ଆଳୁ ବଣ୍ଟନ କରାଯାଇଛି, ଯାହା ପୂର୍ବ ବର୍ଷ ତୁଳନାରେ ୩ ଗୁଣ ଅଧିକ ।

ରାଜ୍ୟରେ ଶୀତଳ ଭଣ୍ଡାର ସ୍ଥାପନ ନିମନ୍ତେ ଆର୍ଥିକ ସହାୟତା ଯୋଜନା ୨୦୨୫ ଜାନୁୟାରୀରେ କାର୍ଯ୍ୟକ୍ଷମ କରାଯାଇଛି । ରାଜ୍ୟରେ ଶୀତଳଭଣ୍ଡାର ଭିତ୍ତିଭୂମିକୁ ସୁଦୃଢ କରିବା ଲକ୍ଷ୍ୟ ନେଇ ପ୍ରତ୍ୟେକ ଉପଖଣ୍ଡ ସ୍ତରରେ ଗୋଟିଏ ଲେଖାଏଁ ଶୀତଳ ଭଣ୍ଡାର ଘରୋଇ ସହଭାଗିତାରେ ପ୍ରତିଷ୍ଠା କରାଯିବ । ଏହା ମାଧ୍ୟମରେ ଫସଲ ଅମଳ ପରବର୍ତ୍ତୀ କ୍ଷତିକୁ ରୋକିବା ସହ କୃଷି ଉତ୍ପାଦର ଉପଯୁକ୍ତ ମୂଲ୍ୟ ଦ୍ୱାରା ବଜାର ସୁବିଧା ଯୋଗାଇ ଦେଇ ଚାଷୀମାନଙ୍କର ରୋଜଗାର ବୃଦ୍ଧି କରାଯାଇପାରିବ । ଏହା ଦ୍ୱାରା ଅଭାବୀ ବିକ୍ରି ମଧ୍ୟ ରୋକାଯାଇ ପାରିବ । ଯୁବ କୃଷି ଉଦ୍ୟୋଗୀ ମାନଙ୍କୁ ବ୍ୟବସାୟ ଭିତ୍ତିକ ଭିତ୍ତିଭୂମି ପ୍ରତିଷ୍ଠା ସହ ନିଜର ଆର୍ଥିକ ଉନ୍ନତି ଏବଂ ରାଜ୍ୟର ଗ୍ରାମୀଣ ଅର୍ଥନୀତିରେ ଉନ୍ନତି ଆଣିବା ପାଇଁ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାରେ ରିହାତି ଜରିଆରେ ଏକ କୋଟି ଟଙ୍କା ପର୍ଯ୍ୟନ୍ତ ସବସିଡି ପ୍ରଦାନ କରାଯାଉଛି । ୨୦୨୪-୨୫ ଆର୍ଥିକ ବର୍ଷରେ ୧ ହଜାର ୪୦୬ ଟି ପ୍ରକଳ୍ପକୁ ୧୮୮ କୋଟି ୩୪ ଲକ୍ଷ ଟଙ୍କାର ରିହାତି ପ୍ରଦାନ କରାଯାଇଛି, ବୋଲି ସେ କହିଥିଲେ ।

ସୂଚନା ଯୋଗ୍ୟଯେ ଏହି ପ୍ରମୁଖ କଲ୍ୟାଣକାରୀ ଯୋଜନାରେ କୃଷକଙ୍କ ପରିବାରକୁ କୃଷି ଓ ଆନୁସଙ୍ଗିକ କାର୍ଯ୍ୟପାଇଁ ଆର୍ଥିକ ସହାୟତା ପ୍ରଦାନ କରାଯାଇଥାଏ । ଉଚ୍ଚ ଶିକ୍ଷା / ବୃତ୍ତିଧାରୀ ଶିକ୍ଷା ନିମନ୍ତେ କୃଷି ବିଦ୍ୟାନିଧି ଯୋଜନାରେ ସି. ଏମ୍. କିଷାନ ହିତାଧିକାରୀଙ୍କ ପିଲାଙ୍କ ପାଇଁ ବୃତ୍ତି ପ୍ରଦାନ କରାଯାଇଛି । ଆଇ ଆଇ ଟି, ଏନ ଆଇ ଟି, ଆଇ ଆଇ ଏମ୍. ଏମ୍ସ ଓ ଆ.ସି.ଏ. ଆର ଭଳି ପ୍ରମୁଖ ଶିକ୍ଷାନୁଷ୍ଠାନରେ ଅଧ୍ୟୟନ କରୁଥିବା ମେଡ଼ିକାଲ, ଇଞ୍ଜିନିୟରିଂ, କୃଷି, ନର୍ସିଂ, ଆଇ ଆଇ ଟି, ଛାତ୍ରଛାତ୍ରୀ ମାନଙ୍କୁ ଏହି ବୃତ୍ତି ପ୍ରଦାନର ବ୍ୟବସ୍ଥା ରହିଛି । ଗତ ଶିକ୍ଷା ବର୍ଷରେ ବିଭିନ୍ନ ବୈଷୟିକ ପାଠ୍ୟକ୍ରମ ପାଇଁ ୧୩, ୯୨୩ ଜଣ ସି. ଏମ୍. କିଷାନ ହିତାଧିକାରୀଙ୍କ ପିଲାମାନଙ୍କୁ ପ୍ରାୟ ୫୩ କୋଟି ୬୯ ଲକ୍ଷ ଟଙ୍କାର କୃଷି ବିଦ୍ୟାନିଧି ଛାତ୍ରବୃତ୍ତି ପ୍ରଦାନ କରାଯାଇଛି ।

ଏହି ଉତ୍ସବରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂ ଦେଓ କହିଥିଲେ ଯେ ରାଜ୍ୟରେ କୃଷି ଓ କୃଷକର ଉନ୍ନତି ସାଧନ ନିମିତ୍ତ ସରକାର ଅଙ୍ଗୀକାରବଦ୍ଧ । ସମସ୍ତ ଅଭାବୀ ଚାଷୀକୁଳକୁ କିଛିଟା ଆର୍ଥିକ ସ୍ୱାବଲମ୍ବୀ କରିବାର ଲକ୍ଷ୍ୟ ନେଇ ରାଜ୍ୟ ସରକାର ନିଜସ୍ୱ ସମ୍ବଳରେ ଏହି କୃଷକ କଲ୍ୟାଣକାରୀ ଯୋଜନା ସି ଏମ କିଷାନ ଯୋଜନା କାର୍ଯ୍ୟକାରୀ କରୁଛନ୍ତି । ଏହି ଯୋଜନା ଏକ ପ୍ରଗତିଶୀଳ ତଥା କୃଷକମାନଙ୍କୁ ସମାଜର ମୁଖ୍ୟ ସ୍ରୋତକୁ ଆଣିବା ଭଳି ଯୋଜନା । ସି.ଏମ୍ କିଷାନ ଯୋଜନାରେ ଅଧିକରୁ ଅଧିକ ଯୋଗ୍ୟ ଚାଷୀ ଅନ୍ତର୍ଭୁକ୍ତ ହେଲେ କୃଷି ଓ କୃଷକର ଉନ୍ନତି ହୋଇପାରିବ ।

ଏହି ଅବସରରେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗ, ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ କହିଥିଲେ ଯେ, ଆନୁଷଙ୍ଗିକ କୃଷି କାର୍ଯ୍ୟକ୍ରମ ଯଥା ପଶୁପାଳନ, ମତ୍ସ୍ୟଚାଷ ଓ ଉଦ୍ୟାନକୃଷି ବୃତ୍ତି ଚାଷୀ ମାନଙ୍କର ଆର୍ଥିକ ଉନ୍ନତି ଓ ଉନ୍ନତ ଜୀବନ ଧାରଣରେ ବିଶେଷ ଗୁରୁତ୍ୱ ବହନ କରେ । କ୍ଷୁଦ୍ର ଛେଳି ଚାଷ ୟୁନିଟ, କ୍ଷୁଦ୍ର ଅଣ୍ଡା ଦିଆ କୁକୁଡ଼ା ୟୁନିଟ, ଦ୍ୱିମୁଖୀ ସ୍ୱଳ୍ପ ସାମଗ୍ରୀ ବୈଷୟିକ ପକ୍ଷୀ ୟୁନିଟ, ବତକ ୟୁନିଟ, ମତ୍ସ୍ୟଜୀବିଙ୍କୁ ମତ୍ସ୍ୟ ଉପକରଣ ଯୋଗାଣ, ଛତୁ ଚାଷ, ମହୁ ଚାଷ, ଗୋପାଳନ, ଟସର ଚାଷ ଭଳି ଅନେକ ଚାଷ ଆଜି ଅନେକ ସ୍ତରରେ ଲାଭବାନ ହୋଇଛନ୍ତି ଏହି ସି ଏମ କିଷାନ ଯୋଜନା ପାଇଁ । ଏହା ଛଡା ସରକାରଙ୍କ ପଶୁପାଳନ ଆର୍ଥିକ ସହାୟତା ଯେଭଳି ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା ଆଜି ଲକ୍ଷ ଲକ୍ଷ ଗୋପାଳକ ଭାଇ ଭଉଣୀ ମାନଙ୍କ ମୁହଁରେ ହସ ଫୁଟାଇ ପାରିଛି ।

ଏହି ଅବସରରେ ଭୁବନେଶ୍ୱର (ଏକାମ୍ର) ମାନ୍ୟବର ବିଧାୟକ ବାବୁ ସିଂ, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗର ପ୍ରମୁଖ ଶାସନ ସଚିବ ସୁରେଶ କୁମାର ବଶିଷ୍ଠ, ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର କୁଳପତି ଡଃ ପ୍ରଭାତ କୁମାର ରାଉଳ, ନିର୍ଦ୍ଦେଶକ ଉଦ୍ୟାନ କୃଷି ବିଭାଗ ଏବଂ ନିର୍ଦ୍ଦେଶକ ମୃତ୍ତିକା ସଂରକ୍ଷଣ ବିଭାଗ, କୃଷି ଓ କୃଷକ ସଶକ୍ତିକରଣ ବିଭାଗର ବହୁ ବରିଷ୍ଠ ଅଧିକାରୀ ଏହି ଯୋଗଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ରାଜ୍ୟର ପ୍ରାୟ ୬୦୦ରୁ ଉର୍ଦ୍ଧ୍ୱ କୃଷକ ଏବଂ ଓୟୁଏଟି ର ୨୦୦ ଛାତ୍ରଛାତ୍ରୀ ସକ୍ରୀୟ ଯୋଗଦାନ କରିଥିଲେ ।

ଏହି କାର୍ଯ୍ୟକ୍ରମ ୩୦ ଗୋଟି ଜିଲ୍ଲା ପାଇଁ ଲାଇଭଷ୍ଟ୍ରିମିଂ ହୋଇଥିଲା । ବିଭିନ୍ନ ବିଭାଗୀୟ ମନ୍ତ୍ରୀ, ସାଂସଦ ଓ ସ୍ଥାନୀୟ ବିଧାନସଭା ସଦସ୍ୟ, ଜନ ପ୍ରତିନିଧି, ଜିଲ୍ଲାପାଳ ଏବଂ କୃଷି ଓ କୃଷକ ସଶକ୍ତିକରଣ ବିଭାଗର ଅଧିକାରୀଙ୍କ ଉପସ୍ଥିତିରେ ଜିଲ୍ଲାସ୍ତରୀୟ ଉତ୍ସବ ମଧ୍ୟ ମହା ସମାରୋହରେ ଆୟୋଜିତ ହୋଇଥିଲା । କାର୍ଯ୍ୟକ୍ରମରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗର ପ୍ରମୁଖ ଶାସନ ସଚିବ ଡଃ ଅରବିନ୍ଦ କୁମାର ପାଢ଼ୀ ସ୍ୱାଗତ ଭାଷଣ ଦେଇଥିବା ବେଳେ, କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶକ, ଓଡ଼ିଶା, ଶୁଭମ ସକ୍ସେନା ଧନ୍ୟବାଦ ଦେଇଥିଲେ ।

## କ୍ଷତି ହେବ...

ରହିଛି । ମାତ୍ର ଏବେ ଏଥିରେ ଟିକେ ଅଡୁଆ ସୃଷ୍ଟି ହୋଇଛି । ଭାରତ ବିଶ୍ୱର ସବୁଠୁ ବଡ ଗଣତାନ୍ତ୍ରିକ ରାଷ୍ଟ୍ର ଓ ଆମେରିକା ମଧ୍ୟ ବିଶ୍ୱର ଅନ୍ୟତମ ବୃହତ୍ତ ଗଣତାନ୍ତ୍ରିକ ରାଷ୍ଟ୍ର । ତେବେ ଆମେରିକାରୁ ଭାରତକୁ କମ୍ ସାମଗ୍ରୀ ରପ୍ତାନୀ ହେଉଛି । ତେବେ ଭାରତରେ ଅତି ଉଚ୍ଚ ଶୁଳ୍କ ଆମେରିକା ସାମଗ୍ରୀ ଉପରେ ଲାଗୁ କରାଯାଇଛି । କେଉଁ ଦେଶରୁ କମ୍ ସାମଗ୍ରୀ ରପ୍ତାନୀ ହେଉଛି ତାକୁ ସୁବିଧା ମିଳିବା ଆବଶ୍ୟକ । ଭାରତ ବଳକା ଦେଶ ହୋଇଥିବାରୁ ସେମାନେ ବିବ୍ରତ ଅଛନ୍ତି । ମାତ୍ର ଆମେରିକାକୁ ଫାଇଦା ମିଳିବା ଦରକାର । ପ୍ରଥମେ ଆମେରିକାର ଚଳିତମାସ ୭ରୁ ଭାରତୀୟ ସାମଗ୍ରୀ ଉପରେ ୨୫% ଶୁଳ୍କ ଲଗାଇଥିଲା । ଏହାପରେ ଅତିରିକ୍ତ ୨୫% ଶୁଳ୍କ ଲାଗୁ ହେବ ବୋଲି ଘୋଷଣା କରିଥିଲା ।

ଏହାର ଡେଡ୍‌ଲାଇନ୍ ୨୮ ତାରିଖ ରହିଥିଲା । ତେବେ ଗ୍ଲୋବାଲ ଟ୍ରେଡ୍ ରିସର୍ଚ୍ଚ ଇନିସେଟିଭ୍ ପକ୍ଷରୁ କୁହାଯାଇଛି ଯେ ଆମେରିକାର ଶୁଳ୍କ ବୃଦ୍ଧି ଯୋଗୁ ଭାରତୀୟ ରପ୍ତାନୀ କ୍ଷେତ୍ରରେ ପ୍ରଭାବ ପଡିବ । ପ୍ରାୟ ୬୦.୨ ବିଲିୟନ୍ ଆମେରିକିଆନ୍ ଡଲାର କ୍ଷତି ହେବ । ଫଳରେ ପୋଷାକ, ଜୁଏଲାରୀ, କାରପେଟ୍ ଓ କାଠ କାମ ଉପରେ କାର୍ଯ୍ୟ କରୁଥିବା ଲକ୍ଷ ଲକ୍ଷ ଶ୍ରମିକ ପ୍ରଭାବିତ ହେବେ । ଋଷରୁ ଭାରତ ୨୦୨୨ରୁ ତେଲ କିଣା ଜାରି ରଖିଛି । ଋଷ୍ ଓ ୟୁକ୍ରେନ୍ ଯୁଦ୍ଧ ଆରମ୍ଭ ହେବାରୁ ୨୦୨୨ରେ କଟକଣା ଲଗାଯାଇଥିଲା । ତେବେ ଭାରତ ଏହାର ସୁବିଧା ନେଇ ଋଷରୁ ଶସ୍ତା ତେଲ କିଣିବାରେ ଲାଗିଥିଲା । ୨୦୨୪ ମଧ୍ୟଭାଗ ସୁଦ୍ଧା ଋଷରୁ ଭାରତ ୪୧% ତେଲ ଆମଦାନୀ କରିଛି । ତେବେ ଏହି ତେଲ କିଣା ବନ୍ଦ କରିବାକୁ ଟ୍ରମ୍ପ ପ୍ରଶାସନ ଚାପ ପକାଇଥିଲେ । ମାତ୍ର ଭାରତ ଏହାକୁ ଗ୍ରହଣ କରିନଥିଲା । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି ଯେ ଦେଶର ଶ୍ରମିକ, କ୍ଷୁଦ୍ରଶିଳ୍ପ ଓ ଘରୋଇ ଉତ୍ପାଦ କରୁଥିବା ଲୋକଙ୍କ ସ୍ୱାର୍ଥ ସହ କୌଣସି ବୁଝାମଣା କରାଯିବନାହିଁ । ଯଦିଓ ଚାପ ବଢ଼ିଛି ଆମେ ଏହାକୁ ସହ୍ୟ କରିବା ପାଇଁ ଅଲଗା ରାସ୍ତା ଖୋଜୁଛୁ ।

## ଆଜି...

ଏହାକୁ ଗ୍ରହଣ କରି ଜନସାଧାରଣ ଆଶୀର୍ବାଦ କାମନା କରିଥାନ୍ତି। ଶ୍ରାବଣ ମାସର ଶେଷ ବେଳକୁ ଖରିଫ ଧାନ ଚାଷ କାର୍ଯ୍ୟ ପ୍ରାୟ ପ୍ରାୟ ସମ୍ପୂର୍ଣ୍ଣ ହୋଇଯାଇଥାଏ। ଚଳିତବର୍ଷ ଭାଦ୍ରବ ମାସର ପ୍ରଥମାର୍ଦ୍ଧ ଅତିକ୍ରାନ୍ତ ହେବାକୁ ବସିଥିଲେ ମଧ୍ୟ ପ୍ରାଥମିକ କାର୍ଯ୍ୟ ପଛୁଆ। ବିଭିନ୍ନ ଅଞ୍ଚଳରେ ଜାରି ରହିଛି। ଏବେ ମଧ୍ୟ କେତେକ ଚାଷୀ ସେଥିରେ ବ୍ୟସ୍ତ ଅଛନ୍ତି। ଅକ୍ଷୟ ତୃତୀୟା ଓ ଶୀତଳଷଷ୍ଠୀ ସମୟରେ କରାଯାଇଥିବା ଧାନ ଚାଷର ପ୍ରଥମ ଶସ୍ୟ ନବାନ୍ନ ବେଳକୁ ଅମଳକ୍ଷମ ହୋଇଥାଏ। ଏହାକୁ ଖରଡ଼ି ଚାଷ କହନ୍ତି। ସୁରୁଆଁ କିସମର ଧାନ ବିହନ ଏଥିପାଇଁ ଚାଷୀମାନେ ଉପଯୋଗ କରିଥାନ୍ତି। ଦୈନିକ ଓ ସାପ୍ତାହିକ ହାଟରେ ବର୍ତ୍ତମାନ ନୂଆଁଖାଇର ସରସତା ଅନୁଭୂତ ହେଲାଣି। ବଜାର ଗୁଡିକରେ ନବାନ୍ନ ପର୍ବ ପାଇଁ ଆବଶ୍ୟକ ବାଉଁଶ ପାତିଆ ଓ ମାଟିର ପାତ୍ର, ପନିପରିବା, ଲୁଗାପଟା, ବାସନକୁସନ ଲୋକେ କିଣୁଥିବା ଦେଖିବାକୁ ମିଳୁଛି। ତେବେ ସରିଆ ନୂଆ ଧାନର ପସରା ଦୃଷ୍ଟିଗୋଚର ହେଉ। ଅନ୍ୟ ପକ୍ଷରେ ନୂଆଁଖାଇ ପାଇଁ ବିଭିନ୍ନ ସ୍ଥାନରେ ସ୍ୱତନ୍ତ୍ର ହାଟରେ ଲୋକେ ସଉଦା ପତ୍ର କରିଛନ୍ତି।

ହାଟ ଓ ବଜାରରେ ଧାନ ବିକ୍ରୟ ହେଉଛି ତା'ର ଦାମ ପୂର୍ବାପେକ୍ଷା ବଢ଼ିଛି । ନୂଆଁଖାଇ ଦିନ ବଡ଼ି ଭୋରରୁ ଗାଁ ଗୁଡିକରେ ପୀଢ଼ିପୀଢ଼ି ଧରି ନିର୍ଦ୍ଦିଷ୍ଟ ପରିବାର ନୂଆଁ ଧାନ ଗ୍ରାମବାସୀମାନଙ୍କୁ ପ୍ରଦାନ କରିଥାନ୍ତି। ଏ ବର୍ଷ ଏମାନଙ୍କୁ ନୂଆ ଧାନ ଖୋଜିବାକୁ ପଡୁଛି । ସେହିଭଳି ନୂଆଁଖାଇ ବିଧି ପାଇଁ ଆବଶ୍ୟକ ପନିପରିବାର ମଧ୍ୟ ଚାହିଦା ବୃଦ୍ଧି ପାଇଛି। ଏହି ଗଣପର୍ବ ପାଇଁ ଉନ୍ମାଦନା ବଢ଼ି ଚାଲିଥିଲେ ମଧ୍ୟ ଖାସ କରି ବର୍ଷା ଉପରେ ନିର୍ଭରଶୀଳ ଅଞ୍ଚଳରେ ଚାଷୀମାନେ ଚାଷ ପାଇଁ ଚିନ୍ତାରେ ଥିଲେ। ମାତ୍ର ମୌସୁମୀ ବିଳମ୍ବିତ ହୋଇଥିଲା । ମୌସୁମୀ ଆରମ୍ଭରୁ ଭଲ ବର୍ଷା ହେବାରୁ ଚାଷୀମାନଙ୍କ ମଧ୍ୟରେ ଭଲ ଫସଲ ନେଇ ଆଶା ସଂଚାର ହୋଇଛି । ବିଳମ୍ବରେ ହେଲେ ମଧ୍ୟ ଏଥର ଚାଷୀମାନେ କମ୍ ଅବଧିରେ ହେଉଥିବା ଧାନ ଚାଷ କରିଛନ୍ତି । ନୂଆଁଖାଇ ପାଳନ ପାଇଁ ନିଜ ଗାଁ ଓ ସହରରୁ ଦୂରରେ ଥିବା ବିଶେଷ କରି କର୍ମଚାରୀ, ଅଧିକାରୀ ଓ ଶ୍ରମଜୀବୀମାନେ ନିଜ ପରିବାର ସହ ଘରେ ପହଞ୍ଚିଛନ୍ତି । ଏଥିପାଇଁ ପଶ୍ଚିମଓଡ଼ିଶାକୁ ଆସୁଥିବା ଟ୍ରେନ୍, ବସ ଓ ଅନ୍ୟାନ୍ୟ ଯାନବାହାନରେ ଯାତ୍ରୀଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା ।

## ଆସନ୍ତା...

ରାଜନେତା ସ୍ୱର୍ଗତଃ ବସନ୍ତ ବିଶ୍ୱାଳଙ୍କ ୨୨ତମ ଶ୍ରାଦ୍ଧବାର୍ଷିକୀ ପାଳିତ ହେବ । ସେଠାରେ ଆୟୋଜିତ ସ୍ମୃତିସଭାରେ ଓଡ଼ିଶାର ବିଭିନ୍ନ ରାଜନୈତିକ ଦଳର ତୁଙ୍ଗ ନେତାମାନେ ସ୍ୱର୍ଗତଃ ବିଶ୍ୱାଳଙ୍କ ସ୍ମୃତିଚାରଣ କରିବା ସହ ନବଓଡ଼ିଶା ନିର୍ମାଣରେ ତାଙ୍କର ଅନନ୍ୟ ଅବଦାନ ସମ୍ପର୍କରେ ଆଲୋଚନା କରିବେ । ଏହି ଅବସରରେ ସମାଜର ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ବ୍ୟକ୍ତିବିଶେଷଙ୍କୁ ସମ୍ମାନିତ କରାଯିବ ବୋଲି ସ୍ମୃତି କମିଟି ଅଧ୍ୟକ୍ଷ ଡଃ ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ର ସୂଚନା ଦେଇଛନ୍ତି ।

ଏଥିସହ ରାଜ୍ୟସ୍ତରୀୟ କର୍ମବୀର ବସନ୍ତ ବିଶ୍ୱାଳ ସ୍ମୃତି କମିଟିର ପୁନର୍ଗଠନ କରାଯାଇଛି । ଡଃ ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ର କମିଟିର ଅଧ୍ୟକ୍ଷ ରହିଥିବାବେଳେ ପ୍ରକାଶ ମିଶ୍ର ଓ ସୁଜିତ ଘୋଷ ଦସ୍ତିଦାର ସଂଯୋଜକ ଅଛନ୍ତି । ନାରାୟଣ ଜେନାଙ୍କୁ କୋଷାଧ୍ୟକ୍ଷ କରାଯାଇଥିଲା ବେଳେ କମିଟିରେ ମାର୍ଗଦର୍ଶକ ଭାବେ ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ଜୟଦେବ ଜେନା, ଅମରନାଥ ପ୍ରଧାନ, ସୁରେଶ କୁମାର ରାଉତରାୟଙ୍କୁ ସ୍ଥାନିତ କରାଯାଇଛି । ଉପଦେଷ୍ଟା ଭାବେ ପୂର୍ବତନ ମନ୍ତ୍ରୀ ଶରତ ରାଉତ, ରବୀନ୍ଦ୍ର ମଲ୍ଲିକ, ସମୀର କୁମାର ରାଉତରାୟ, ସୁଜିତ ପାଢ଼ୀ, ଉମାବଲ୍ଲଭ ରଥ, ମାନସ ଚୌଧୁରୀ, ପ୍ରଭାତ ମହାପାତ୍ର, ଜନାର୍ଦ୍ଦନ ଦେହୁରୀ, ଭାଗୀରଥି ପତି, ରାଜନ ସାହୁ, ବନବିହାରୀ ମହାନ୍ତି, ରବୀନ୍ଦ୍ର ନାଥ ମହାନ୍ତି ଓ ଅସିତ ପଟ୍ଟନାୟକ ରହିଛନ୍ତି । ଉପସଭାପତି ଭାବେ ପୃଥ୍ୱୀବଲ୍ଲଭ ପଟ୍ଟନାୟକ, ଆସଫ ଅଲ୍ଲୀ ଖାନ୍, ମୀନାକ୍ଷୀ ବାହିନୀପତି, ପୁଷ୍ପା ସାମଲ, ଦଣ୍ଡପାଣି ନାୟକ, ଯୋଗୀନାଥ ବାହୁବଳେନ୍ଦ୍ର, ମାନସ ଆଚାର୍ଯ୍ୟ, ଶ୍ରୀନିବାସ ରାଉତରାୟ, ମହମ୍ମଦ ଇମ୍‌ଦାଦ, ଅମୀୟ ପାଣ୍ଡବ, ଅଜୟ ସାମଲ, ମନୋଜ ରାଉତ, ମନୋରଞ୍ଜନ ତ୍ରିପାଠୀ, ସନତ ଦାସ, ମନୋଜ ସାହୁ, ଜୀବନ କୁମାର ମହାପାତ୍ର, ରାଜେଶ ପଟ୍ଟନାୟକ, ପ୍ରିୟଜିତ ରାୟ ଓ ଦେବୀ ବିଶୋୟୀ ରହିଛନ୍ତି । ସାଧାରଣ ସମ୍ପାଦକ ଭାବେ ମନୋଜ ବିଶ୍ୱାଳ, ରଣଜିତ ପାତ୍ର, ୟାସିର ନୱାଜ, ସଞ୍ଜୟ ତ୍ରିପାଠୀ, ଲଲାଟେନ୍ଦୁ ଶତପଥୀ, ରଞ୍ଜିତ ରଞ୍ଜନ ରାଉତ, ଅଭିଳାଶ ମାଣିଆ, ମିଳନ ପଟ୍ଟନାୟକ, ଅମରେଶ ପରିଡା, ପ୍ରଭାସ କର ମହାପାତ୍ର, ଦେବଦତ୍ତ ଦାସ, ମାନସ ମହାନ୍ତି, ଜୟକୃଷ୍ଣ ସୁବୁଦ୍ଧି, ଶ୍ରୀୟ ମହାନ୍ତି, ମହମ୍ମଦ ପରଭେଜ, ରାହୁଲ ମହାନ୍ତି, ତୁଷାରକାନ୍ତି ତପସ୍ୱୀ, ଅଜୟ ସାହୁ, ପୁଷ୍ପିତା ଦାସ, ଦିଲ୍ଲୀପ ପଣ୍ଡା, ବରୁଣ ରାଜ, ଅଶୋକ କୁମାର ସିଂ, ପ୍ରଦୀପ ଦାସ, ପ୍ରଜ୍ଞାରାଜ ପ୍ରଧାନ, ବଟକୃଷ୍ଣ ରାଉତରାୟ ଓ ଆକବର ଖାନ୍‌ଙ୍କୁ ସ୍ଥାନିତ କରାଯାଇଛି ।

## ସୁବର୍ଣ୍ଣରେଖା...

କରିଥିଲେ । ବୁଧବାର ଭୋଗରାଇ ଥାନା ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁକରି ପ୍ରାଥମିକ ତଦନ୍ତ କରୁଥିବାବେଳେ ଶବକୁ ଡାକ୍ତରଖାନାରେ ବ୍ୟବଚ୍ଛେଦ କରାଯାଇ ପରିବାରକୁ ହସ୍ତାନ୍ତର କରାଯାଇଥିବାର ଖବର ମିଳିଛି । ସୂଚନାନୁଯାୟୀ, ସୁବର୍ଣ୍ଣରେଖାର ୨ ମାସ ମଧ୍ୟରେ ୬ ଥର ବନ୍ୟା ଆସି ୪ ବ୍ଲକର ଜନଜୀବନକୁ ଦୁର୍ବିସହ କରିଛି ।

## ଗଣେଶ...

ବିଦ୍ୟାଳୟରେ ଗଣେଶ ପୁଜା ଅବସରରେ ଶିକ୍ଷକ ଚନ୍ଦନ କୁମାର ଜେନା କର୍ତ୍ତା ହୋଇ ବସିଥିଲେ । ସେ ଠାକୁରଙ୍କୁ ପୁଷ୍ପାଞ୍ଜଳି ଦେବା ସମୟରେ ଟଳି ପଡ଼ିଥିଲେ । ସଙ୍ଗେ ସଙ୍ଗେ ତାଙ୍କୁ ତେଲକୋଇ ଡାକ୍ତରଖାନାକୁ ଅଣାଯାଇଥିଲା । ତେବେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ତାଂକ ଘର ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ ଅନ୍ତର୍ଗତ ଅନ୍ତୋରେଇ ଗ୍ରାମରେ । ସେ ବିବାହିତ ଓ ତାଂକର ୩ ବର୍ଷର ଏକ ଶିଶୁ କନ୍ୟା ଅଛି ।ଏହି ଦୁଃଖଦ ଘଟଣାକୁ ନେଇ ଉକ୍ତ ବିଦ୍ୟାଳୟରେ ଶୋକର ଛାୟା ଖେଳିଯାଇଛି । ସେହିପରି ବାଲେଶ୍ୱର ଜିଲ୍ଲା ନୀଳଗିରି ବ୍ଲକ୍ ଜଡ଼ିଦା ରାଧାମାଧବ ଜୀଉ ହାଇସ୍କୁଲରେ ନବମ ଶ୍ରେଣୀରେ ପଢୁଥିବା ନୀଳଗିରି ବ୍ଲକ୍ ସିଆଡିମାଳ ପଞ୍ଚାୟତ ସିଆଡିମାଳ ଗ୍ରାମର ଲକ୍ଷ୍ମୀନାରାୟଣ ଦାସବାବୁଙ୍କ ୧୪ବର୍ଷୀୟ ପୁଅ ପ୍ରିୟାଂଶୁ ପ୍ରିତମ ନିକଟସ୍ଥ ଜଡ଼ିଦା ରାଧାମାଧବ ଜୀଉ ହାଇସ୍କୁଲରେ ନବମ ଶ୍ରେଣୀରେ ପଢୁଥିବା ବେଳେ ଆଜି ଗଣେଶ ଚତୁର୍ଥୀ ଅବସରରେ ଘରୁ ଗାଧୋଇପାଧୋଇ ଗଜାନନଙ୍କ ପୂଜାରେ ସାମିଲ ହୋଇଥିଲେ । ପୂଜାସାରି ସାଙ୍ଗସାଥିଙ୍କ ସହିତ ଖେଳୁଥିବା ବେଳେ ହଠାତ୍ ଗଣେଶଙ୍କ ବିଗ୍ରହ ସମ୍ମୁଖରେ ପଡିଯାଇଥିଲେ । ଘଟଣା ସ୍ଥଳରେ ତାଙ୍କର ପ୍ରାଣବାୟୁ ଉଡ଼ିଯାଇଥିବା ବେଳେ ସାଙ୍ଗସାଥୀ, ବିଦ୍ୟାଳୟର ଶିକ୍ଷକ ଶିକ୍ଷୟତ୍ରୀ ଏବଂ ପରିବାର ଲୋକେ ଦୁଃଖରେ ମ୍ରିୟମାଣ ହୋଇପଡିଛନ୍ତି । ବାପା ଲକ୍ଷ୍ମୀନାରାୟଣ ଏବଂ ମାଆ ମାଳତୀ ଦାସବାବୁଙ୍କର ଦୁଇ ପୁଅ ମଧ୍ୟରୁ ପ୍ରୀୟାଂଶୁ ବଡ଼ପୁଅ ଥିଲେ ।ଏଭଳି ଦୁଃଖଦ ଘଟଣା ପ୍ରଚାରିତ ହେବାପରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି ।

## ବୈଷ୍ଣୋଦେବୀ...

ବନ୍ୟାଜଳ ପ୍ରବେଶ କରିଛି। ପୂର୍ବରୁ ସରକାର ଜମ୍ମୁର ସମସ୍ତ ସରକାରୀ ଓ ଘରୋଇ ବିଦ୍ୟାଳୟଗୁଡ଼ିକ ବୁଧବାର ପର୍ଯ୍ୟନ୍ତ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଦଶମ ଓ ଏକାଦଶର ପରୀକ୍ଷାକୁ ବାତିଲ କରାଯାଇଛି। ଟେଲିଫୋନ ସେବା ବହୁ ଅଞ୍ଚଳରେ ବାଧାପ୍ରାପ୍ତ ହୋଇଛି। ଲକ୍ଷାଧିକ ଲୋକଙ୍କର ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ଇତି ଅବସରରେ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ମୃତ୍ୟୁବରଣ କରିଥିବା ତାଙ୍କ ରାଜ୍ୟର ତୀର୍ଥଯାତ୍ରୀଙ୍କ ପାଇଁ ୪ ଲକ୍ଷ ଟଙ୍କା ଲେଖାଏଁ ସହାୟତା ଘୋଷଣା କରିଛନ୍ତି। ଜମ୍ମୁରେ ଟ୍ରେନ୍ ଚଳାଚଳ ବୁଧବାର ଅପରାହ୍ନ ସୁଦ୍ଧା ସ୍ୱାଭାବିକ କରାଯାଇଛି। ଜମ୍ମୁ-କାଶ୍ମୀର ମୁଖ୍ୟମନ୍ତ୍ରୀ ଓମର ଅବଦୁଲ୍ଲା ବାଦଲଫଟା ବର୍ଷା ଓ ପ୍ରବଳ ଆକସ୍ମିକ ବନ୍ୟା ପାଇଁ ବିପର୍ଯ୍ୟୟ ପରିଚାଳନାର ପ୍ରସ୍ତୁତି ନେଇ ପ୍ରଶ୍ନ ଉଠାଇଛନ୍ତି। ୨୦୧୪ ବନ୍ୟା ସହ ସେ ଏହାକୁ ତୁଳନା କରିଛନ୍ତି।

## କଟକ...

ଆଜି ଅପରାହ୍ନ ୩ଟା୪୫ ମିନିଟ ସମୟରେ ଏହି ଦୁର୍ଘଟଣା ଘଟିଥିଲା । ରେଳଷ୍ଟେସନର ନବିକରଣ କାର୍ଯ୍ୟ ଚାଲୁଥିବା ବେଳେ ବାରବାଟୀ ଦୁର୍ଗ ସଦୃଶ ଏହାର ମୁଖ୍ୟ ପ୍ରବେଶ ଦ୍ୱାର ଛାତ ଭଙ୍ଗାଯାଉଥିଲା । ଏହି ସମୟରେ ଛାତ ସହ ସମ୍ପୂର୍ଣ୍ଣ କାନ୍ଥ ୧ନମ୍ବର ପ୍ଲାଟଫର୍ମ ଉପରକୁ ଭାଙ୍ଗି ପଡିଥିଲା । ଫଳରେ ପ୍ଲାଟଫର୍ମର ପ୍ରାୟ ୧୦୦ମିଟର ପର୍ଯ୍ୟନ୍ତ ଟିଣ ସେଡ୍ ଭାଙ୍ଗି ଯାଇଥିଲା । ଉକ୍ତ କାନ୍ଥ ଏତେ ଜୋରରେ ପଡିଥିଲା ଯେ ତାହା ରେଳଧାରଣା ଉପରକୁ ଚାଲିଆସିଥିଲା । ସୌଭାଗ୍ୟବଶତଃ ସେହି ସମୟରେ ଏକ ନମ୍ବର ରେଳ ଟ୍ରାକରେ କୌଣସି ଟ୍ରେନ ଯାଉନଥିଲା । ଯୁଦ୍ଧକାଳୀନ ଭିତ୍ତିରେ ରେଳ ଟ୍ରାକ ଉପରୁ ପଡିଥିବା ଭଗ୍ନାଂଶକୁ କଢାଯାଇଥିଲା । ରାତି ୭ଟା୨୦ରେ ଟ୍ରାକରୁ ପ୍ଲାଟଫର୍ମ ସେଡ୍ ଭଗ୍ନାଂଶ ହଟାଯିବା ପରେ ରେଳ ଚଳାଚଳ ଉକ୍ତ ଟ୍ରାକରେ ସ୍ୱାଭାବିକ ହୋଇଥିଲା । ଏକ ଓ ଦୁଇ ନମ୍ବର ରେଳ ଟ୍ରାକରେ ଆସିବାକୁ ଥିବା ଟ୍ରେନ ଗୁଡିକର ଗତିପଥ ଅବଶିଷ୍ଟ ୬ଗୋଟି ଟ୍ରାକକୁ ପରିବର୍ତ୍ତନ କରାଯାଇଥିଲା । ପ୍ରଶ୍ନ ଉଠିଛି ଯେ ଏହି ଅଘଟଣର ୨୦ମିନିଟ ପୂର୍ବରୁ ଏକ ନମ୍ବର ରେଳ ଟ୍ରାକରେ ପୁରୀ-ହାୱଡା ବନ୍ଦେ ଭାରତ ଏକ୍ସପ୍ରେସ ଯାତ୍ରୀବାହୀ ଟ୍ରେନ ଯାଇଥିଲା । ଟ୍ରେନ ଯାତାୟତ ସମୟରେ ଯଦି ଏହି ଅଘଟଣ ଘଟିଥାନ୍ତା ତାହେଲେ ଧନଜୀବନ ହାନିର ଆଶଙ୍କା ରହିଥିଲା । ରେଳଷ୍ଟେସନ ନବିକରଣ କାର୍ଯ୍ୟ ଯେଉଁ ଠିକା ସଂସ୍ଥା କରୁଥିଲା ତାହା ନିରାପତ୍ତା ବ୍ୟବସ୍ଥା ପ୍ରତି ଧ୍ୟାନ ଦେଇନଥିବା ଅଭିଯୋଗ ଉଠିଛି ।

# ଡିସେମ୍ବର ୩୧ ସୁଦ୍ଧା ସୀମା ନିର୍ଦ୍ଧାରଣ

ଭୁବନେଶ୍ୱର, ୨୭ ।୮ (ସବ୍ୟୁ) : ଜିଲ୍ଲା ସବ୍‌ଡିଭିଜନ, ତହସିଲ ସୀମା ପରିବର୍ତ୍ତନ ହେବ। ରାଜସ୍ୱ ଗ୍ରାମର ମଧ୍ୟ ସୀମା ପରିବର୍ତ୍ତନ କରାଯିବ। ଆସନ୍ତା ଡିସେମ୍ବର ୩୧ ସୁଦ୍ଧା ଏହା ଶେଷ ହେବ। ରାଜସ୍ୱ ବିଭାଗ ପକ୍ଷରୁ ନେଇ ବିଜ୍ଞପ୍ତି ପ୍ରକାଶ ପାଇଛି। ୨୦୨୭ରେ ହେବାକୁ ଥିବା ଜନଗଣନା ପୂର୍ବରୁ ସୀମା ନିର୍ଦ୍ଧାରଣ କରାଯିବ ।ଫଳରେ ନୂଆ ପଞ୍ଚାୟତ, ବ୍ଲକ୍ ଓ ଜିଲ୍ଲା ଗଠନ ଲାଗି ବାଟ ଫିଟିବ। ରାଜ୍ୟ ସରକାର ବିଭିନ୍ନ ବିଭାଗ, ଜିଲ୍ଲା ମାଜିଷ୍ଟ୍ରେଟ୍, ଯୋଜନା ଓ ପରିସଂଖ୍ୟାନ ବିଭାଗ ଓ ବିଡିଓମାନଙ୍କୁ ଏହି ଚିଠି ଲେଖିଛନ୍ତି।

**ଦ.ପୂ. ରେଳପଥ-ଟେଣ୍ଡର**

ଟେଣ୍ଡର ନୋଟିସ ନଂ. : ଏସଟି-ଓଟି-ଖେଣ୍ଡାଇ-ଟେଲି-ବିଏଇଏସ-୨୫-୨୬, ତାରିଖ ୨୬.୦୮.୨୦୨୫ । ନିମ୍ନୋକ୍ତ କାର୍ଯ୍ୟ ନିମନ୍ତେ ଭାରତର ରାଷ୍ଟ୍ରପତିଙ୍କ ତରଫରୁ ଓ ପାଇଁ ସିନିୟର ଡିଭିଜନାଲ ସିଗ୍ନାଲ ଆଣ୍ଡ ଟେଲିକମ୍ ଇଞ୍ଜିନିୟର (କୋ)/ଖଡ଼ଗପୁର-୭୨୧୩୦୧ ଦ.ପୂ. ରେଳପଥଙ୍କ ଦ୍ୱାରା ଇ-ଟେଣ୍ଡର ଆହ୍ୱାନ କରାଯାଉଅଛି ଏବଂ ୧୨.୦୦ ଘଟିକାରେ ଖୋଲାଯିବ । କାର୍ଯ୍ୟର ବିବରଣୀ : ଖଡ଼ଗପୁର ଡିଭିଜନର ସିନିୟର ସେକ୍ସନ ଇଞ୍ଜିନିୟର/ଟି / ବାଲେଶ୍ୱରଙ୍କ କ୍ଷମତା ଅଧୀନରେ ଟେଲିକମ୍ କାର୍ଯ୍ୟ ସମ୍ପାଦନ, ଉପସ୍ଥିତ ବ୍ୟବସ୍ଥାର ସଂଯୋଗ ଓ ପରିବର୍ତ୍ତନ, ସ୍ୱତନ୍ତ୍ର ମରାମତି କାର୍ଯ୍ୟ, ସାଧାରଣ ମରାମତି କାର୍ଯ୍ୟ ଏବଂ ୨ (ଦୁଇ) ଅବଧି ପାଇଁ ରକ୍ଷଣାବେକ୍ଷଣ କାର୍ଯ୍ୟ । ଟେଣ୍ଡର ମୂଲ୍ୟ : ୧,୨୬,୧୫,୫୬୭.୯୭ । ଇଏମଡି : ଟ. ୨,୧୩,୧୦୦/-, ଟେଣ୍ଡର ଡକ୍ୟୁମେଣ୍ଟ ମୂଲ୍ୟ : ଶୂନ୍ୟ । ସମାପ୍ତିସମୟ : ୨୪ମାସ । ଦାଖଲ ତାରିଖ : ୨୨.୦୯.୨୦୨୫ ମଧ୍ୟାହ୍ନ ୧୨.୦୦ ଘଟିକା ପର୍ଯ୍ୟନ୍ତ । ଖୋଲା ତାରିଖ ୨୨.୦୯.୨୦୨୫ । ଇଚ୍ଛୁକ ଟେଣ୍ଡରଦାତାମାନେ ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ, ତଥ୍ୟ, ସ୍ପେସିଫିକେସନ ପାଇଁ ୱେବସାଇଟ୍ www.ireps.gov.in ଦେଖି ପାରିବେ ଏବଂ ସେମାନଙ୍କ ବିଡ୍ ଅନଲାଇନ ଦାଖଲ ହେବ । ଏହି ସବୁ କାର୍ଯ୍ୟ ପାଇଁ କୌଣସି କ୍ଷେତ୍ରରେ ମାନୁଆଲ ଟେଣ୍ଡର ଗ୍ରହଣ ହେବନାହିଁ । (PR-560)

**AFFIDAVIT**

By virtue of an affidavit sworn before the Executive Magistrate, Bhubaneswar. I, Dipa Palai, Aged (22), D/o- Makadam Palai, W/o- Mitu Pradhan, Resident of Village- Bakutagaon, Po- Langaleswar, Ps- Khalikote, Dist- Ganjam, Pin- 761029, Odisha. This affidavit No.102, Dated. 26.08.2025. Declare that I have changed my name from Deepanjali Palei to Dipa Palai. Henceforth, She shall be known as Dipa Palai for all purposes.

Sd/- Dipa Palai

**AFFIDAVIT**

By virtue of an affidavit sworn before the Notary public, Salipur, Dated- 11.08.2025. I, Zulekha Saif, Address- At- Nandol, Po- Mahasinghpur, Cuttack, Odisha, 754200. Declare that I have changed my name from Begum Jolekha Saif to Zulekha Saif. Henceforth, I shall be known as Zulekha Saif for all purposes.

**ବିଜ୍ଞାପନ ନଂ. ୨୦/୨୦୨୫**

**ପ୍ରତ୍ୟେକ୍ଷ ନିଯୁକ୍ତି ପରୀକ୍ଷା ଜରିଆରେ କେନ୍ଦ୍ରୀୟ ବିଦ୍ୟାଳୟ ସଂଗଠନରେ ଡେପୁଟି କମିଶନର ପଦବୀ ପୂରଣ**

ଶିକ୍ଷା ମନ୍ତ୍ରଣାଳୟ ଅଧିନସ୍ଥ ଏକ ସ୍ୱୟଂକ୍ରିୟ ସଂସ୍ଥା କେନ୍ଦ୍ରୀୟ ବିଦ୍ୟାଳୟ ସଂଗଠନ (କେଭିଏସ) ନିମ୍ନୋକ୍ତ ଖାଲି ପଡିଥିବା ପଦବୀ ପାଇଁ ପ୍ରତ୍ୟେକ୍ଷ ନିଯୁକ୍ତି ଜରିଆରେ ବେତନହାର –୧୨ (ଟ. ୭୮୮୦୦–୨୦୯୨୦୦) ରେ ଉପକମିଶନର ପଦବୀ ପାଇଁ ଆବେଦନ ପତ୍ର ଆହ୍ୱାନ କରୁଅଛି :–

| ଅସଂରକ୍ଷିତ | ଇଡବ୍ଲୁଏସ୍ | ଓବିସି | ଏସ୍‌ସି | ଏସ୍‌ଟି | ମୋଟ | ଓଏଚ୍ | ଭିଏଚ୍ | ଏଚ୍‌ଏଚ୍ | ଅନ୍ୟାନ୍ୟ |
|---|---|---|---|---|---|---|---|---|---|
| ୦୨ | – | ୦୧ | – | – | ୦୩ | – | ୦୧ | – | – |

ସବିଶେଷ ବିବରଣୀ ପାଇଁ କେନ୍ଦ୍ରୀୟ ବିଦ୍ୟାଳୟ ସଂଗଠନର ୱେବସାଇଟ୍ www.kvsangathan.nic.in କିମ୍ବା ରୋଜଗାର ସମାଚାରର ୨୩.୦୮.୨୦୨୫ ସଂସ୍କରଣ ଦେଖି ପାରିବେ ।

cbc21106/12/0002/2526

GOVERNMENT OF ODISHA, "e"-PROCUREMENT NOTICE
OFFICE OF THE SUPERINTENDING ENGINEER, PURI (R&B) DIVISION, PURI
WORKS DEPARTMENT
**Short Tender Call Notice**

B-440

E-mail: eerbpuri@yahoo.co.in

**Bid Identification No. SE (R&B) Puri-25/2025-26**

The Superintending Engineer, Puri (R&B) Division, Puri on behalf of Governor of Odisha inviting percentage rate bid in Single/Double cover system in ONLINE MODE form the eligible class of contractors registered with the State Governments and contractors of equivalent Grade/ Class registered with Central Government / Railways:

1. Nature of Work : Civil Works.
2. No of Work : 9 Nos
3. Tender Cost : Rs. 10,000.00/ 6000.00 / Rs. 4000.00 / Rs. 2000.00 (On-Line)
4. Class of bidders : 'D' & 'C' & 'B' - Class
5. Available of Bid document in the Website : From 10.00 AM of Dt.01.09.2025 to 05.00 PM of Dt. 10.09.2025
6. Last Date of receipt of tender : Dt. 10.09.2025 up to 05.00 PM
7. Date of opening of Bid : Dt. 11.09.2025 at 11:00 AM
8. The Bidders have to participate in ONLINE bidding only. Further details can be seen from the Website: https://tenderodisha.gov.in . Any Addendum / Corrigendum / Cancellation of tender can also be seen in the said website.

Sd/- Superintending Engineer
Puri (R&B) Division, Puri

OIPR : 34064/11/0036/2526

OHPC
ODISHA HYDRO POWER CORPORATION LTD.
OFFICE OF THE SENIOR GENERAL MANAGER (ELECTRICAL)
UPPER KOLAB HYDRO ELECTRIC PROJECT
AT/PO: BARINIPUT, DIST: KORAPUT- 764006
PHONE - 06854-242001. FAX - 06854 242038, E-mail: sgmel.ukhep@gmail.com
CIN:U401010R1995SGC003963

CAD-1602

**E-Tender NOTICE No. - 08/2025-26. Dated 25.08.2025**

The Unit Head. Upper Kolab Hydro Electric Project. Bariniput, Korpaut. Odisha invites percentage rate bid in double cover system in ONLINE MODE only from eligible contractors for the works as mentioned below.

| Sl. No. | Name of the work | Approx. Estimated cost (in Rs.) | E.M.D. (in Rs.) (Refundable) | Cost of bid document (Non-refundable) | Class of Contractor | Availability of Bids online for Bidders | Due date and time of Opening of Bid |
|---|---|---|---|---|---|---|---|
| 1 | R/M to Sub-Post Office (Qtr. No-F(D/S)-30/1) at Bariniput Colony, UKHEP, Bariniput | 5,41,582.65/- | 5,420/- | 4720/- (Rs.4000+18% GST) | "C or D" Class | From 10.00 AM of Dt. 02.09.2025 to 13:00 Hrs of dt.11.09.2025 | At 11.30 Hrs. of Dt.12.09.2025 |

1. The Bidders have to participate in ONLINE bidding only through the Govt.e-Procurement portal www.tendersorissa.gov.in by using their compatible Digital Signature Certificate. (DSC)
2. Further details like tender specification (DTCN), BOQ and any addendum/ corrigendum/cancellation of tender can be seen in the same website.

OIPR : 04002/11/0118/2526

Sd/- Unit Head, UKHEP, Bariniput

O-667

**OFFICE OF THE SUPERINTENDING ENGINEER**
**RWS&S DIVISION, JAGATSINGHPUR**
Mail-rwssjpur@gmail.com

**Quotation Call Notice No.03 of 2025-26**

On behalf of Governor of Odisha the Executive Engineer, RWS&S Division, Jagatsinghpur at Punanga (Near Police Barrack) invites sealed quotations from registered agencies on their official letterhead for finalization of rates for the following items :

| Sl.No. | Description of work | Qnty | Unit | Rate In figures | Rate In words |
|---|---|---|---|---|---|
| | Repair of Iron Removal'Plant | | | | |
| 1 | Supply & replacement of Filter Media pebbles, gravels, sand including transportation & other service charges. | 1 | P.kg. | | |
| 2 | Painting-Anticorrosion epoxy paint over painting | 1 | Sqm | | |
| 3 | Green sand (Plastco / Aquasol) | 1 | P.kg. | | |
| 4 | Strainer 20mm to 30mm for repair of IRP/Pressure filter. | 1 | P.pc | | |
| 5 | Mno2 for IRP | 1 | P.kg. | | |

Receipt of Quotation paper: On dt.03.09.2025 to 11.09.2025 up to 5.30 P.M during office working hours in the office of the Superintending Engineer, RWS&S Division, Jagatsinghpur

Opening of Quotation: On dt.12.09.2025 at 11.30 A.M in the office of the Superintending Engineer, RWS&S Division, Jagatsinghpur

**GENERAL CONDITIONS :**

1) Interested agencies must submit their quotation in a sealed envelope, clearly mentioning Quotation for repair of Iron Removal plant on the cover.
2) The quotations in sealed covers should be sent to the office of the Superintending Engineer, RWS&S Division, Jagatsinghpur.
3) The quotations may be sent by post or delivered at reception of the above office address.
4) The quotation in the sealed cover containing the financial and technical bids must reach this office on or before 03.09.2025 to 11.09.2025 at 5.30 P.M quotations received & the opening of quotation on dt.12.09.2025 at 11.30 A.M after the due date/ tome shall not be entertained.
5) Valid GST registration Certificate and PAN card must be accompanied along with quotation.
6) The GST will be paid extra as applicable on production of authentic registration certificate.
7) The prices quoted shall be inclusive of the all taxes, duties and charges for delivery, installation and commissioning at out site.
8) Any other information relating to this quotation can be collected from the office of the undersigned during the office working hours till the last date of received of the quotation paper.

The authority reserves the right to reject/accept any or all the quotation without assigning any reason thereof.

Sd/- Executive Engineer
RWS&S Divn.Jagatsinghpur

OIPR : 25024/11/0019/2526

**ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନନମ୍ବର**

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ-୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ-୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍-୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା-୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି-୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ-୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ-୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ-୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ-୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ-୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି-୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁବେହେରା-୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ର କୁମାର ଦାସ-୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତ ମୋହନ ମହାପାତ୍ର- ୯୮୫୩୦୭୩୧୩, କୋରାପୁଟ-କେ.ଶ୍ରୀନିବାସ ରାଓ- ୯୪୩୯୫୬୬୭୨୨, ମାଲକାନଗିରି-କେଶବ ନାଏକ- ୯୪୩୭୭୭୯୪୪୭, ମୟୂରଭଞ୍ଜ-ସୌମ୍ୟରଞ୍ଜନ ପଟ୍ଟନାୟକ- ୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ଦୋରା- ୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ-୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିୱାରୀ-୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର-୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ-୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଳ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ- ୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ-୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି-୯୪୩୭୨୬୫୫୦୧, ଢେଙ୍କାନାଳ-ସନ୍ତୋଷ ଶତପଥୀ-୮୮୯୫୬୫୧୨୨୮ ।

# ପ୍ରତାରଣା ପାଇଁ ବିଜେଡି ଓ କଂଗ୍ରେସର ଗର୍ବ ଅହଙ୍କାର ଭାଙ୍ଗିଲେ ଓଡ଼ିଶାବାସୀ: ମନମୋହନ

ଭୁବନେଶ୍ୱର,(ସବ୍ୟୁ): କଂଗ୍ରେସ ରାଜ୍ୟରେ ୪୦ ବର୍ଷ ଧରି ସରକାରରେ ଥିଲା। ମାତ୍ର ଲୋକଙ୍କୁ କେବଳ ପ୍ରତରଣା କରିଆସିଥିଲା। ବିଜୁ ଜନତା ଦଳ ୨୪ ବର୍ଷ ଧରି ସରକାରରେ ଥିଲା। ଶେଷରେ ଲୋକ ସେମାନଙ୍କୁ ପ୍ରତ୍ୟାଖ୍ୟାନ କରିଦେଲେ। ବହୁ ସଂଘର୍ଷ କରି ବିଜେପି ରାଜ୍ୟରେ ଏକାକୀ ସରକାର ଗଢ଼ିବାରେ ସଫଳ ହେଲା ବୋଲି ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି । ରାଜ୍ୟ ସଭାପତିଙ୍କ କଳାହାଣ୍ଡି ଜିଲ୍ଲାଗସ୍ତର ଦ୍ୱିତୀୟ ଦିନ ଥିଲା। ଏହି ଅବସରରେ ଜୁନାଗଡ଼ ଓ ଧର୍ମଗଡ଼ଠାରେ ସମ୍ବର୍ଦ୍ଧନା ସଭା ଓ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି ।

ଏହି ପରିପ୍ରେକ୍ଷୀରେ ଶ୍ରୀ ସାମଲ କହିଛନ୍ତି ଯେ, ଜୁନାଗଡ଼ ଓ ଧର୍ମଗଡ଼ ବିଧାନସଭା ସବୁବେଳେ ଦଳର କାର୍ଯ୍ୟକର୍ତାଙ୍କ ପାଇଁ ପ୍ରେରଣାର କେନ୍ଦ୍ରବିନ୍ଦୁ ହୋଇ ରହିଛି। ଆଗାମୀଦିନରେ ଏଠାରେ ବିକାଶମୂଳକ କାର୍ଯ୍ୟ ଯେପରି ତ୍ୱରାନ୍ୱିତ ହେବ ସେଥିପାଇଁ ବିଜେପି ସରକାର ପ୍ରତିଶ୍ରୁତିବଦ୍ଧ। ବିନ୍ଦୁରୁ ସିନ୍ଧୁ ସୃଷ୍ଟି ହୁଏ। ସେହିପରି ବହୁ ତ୍ୟାଗ ତପସ୍ୟା ଓ କାର୍ଯ୍ୟକର୍ତାଙ୍କ ଉଦ୍ୟମରେ ଦଳ ଆଜି ଏଭଳି ସ୍ଥିତିରେ ପହଂଚିପାରିଛି। ଆଗକୁ ଯେପରି ଏହି କାର୍ଯ୍ୟ ତ୍ୱରାନ୍ୱିତ ହେବ ସେଥିପାଇଁ ଆମକୁ ପଦକ୍ଷେପ ନେବାକୁ ପଡ଼ିବ। ଓଡ଼ିଶାର ବିଜେପି ସରକାର ଆସିବା ପରେ ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୋଟିଏ ପରେ ଗୋଟିଏ ଗୋଟିଏ ପ୍ରତିଶ୍ରୁତି ପୂରଣ କରି ଆଜି ବିରୋଧୀ ଦଳର ମୁହଁ ବନ୍ଦ କରି ଦେଇଛନ୍ତି । ମାତ୍ର ୧ ବର୍ଷରେ ସଂକଳ୍ପପତ୍ରରେ ଥିବା ୨୧ଟି ପ୍ରତିଶ୍ରୁତିରୁ ୧୧ଟି ପୂରଣ କରି କଂଗ୍ରେସ ଓ ବିଜେଡିର ପାଟି ଚୁପ୍ କରି ଦେଇଛି ବିଜେପି ସରକାର। ସୁଭଦ୍ରା ଯୋଜନାଠାରୁ ଆରମ୍ଭ କରି, ଜଗନ୍ନାଥ ମନ୍ଦିରର ଚାରିଦ୍ୱାର ଖୋଲିବା, ରତ୍ନଭଣ୍ଡାର ଖୋଲିବା, ବୟସ୍କ ଓ ଭିନ୍ନକ୍ଷମଙ୍କ ପାଇଁ ସ୍ୱାସ୍ଥ୍ୟବୀମା ଓ ପେନସନ୍ ପ୍ରଦାନ କରିବା ଭଳି ପ୍ରତିଶ୍ରୁତି ପୂରଣ କରିଛନ୍ତି ।



ପିଏମ୍ କିଶାନ ଓ ସିଏମ୍ କିଶାନ ଭଳି ଯୋଜନା ଲାଗୁ କରାଯାଇଛି । ଧାନ କୁଇଂଟାଲ ସହାୟକ ମୂଲ୍ୟ ବୃଦ୍ଧି ପାଇ ଏବେ ୩୧୦୦ ଟଙ୍କାରେ ପହଂଚିଛି। ଫଳରେ ଚାଷୀଙ୍କ ଆୟ ଆଜି ୨ଗୁଣିତ ହେବାରେ ସହାୟକ ହୋଇଛି ।

ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ରାଜ୍ୟ ସରକାର ଓଡ଼ିଶାକୁ ଦେଶର ୧ ନମ୍ବର ରାଜ୍ୟ ଭାବେ ଗଢ଼ି ତୋଳିବା ପାଇଁ ସଙ୍କଳ୍ପବଦ୍ଧ। ଏଥିରେ ସହଯୋଗ କରିବା ସହ ଆଗାମୀ ପଂଚାୟତ ନିର୍ବାଚନରେ କିପରି ବିଜୟ ଲାଭ କରିବା ସେନେଇ ଏବେଠାରୁ ପ୍ରୟାସ କରିବା ଲାଗି ଶ୍ରୀ ସାମଲ ଆହ୍ୱାନ ଦେଇଛନ୍ତି ।

ଏହି ସମ୍ବର୍ଦ୍ଧନା ସଭାରେ ଲୋକସଭା ସାଂସଦ ମାଳବିକା ଦେବୀ, ଧର୍ମଗଡ଼ ବିଧାୟକ ସୁଧୀର ପାଟ୍ଟଯୋଶୀ, ପୂର୍ବତନ ମନ୍ତ୍ରୀ ହିମାଂଶୁ ଶେଖର ମେହେର, ପ୍ରଦୀପ୍ତ ନାୟକ, ରାଜ୍ୟ ସମ୍ପାଦକ ସରୋଜ କର, ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟ ମନୋଜ ମେହେର ଓ ଜିଲ୍ଲା ସଭାପତି ଯୁଗଳ କିଶୋର ପୋଦ୍ଦାର, ପୂର୍ବତନ ଜିଲା ସଭାପତି ଆର୍ତି ମହାପାତ୍ର, ମୁନିସିପାଲଟି ଅଧକ୍ଷ ମୁକେଶ ଅଗ୍ରୱାଲଙ୍କ ସମେତ ବହୁ କାର୍ଯ୍ୟକର୍ତା ଉପସ୍ଥିତ ଥିଲେ ।

ଏହି ପରିପ୍ରେକ୍ଷୀରେ ଜୁନାଗଡରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ରାଜ୍ୟ ସଭାପତି ମନମୋହନ ସାମଲଙ୍କ ଉପସ୍ଥିତିରେ ଧର୍ମଗଡ ବ୍ଲକ ଅଧକ୍ଷା ବବିତା ପାଟ୍ଟଯୋଶୀ, ଉପାଧକ୍ଷା ଜୁଲି ମେହେରଙ୍କ ସମେତ ଶତାଧିକ ବ୍ୟକ୍ତି ବିଜେପିରେ ଯୋଗଦେଇଥିଲେ ।

# ସାହିତ୍ୟିକ ହରିହର ପଣ୍ଡାଙ୍କ ପରଲୋକ



ଭୁବନେଶ୍ୱର,(ସବ୍ୟୁ): ବିଶିଷ୍ଟ ସାହିତ୍ୟିକ ହରିହର ପଣ୍ଡାଙ୍କର ବୁଧବାର ଭୁବନେଶ୍ୱର ଠାରେ ପରଲୋକ ହୋଇଯାଇଛି । ଓଡ଼ିଶାରୁ ପ୍ରକାଶ ପାଉଥିବା ଲୋକପ୍ରିୟ ଓ ବହୁଳ ପ୍ରସାରିତ ମହିଳା ପତ୍ରିକା ସୁଚରିତାର ସେ ପ୍ରକାଶକ ଥିଲେ । ତାଙ୍କ ପରଲୋକରେ ସାହିତ୍ୟିକ ମହଲରେ ଗଭୀର ପ୍ରକାଶ ପାଇଛି । ମୃତ୍ୟୁ ଖବର ପାଇଁ ବହୁ ବିଶିଷ୍ଟ ବ୍ୟକ୍ତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି । ବିଶିଷ୍ଟ ଉଦ୍ୟୋଗୀ ସୁବ୍ରତ ବାଗଚୀ ହେଉଛନ୍ତି ତାଙ୍କ ଜ୍ୱାଇଁ । ତାଙ୍କର ସାନ ଭଉଣୀ ତଥା ବିଶିଷ୍ଟ ଚକ୍ଷୁରୋଗ ବିଶେଷଜ୍ଞ ଅନୀତା ପଣ୍ଡା ଦିଲ୍ଲୀରେ ଅବସ୍ଥାପିତ । ତାଙ୍କ ପତ୍ନୀ ଶକୁନ୍ତଳା ପଣ୍ଡାଙ୍କର ପୂର୍ବରୁ ଦେହାନ୍ତ ହୋଇଯାଇଛି ।

# ଖଜା ଦୋକାନୀକୁ ହତ୍ୟା ଧମକ ଅଭିଯୋଗ: ୩ ଦୁର୍ବୃତ୍ତ ଗିରଫ

ପୁରୀ,(ସବ୍ୟୁ): ଏକ ବାଇକ୍‌ରେ ଆସି ଦିନ ଦ୍ୱିପ୍ରହରରେ ଗୁଣ୍ଡିଚା ମନ୍ଦିର ସମ୍ମୁଖ ଶରଧାବାଲି ବସ ଷ୍ଟାଣ୍ଡ ପ୍ରବେଶ ପଥ ନିକଟରେ ଖଣ୍ଡା ବୁଲାଇ ଆତଙ୍କ ରାଜ ସୃଷ୍ଟି କରିବା ଓ ଖଜା ଦୋକାନୀଙ୍କୁ ହତ୍ୟା ଧମକ ଦେବା, ଭଙ୍ଗା ରୁଜା କରିବା ଅଭିଯୋଗରେ କୁମ୍ଭାରପଡ଼ା ଥାନା ପୋଲିସ ତିନି ଜଣ ଦୁର୍ବୃତ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଅଭିଯୁକ୍ତଙ୍କ ଠାରୁ ପୋଲିସ ୨ ଗୋଟି ଖଣ୍ଡା ଓ ବାଇକ୍ ଜବତ କରିଛି । ପୋଲିସ ସୂଚନା ମୁତାବକ ବସଷ୍ଟାଣ୍ଡ ପ୍ରବେଶ ପଥ ନିକଟରେ ସୌମ୍ୟ ରଞ୍ଜନ ପାତ୍ର ନାମକ ଜଣେ ଯୁବକଙ୍କର ଖଜା ଦୋକାନ ରହିଛି । ବୁଧବାର ସକାଳେ ଆଖଣ୍ଡଳମଣି ମନ୍ଦିରରେ ଗଣେଶ ପୂଜା ପୁଷ୍ପାଞ୍ଜଳିକୁ ନେଇ ଖଜା ଦୋକାନୀ ସୌମ୍ୟରଞ୍ଜନ ପାତ୍ରଙ୍କ ସାନ ଭାଇଙ୍କ ସହ ଗିରଫ ହୋଇ ଥିବା ୩ ଜଣ ଦୁର୍ବୃତ୍ତଙ୍କ ଝଗଡ଼ା ହୋଇଥିଲା । ଆଉ ଏହାପରେ ମଧ୍ୟାହ୍ନରେ ସେହି ୩ ଦୁର୍ବୃତ୍ତ ମାନେ ସୌମ୍ୟଙ୍କ ଦୋକାନକୁ ଆସି ସାନଭାଇକୁ ଖୋଜିଥିଲେ । ଆଉ ସେ ଓ ତାଙ୍କ ସାନ ଭାଇ ଦୋକାନରେ ନଥିବା ବେଳେ ୩ ଦୁର୍ବୃତ୍ତ ଖଜା ଝୁଡ଼ି ଫିଙ୍ଗିବା ସହ ଡ୍ରରୁ ଟଙ୍କା ନେଇ ଯାଇଛନ୍ତି । ତେବେ ବଡ଼ଦାଣ୍ଡ ଶରଧାବାଲି ବସ୍ ଷ୍ଟାଣ୍ଡ ନିକଟରେ ବାଇକରେ ଖଣ୍ଡା ଧରି ଦୁର୍ବୃତ୍ତ ଆସି ଆତଙ୍କ ଖେଳାଇବା ପୋଲିସ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରିଛି । ଏ ଘଟଣାରେ ଶାଶ୍ୱତ ମହାନ୍ତି, ସମ୍ବିତ ମହାନ୍ତି ଓ ବିଷ୍ଣୁ ନାମକ ତିନି ଜଣ ସମ୍ପୃକ୍ତ ଥିବା ଥାନାରେ ଅଭିଯୋଗ କରିଛନ୍ତି ଖଜା ଦୋକାନୀ । କୁମ୍ଭାରପଡ଼ା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଛାନଭିନ୍ ଆରମ୍ଭ କରିଛି ।



## ଓଡିଶା ପି ଆଣ୍ଡ ଟି ଇଲେକ୍ଟ୍ରିକାଲ କଣ୍ଟ୍ରାକ୍ଟର

# ଆସୋସିଏସନ ପକ୍ଷରୁ ରକ୍ତଦାନ ଶିବିର

ଭୁବନେଶ୍ୱର,(ସବ୍ୟୁ): ଓଡିଶା ପି ଆଣ୍ଡ ଟି ଇଲେକ୍ଟ୍ରିକାଲ କଣ୍ଟ୍ରାକ୍ଟର ଆସୋସିଏସନ ପକ୍ଷରୁ ଭୁବନେଶ୍ୱର ଠାରେ ରୌପ୍ୟ ଜୟନ୍ତୀ ଏବଂ ବାର୍ଷିକ ଉତ୍ସବ ଉପଲକ୍ଷେ କ୍ୟାପିଟାଲ ହସ୍ପିଟାଲ ସହଯୋଗରେ ଏକ ମେଗା ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ଭାରତ ଦୂର ସଂଚାର ନିଗମର ମହାପ୍ରବନ୍ଧକ ବିଜୟ କୁମାର ବେହେରା ଏବଂ ମୁଖ୍ୟ ଯନ୍ତ୍ରୀ (ବୈଦ୍ୟୁତିକ) ବିଏସଏନଏଲ ଓଡିଶା ଜୋନ, ଗଜେନ୍ଦ୍ର କୁମାର ଯାଦବ ଯୋଗଦେଇ ଏହି ରକ୍ତଦାନ ଶିବିରକୁ ଉଦଘାଟନ କରିବା ସହ ରକ୍ତ ଦାତା ମାନଙ୍କୁ ଉତ୍ସାହିତ କରିଥିଲେ । ଏହି ରକ୍ତଦାନ ଶିବିରରେ ମୋଟ୍ ୩୪ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା । ଅନ୍ୟ ମାନଙ୍କ ମଧ୍ୟରେ ବିଏସ୍‌ଏନ୍‌ଏଲ୍‌ର ବହୁ ଅଧିକାରୀ ମଧ୍ୟ ଉପସ୍ଥିତ ଥିଲେ ।



ଆସୋସିଏସନ ର ସଭାପତି ସଂଜିତ କୁମାର ସାହୁ, ଉପସଭାପତି ଅନିଲ ଚନ୍ଦ୍ର ଲାହା, ସମ୍ପାଦକ ଫକୀର କୁମାର ଉଦ୍‌ଗାତା, ସହସମ୍ପାଦକ ସୁଜୟ କୁମାର ମୋଡକ ଏବଂ ଆସୋସିଏସନର ସଦସ୍ୟ ସୁଧାଂଶୁ କୁମାର ସ୍ୱାଇଁ, ପ୍ରଶାନ୍ତ କୁମାର ସାହୁ, ପୂର୍ବତନ ସମ୍ପାଦକ କିସଲେ କୁମାର ଓ ପୂର୍ବତନ ସଭାପତି ଦେବବ୍ରତ ଭଞ୍ଜ ପ୍ରମୁଖ ଏହି ରକ୍ତଦାନ ଶିବିରକୁ ପରିଚାଳନା କରିଥିଲେ ।

# ଦାଦନ ଖଟିବାକୁ ଯାଇ ଆଉ ଜୀବିତ ଫେରିଲେନି ବିଜୟ

ନିମାପଡା,(ସବ୍ୟୁ): ପୁରୀ ଜିଲ୍ଲା ନିମାପଡା ବ୍ଲକ ଅନ୍ତର୍ଗତ ବଡମାଛପୁର ଗ୍ରାମର ବିଜୟ ନାୟକ ନାମକ ବ୍ୟକ୍ତି କେରଳକୁ ଦାଦନ ଖଟିବାକୁ ଯାଇ ଶବ ହୋଇ ଘରକୁ ଫେରୁଥିବା ଜଣାପଡିଛି । ବିଜୟଙ୍କ ମୃତ୍ୟୁ ଖବର ଆସିବା ପରେ ଗ୍ରାମରେ ଶୋକାକୁଳ ପରିସ୍ଥିତି ସୃଷ୍ଟି ହୋଇଛି । ପ୍ରକାଶ ଯେ,ଉକ୍ତ ଗ୍ରାମର ବିଜୟ ନାୟକ(୪୮) ଗତ ୩ ବର୍ଷ ତଳେ ଦାଦନ ଖଟିବାକୁ କେରଳ ଯାଇ ମାଛ ଟ୍ରଲରରେ ରହି କାମ କରୁଥିଲେ । ସେଠାରେ ଯାହା ରୋଜଗାର କରୁଥିଲେ ଘରକୁ ପଠାଇବାରୁ ଘରେ ତାଙ୍କ ପତ୍ନୀ,୪ଟି ଝିଅ ଏବଂ ବୃଦ୍ଧ ପିତା ମାତା ଚଳୁଥିଲେ। ୪ଟି ଝିଅ ମଧ୍ୟରୁ ୨ଟି ଝିଅ ବିବାହ କରି ସାରିଛନ୍ତି । ଗତ ଦେଢବର୍ଷ ତଳେ ବିଜୟ ଗାଁ କୁ ବୁଲିବାକୁ ଆସି ପୁଣି କେରଳ ଫେରି ଯାଇଥିଲେ । ଗତ ୪ଦିନ ତଳେ ବିଜୟ ଅସୁସ୍ଥ ଥିବା ନେଇ ତାଙ୍କ ପତ୍ନୀ ପ୍ରମିଳା ନାୟକଙ୍କ ନିକଟକୁ ଫୋନ କରିଥିଲେ । ଡାକ୍ତରଙ୍କୁ ଦେଖାଇ ଔଷଧ ଖାଇ ଘରକୁ ଫେରିଆସିବାକୁ ପତ୍ନୀ ତାଙ୍କୁ କହିଥିଲେ । ବିଜୟ ଟ୍ରେନରେ କେରଳରୁ ଘରକୁ ଫେରୁଥିବା ବେଳେ ଗତ ବୁଧବାର ସକାଳ ୯ଟା ସମୟରେ ଟ୍ରେନରେ ତାଙ୍କ ଦେହ ଅତି ଖରାପ ହେବାରୁ ସେ ଘରକୁ ଫୋନ କରି ଜଣାଇଥିଲେ । ପରେ ସେ ଟ୍ରେନର କର୍ମଚାରୀଙ୍କୁ କହିବାରୁ ପାଲଘାଟ ଷ୍ଟେସନ ଠାରେ ରେଳ କର୍ମଚାରୀ ଓ ପୁଲିସ ତାଙ୍କୁ ନିକଟସ୍ଥ ପାଲଘାଟ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲେ । ତେବେ ସେଠାରେ ବିଜୟଙ୍କ ମୃତ୍ୟୁ ଘଟିଥିଲା । ବିଜୟଙ୍କ ମୋବାଇଲ ଫୋନରୁ ତାଙ୍କ ପରିବାରକୁ ମୃତ୍ୟୁ ଘଟିଥିବା ସଂପର୍କରେ ପାଲଘାଟ ପୁଲିସ ସୂଚନା ଦେଇଥିଲା । ତେବେ ଅର୍ଥାଭାବରୁ ବିଜୟଙ୍କ ଶବ ଆଣିବା ପାଇଁ ପତ୍ନୀ ପ୍ରମିଳା ଅସମର୍ଥ ହୋଇପଡିଥିଲେ । ଗ୍ରାମବାସୀମାନେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡାଙ୍କୁ ଜଣାଇବାରୁ ସେ ହସ୍ତକ୍ଷେପ ପରେ ବିଜୟଙ୍କ ଶବ ବିମାନରେ ଭୁବନେଶ୍ୱର ଓ ପରେ ନିଜ ଗାଁ ବଡ ମାଛପୁରରେ ଗୁରୁବାର ଦିନ ସାଢେ ୧୧ ଟା ମଧ୍ୟରେ ପହଂଚିବ ବୋଲି ଜଣାପଡିଛି ।



# ଖଣ୍ଡପଡ଼ା ଶିଳ୍ପ ତାଲିମ କେନ୍ଦ୍ରର ପରିଚାଳକ ଗିରଫ

ଖଣ୍ଡପଡ଼ା ,(ସବ୍ୟୁ): ଚୋରା ସୁନା କାରବାରରେ ଲିପ୍ତ ଥିବା ଅଭିଯୋଗରେ ଭୁବନେଶ୍ୱରସ୍ଥିତ ଭରତପୁର ଥାନା ପୋଲିସ ଖଣ୍ଡପଡ଼ା ଶିଳ୍ପ ତାଲିମ କେନ୍ଦ୍ରର ମୁଖ୍ୟ ପରିଚାଳକ ପ୍ରଦୀପ୍ତ କୁମାର ବଳିଆରସିଂହଙ୍କୁ ମଙ୍ଗଳବାର ଅପରାହ୍ନରେ ଖଣ୍ଡପଡ଼ା ଶିଳ୍ପ ତାଲିମ କେନ୍ଦ୍ର ପରିସରରୁ ଭୁବନେଶ୍ୱର ଉଠାଇ ନେଇଥିବା ଜଣାପଡିଛି। ଘଟଣା ସଂପର୍କରେ ମିଳିଥିବା ସୂଚନାନୁଯାୟୀ ଭରତପୁର ଥାନା ପୋଲିସ ଚୋରା ସୁନା କାରବାର ଘଟଣା ସଂପର୍କରେ ଖୋଳତାଡ କରିବା ସମୟରେ ଖଣ୍ଡପଡ଼ାସ୍ଥିତ ଶିଳ୍ପ ତାଲିମ କେନ୍ଦ୍ରର ମୁଖ୍ୟପରିଚାଳକ ଶ୍ରୀ ବଳିଆରସିଂହ ଉକ୍ତ ଘଟଣାରେ ସଂପୃକ୍ତ ଥିବା ନେଇ ପୋଲିସକୁ ବିଶେଷ ସୂତ୍ରରୁ ସୁରାକ ମିଳିଥିଲା। ଭରତପୁର ଥାନାଧିକାରୀଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ପୋଲିସ ଟିମ ସଦଳବଳେ ଖଣ୍ଡପଡ଼ାରେ ଚଢାଉ କରିଥିଲା। ଚଢାଉ ସମୟରେ ପୋଲିସ ବଳିଆରସିଂହଙ୍କ ସମେତ ସେ ବ୍ୟବହାର କରୁଥିବା ଏକ ଧଳା ରଙ୍ଗର କାରକୁ ପୋଲିସ ଜବତ କରିଥିବା ଜଣାପଡିଛି। ଏହି ଘଟଣା ଖଣ୍ଡପଡ଼ା ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଥିବା ବେଳେ ଏକ ଶିକ୍ଷାନୁଷ୍ଠାନ ପରିଚାଳନା ଦାୟିତ୍ୱରେ ଥିବା ଶ୍ରୀବଳିଆରସିଂହ ବିଭିନ୍ନ କଳେଙ୍କାରୀରେ ଲିପ୍ତ ଥିବା ନେଇ ସାଧାରଣରେ ଆଲୋଚନା ହେଉଛି।



## ଦଶ ବର୍ଷ ଧରି ପରିବାର ସହ

# ବନ୍ଧକ ଶ୍ରମିକ ଉଦ୍ଧାର, ପ୍ରଶାସନର ଦାୟିତ୍ୱହୀନତା

ପାଣିକୋଇଲି ,(ସବ୍ୟୁ) :ବର୍ଷେ ନୁହେଁ କି ଦୁଇ ବର୍ଷ ନୁହେଁ । ଦୀର୍ଘ ଦଶ ବର୍ଷ ଧରି ଗୋଟିଏ ଇଟାଭାଟିରେ ପରିବାର ସହିତ ବନ୍ଧକ ପଡ଼ିଥିବା ଶ୍ରମିକ ପରିବାର ଜିଲ୍ଲା ପ୍ରଶାସନର ହସ୍ତକ୍ଷେପ ପରେ ଉଦ୍ଧାର ହୋଇଛନ୍ତି। କିନ୍ତୁ ଉଦ୍ଧାର ହେବା ପରେ ତିନି ଶିଶୁ ମାନଙ୍କୁ ଯାଜପୁର ଜିଲ୍ଲା ପ୍ରଶାସନ ନିଜ ହେପାଜତରେ ରଖିଥିବା ବେଳେ ପତି ପତ୍ନୀ ଥାନାରେ ଅଭିଯୋଗ କରିବାକୁ ଆସି ଗଲେ କୁଆଡ଼େ ତାହା ଏବେ ଜିଲ୍ଲା ପ୍ରଶାସନର ମୁଣ୍ଡବ୍ୟଥା ବଢାଇ ଦେଇଛି। ପ୍ରକାଶଯେ ଭଦ୍ରକ ଜିଲ୍ଲା ବାଉଦପୁର ଅଂଚଳର ନବୀନ ମୁଣ୍ଡା ଓ ତାର ପତ୍ନୀ ଗୀତା ସମେତ ଦୁଇ ଶିଶୁ କନ୍ୟା ଓ ଗୋଟିଏ ଶିଶୁ ପୁତ୍ରକୁ ନେଇ ପାଣିକୋଇଲି ଥାନା ଅନ୍ତର୍ଗତ ଯାଜପୁର ବ୍ଲକ ମାଳଆନନ୍ଦପୁର ପଂଚାୟତର ମାଧପୁର ଗ୍ରାମରେ ମହେନ୍ଦ୍ର ଜେନାଙ୍କ ଇଟାଭାଟି ନିକଟରେ ଭଙ୍ଗା ଚାଳ ଘରେ ଦଶ ବର୍ଷ ହେବ ରହିବା ସହିତ ତାଙ୍କ ଇଟାଭାଟିରେ ଉଭୟ ସ୍ୱାମୀ ସ୍ତ୍ରୀ କାର୍ଯ୍ୟ କରୁଥିଲେ। ଏତଦ୍ ବ୍ୟତୀତ ଦୁଇ ଶିଶୁ କନ୍ୟା ବୟସ(୧୪ ଓ ୫) ଓ ପୁଅ ବୟସ (୮) ଶ୍ରୀ ଜେନାଙ୍କ ଘରେ ଘର କାମ କରିବା ସହିତ ଛେଳି ଚରା କାର୍ଯ୍ୟରେ ନିୟୋଜିତ ହୋଇଥିଲେ। ସବୁଠାରୁ ଆଶ୍ଚର୍ଯ୍ୟର ବିଷୟ ନବୀନା ଓ ତାଙ୍କ ପରିବାର ନିଜ ଗ୍ରାମକୁ ଯିବା ଲାଗି ଚାହିଁଲେ ମଧ୍ୟ ତାଙ୍କୁ ମାଲିକ ଶ୍ରୀ ଜେନା ଘରକୁ ନ ଛାଡ଼ି ଓଲଟା ମାଡ଼ ମାରୁଥିଲେ। ମଜୁରୀ ବାବଦରେ ପୁରା ପରିବାରକୁ ମାସକୁ ମାତ୍ର ଚାରି ହଜାର ଟଙ୍କା ମାଲିକ ଦେଉଥିଲେ। ବଡ଼ ଝିଅ ଏଠାରେ କାର୍ଯ୍ୟ କରିବା ପୂର୍ବରୁ ଜନ୍ମ ଲାଭ କରିଥିବା ବେଳେ ଅନ୍ୟ ଏକ ପୁଅ ଓ ଝିଅ ଏହି ଠାରେ ଜନ୍ମ ଲାଭ କରିଥିଲେ। ଭାଟି ମାଲିକ ଶ୍ରୀ ଜେନା ବନ୍ଧକ ଶ୍ରମିକ ଭାବେ ନବୀନାଙ୍କ ପରିବାରକୁ ନିଜ ଇଟା ଭାଟି ସମେତ ଗୃହ କାର୍ଯ୍ୟରେ ଖଟାଉଥିବା ବେଳେ ପିଲା ମାନଙ୍କୁ ପାଠ ପଢିବା ଲାଗି ମଧ୍ୟ ଛାଡୁ ନଥିଲେ। ଏପରିକି ଗତ ବର୍ଷ ନବୀନାଙ୍କ ଜଣେ ସମ୍ପର୍କୀୟଙ୍କ ମୃତ୍ୟୁ ହୋଇଥିବା ବେଳେ ମହେନ୍ଦ୍ର ତାଙ୍କୁ ଶୁଦ୍ଧିକ୍ରିୟା ଲାଗି ଘରକୁ ଯିବା ଲାଗି ମଧ୍ୟ ଛାଡ଼ି ନଥିଲେ। ତେବେ ନିରକ୍ଷର ଓ ନିସଃହାୟ ନବୀନା ଓ ତାଙ୍କର ପରିବାର ଭୟଭୀତ ଅବସ୍ଥାରେ ରହି ମୁକୁଳିବାର ବାଟ ମଧ୍ୟ ପାଉନଥିଲେ। ତେବେ ଏକଥା କୌଣସି ମତେ ଜିଲ୍ଲା ପ୍ରଶାସନ ଅବଗତ ହେବା ପରେ ଅତିରିକ୍ତ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ମଙ୍ଗଳବାର ଦିନ ଯାଜପୁରର ଭାରପ୍ରାପ୍ତ ତହସିଲଦାର ଅଜୟ କୁମାର ପଣ୍ଡା, ଶ୍ରମ ଅଧିକାରୀ ସୋମ୍ୟସୁନ୍ଦର ରାଉତରାୟ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ନିରଂଜନ କର, ପାଣିକୋଇଲି ଥାନାଧିକାରୀ ରଂଜିତ ମହାନ୍ତି ପ୍ରମୁଖ ଉକ୍ତ ଇଟାଭାଟି ମାଲିକ ଶ୍ରୀ ଜେନାଙ୍କ ଘରେ ଚଢାଉ କରି ବନ୍ଧକ ଥିବା ନବୀନାଙ୍କ ପରିବାରକୁ ଉଦ୍ଧାର କରିଥିଲେ। ପରେ ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀ କର ତିନି ଜଣ ପିଲାମାନଙ୍କୁ ନିଜ ହେପାଜତକୁ ନେବା ସହିତ ଦୁଇ ଝିଅଙ୍କୁ ଯାଜପୁର ସ୍ଥିତ ସଖି କେନ୍ଦ୍ରରେ ଓ ପୁଅକୁ ବାଳାଶ୍ରମରେ ରଖିଥିଲେ। ତେବେ ନବୀନା ଓ ତାର ପତ୍ନୀ ଥାନାକୁ ଅଭିଯୋଗ ନେଇଆସିଥିବା ବେଳେ ପୁଲିସ ତାଙ୍କୁ ଢେର ସମୟ ପର୍ଯ୍ୟନ୍ତ ଥାନାରେ ଅଟକାଇଥିଲା। ଫଳରେ ସେମାନେ ଭୟଭୀତ ହୋଇ କୁଆଡ଼େ ଚାଲିଯାଇଥିବାର ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀ କର ଜଣାଇଛନ୍ତି। ଏପରିକି ପୁଲିସ ମଧ୍ୟ ଏତଲାକୁ ରେଜେଷ୍ଟ୍ରୀ କରିନଥିବା ଶ୍ରୀ କର ଜଣାଇବା ସହିତ ଏକଥା ଜିଲ୍ଲାପାଳଙ୍କୁଅବଗତ କରାଯିବ ବୋଲି ଶ୍ରୀ କର ସୁଚନା ପ୍ରଦାନ କରିଛନ୍ତି ।



# ଆଡଭାନ୍ସଡ୍ ଗ୍ରୋ-ହେୟାର ଏବଂ ଗ୍ଲୋ-ସ୍କିନ୍ କ୍ଲିନିକ୍ ଉଦ୍‌ଘାଟିତ



ଭୁବନେଶ୍ୱର,(ସବ୍ୟୁ): ଭୁବନେଶ୍ୱର କିଟ୍ କଲେଜ ରୋଡ୍ ପଟିଆଠାରେ ଆଡଭାନ୍ସଡ୍ ଗ୍ରୋହେୟାର ଏବଂ ଗ୍ଲୋସ୍କିନ୍ କ୍ଲିନିକ୍ ଉଦ୍‌ଘାଟିତ ହୋଇଛି । ଏହି ଅବସରରେ ମୁଖ୍ୟ ଅତିଥି ଭାବେ, ଉତ୍ତର ଭୁବନେଶ୍ୱରର ବିଧାୟକ ସୁଶାନ୍ତ କୁମାର ରାଉତ, ୧ ନମ୍ବର ୱାର୍ଡ ର କର୍ପୋରେଟର ମିହିର କୁମାର ରାଉତ, ଡାକ୍ତର ଅମ୍ରିତ ପାଟ୍ଟଯୋଶୀ (ନ୍ୟୁରୋସାଇକିଆଟ୍ରିଷ୍ଟ ପ୍ରଫେସର), ମୁଖ୍ୟ ଅତିଥି ଭାବେ ଓଲିଉଡ଼ ତାରକା ସବ୍ୟସାଚୀ ମିଶ୍ର ଏବଂ ଅର୍ଚ୍ଚିତା ସାହୁ, ସମ୍ମାନିତ ଅତିଥି ଭାବେ ବ୍ରାଣ୍ଡ ଫାଉଣ୍ଡର ତଥା ମ୍ୟାନେଜିଂ ଡାଇରେକ୍ଟର ଶ୍ରବଣ ଭେଲ ଜେ ଯୋଗଦେଇଥିଲେ । ସେମାନଙ୍କ ସମେତ ଫ୍ରାଞ୍ଚାଇଜ୍ ପାର୍ଟନର ଡାକ୍ତର ଶକ୍ତି ରାଜ୍ ଜମ୍ପୁଲା, ଡାକ୍ତର ସୁମିତ ସାଓ ଏବଂ ଶ୍ରୀ ଅଭିଷେକ ପେଦ୍ଦିନୀ ଉପସ୍ଥିତ ଥିଲେ ।

ସାରା ଭାରତ ଏବଂ ବିଶ୍ୱ ସ୍ତରରେ ଗର୍ବର ସହ ଆଡଭାନ୍ସଡ୍ ଗ୍ରୋ-ହେୟାର ଏବଂ ଗ୍ଲୋ-ସ୍କିନ୍ ତା'ର ଏକଶହ କ୍ଲିନିକ୍ ବିସ୍ତାର କରିଛି ।

କେଶ ଏବଂ ଚର୍ମ ଚିକିତ୍ସାରେ ଅଗ୍ରଣୀ ନବସୃଜନ ସୌନ୍ଦର୍ଯ୍ୟ ଔଷଧର ଅଗ୍ରଭାଗରେ, ଆଡଭାନ୍ସଡ୍ ଗ୍ରୋ-ହେୟାର ଏବଂ ଗ୍ଲୋ-ସ୍କିନ୍ କ୍ଲିନିକ୍ ଉନ୍ନତ ପ୍ରଯୁକ୍ତିବିଦ୍ୟା ଏବଂ କରୁଣାପୂର୍ଣ୍ଣ ଯତ୍ନର ଏକ ସୁସଙ୍ଗତ ମିଶ୍ରଣ ଆଣିଥାଏ ।

# ଡକ୍ଟର ରବିନାରାୟଣ ଦାସଙ୍କ ସପ୍ତଦଶ ଶ୍ରାଦ୍ଧୋତ୍ସବ

ଭୁବନେଶ୍ୱର,(ସବ୍ୟୁ): ଓଡ଼ିଶାର ପ୍ରତିଷ୍ଠିତ ଐତିହାସିକ ତଥା ଅନନ୍ୟ ନୃତତ୍ତ୍ୱବିତ୍ ଡକ୍ଟର ରବିନାରାୟଣ ଦାଶଙ୍କ ଚତୁର୍ଦ୍ଦଶ ଶ୍ରାଦ୍ଧୋତ୍ସବ ପ୍ରତିଷ୍ଠାନର ସଭାପତି ଅବସରପ୍ରାପ୍ତ ଆଇଏଏସ୍ ରଘୁନାଥ ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି ପୂଜ୍ୟପୂଜା ସମାରୋହରେ ବିଶିଷ୍ଟ ନୃତ୍ତ୍ୱତ୍ତ୍ୱବିତ୍ ଡକ୍ଟର ଅଖିଳ ବିହାରୀ ହୋତା ମୁଖ୍ୟ ଅତିଥି ଭାବେ ଯୋଗଦେଇ ପୂଜ୍ୟପୂଜା ପରମ୍ପରା କ୍ରମଶଃ ଲୋପ ପାଇଯାଉଥିବାରୁ କ୍ଷୋଭ ପ୍ରକାଶ କରିବା ସହ ଆମର ପରବର୍ତ୍ତୀ ପୀଢ଼ୀ କିଭଳି ଆମ ଭାଷା ସାହିତ୍ୟ, ସଂସ୍କୃତି ଓ ପରମ୍ପରା ସୁରକ୍ଷା ଦିଗରେ କାର୍ଯ୍ୟ କରିବେ ସେ ଦିଗରେ ସମସ୍ତେ ଯତ୍ନବାନ ହେବା ଉଚିତ ବୋଲି ମତ ବ୍ୟକ୍ତ କରିଛନ୍ତି । ପ୍ରତିଷ୍ଠାନ ପକ୍ଷରୁ ପ୍ରଫେସର ଦୈତାରୀ ସାହୁଙ୍କୁ ରବିନାରାୟଣ ସ୍ମୃତି ସମ୍ମାନ ପ୍ରଦାନ କରାଯାଇଥିଲା । ଏହି ସମାରୋହରେ ଡକ୍ଟର ସୁବ୍ରତ କୁମାର ଦାସ ଓ ପଣ୍ଡିତ ନୀଳକଣ୍ଠ ଦାସ ସ୍ମୃତି କମିଟିର ସମ୍ପାଦକ ପ୍ରଫେସର ପୂର୍ଣ୍ଣେନ୍ଦୁ କୁମାର ଦାସ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ଓଡ଼ିଶାର ଇତିହାସ, ଲୋକ ସଂସ୍କୃତି ଓ ନୃତତ୍ତ୍ୱକୁ ଡକ୍ଟର ଦାସଙ୍କ ଅବଗତ ଭାବେ ଆଲୋକପାତ କରିଥିଲେ । କାର୍ଯ୍ୟକ୍ରମରେ ଯୁଗ୍ମ ସମ୍ପାଦକ ଦେବାଶିଷ ମହାପାତ୍ର ସ୍ୱାଗତ ଭାଷଣ ଦେଇଥିଲେ ଓ ଅନ୍ୟତମ ଯୁଗ୍ମ ସମ୍ପାଦକ ଅରୁଣ କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।



# ୬ଲକ୍ଷ ଟଙ୍କା ଠକେଇ, ଅଭିଯୁକ୍ତ ଗିରଫ

ଭୁବନେଶ୍ୱର, (ସବ୍ୟୁ) : ପତ୍ନୀଙ୍କ ସ୍ୱାସ୍ଥ୍ୟ ଖରାପ ଥିବାରୁ ଅଭିଯୋଗକାରୀ ବିଷ୍ଣୁ ଶଙ୍କର ଦାସଙ୍କ ଠାରୁ ଅଭିଯୁକ୍ତ ନିହାର ରଞ୍ଜନ ସାହୁ ୧୫ଲକ୍ଷ ଟଙ୍କା ନେଇଥିଲେ । ୨୦୨୨ରୁ ୨୦୨୪ ମସିହା ମଧ୍ୟରେ ବିଭିନ୍ନ ପର୍ଯ୍ୟାୟରେ ୧୫ଲକ୍ଷ ଟଙ୍କା ନେଇ ସେଥିରୁ ୯ଲକ୍ଷ ଫେରାଇଥିବା ବେଳେ ବାକି ଟଙ୍କା ଫେରାଇ ନଥିଲେ । ଉପାୟଶୂନ୍ୟ ହୋଇ ବିଷ୍ଣୁଶଙ୍କର ଦାସ ଖଣ୍ଡଗିରି ଥାନାରେ ଅଭିଯୋଗ କରିବା ପରେ ପୋଲିସ ନିହାରକୁ ଗିରଫ କରି ବୁଧବାର କୋର୍ଟଚାଲାଣ କରିଥିଲା । ଜାମିନ ନାମଞ୍ଜୁର ହୋଇଯିବାରୁ ତାକୁ ଜେଲ୍ ହାଜତ ପଠାଇ ଦିଆଯାଇଛି । ସ୍ୱାମୀ-ସ୍ତ୍ରୀଙ୍କୁ ଟଙ୍କା ଫେରାଇବା ସମ୍ପର୍କରେ କହିବାରୁ ଉଭୟ ଅଭିଯୋଗକାରୀଙ୍କୁ ଧମକଚମକ ଦେଇଥିଲେ ବୋଲି ସେ ଏତଲାରେ ଲେଖିଛନ୍ତି ।

# ଭି-ଗାର୍ଡ ମେଗା ସୋରୁମ ଉଦ୍‌ଘାଟିତ

କଟକ, (ସ୍ୱପ୍ର): ଗଣେଶପୂଜା ଅବସରରେ ସ୍ଥାନୀୟ ଚୌଧୁରୀବଜାର କେଉଟସାହି ଠାରେ ବୁଧବାର ଭି ଗାର୍ଡର ନୂତନ ମେଗା ସୋରୁମ୍ ଉଦ୍‌ଘାଟିତ ହୋଇଯାଇଛି । ଏହି ଉଦ୍‌ଘାଟନ ଅବସରରେ ଭି ଗାର୍ଡ କମ୍ପାନୀର ମୁଖ୍ୟ ଶାଖା ପ୍ରବନ୍ଧକ ସୁମନ୍ତ କୁମାର ପ୍ରଧାନ ଏବଂ ଶ୍ରୀ ସାଇ ଇଲେକ୍ଟ୍ରିକାଲସର ମୁଖ୍ୟ ଇନ୍ଦର କୁମାର ଅଗ୍ରୱାଲ ମିଳିତ ଭାବେ ଏହି ସୋ ରୁମ୍‌କୁ ଉଦଘାଟନ କରିଛନ୍ତି । ଉଚ୍ଚମାନର ବିଦ୍ୟୁତ ଉପକରଣ ଉତ୍ପାଦନରେ ଅଗ୍ରଗାମୀ ଭି-ଗାର୍ଡ କମ୍ପାନୀ ଏବେ କଟକର ଚୌଧୁରୀ ବଜାର କେଉଟସାହି ଅଂଚଳରେ ତାର ପ୍ରଥମ ମେଗା ସୋରୁମ୍ ଗ୍ରାହକଙ୍କ ପାଇଁ ଖୋଲିଛି । ଏହି ସୋରୁମରେ ଏସି. ଟି ଷ୍ଟାବିଲାଇଜର, ପଙ୍ଖା, କଲର ବ୍ୟାଟେରୀ, ନିଜର ପାଣିପଥ, ଇଣ୍ଡକସନ୍, ଗ୍ରାଇଣ୍ଡର, ଚିମିନି ଗ୍ୟାସ ଚୁଲା ରାଇସ କୁକର ଆଦି ଉପଲବ୍ଧ ଅଛି । ସମସ୍ତ ଭି-ଗାର୍ଡ କମ୍ପାନୀ ପ୍ରଡକ୍ଟର ପ୍ରତ୍ୟେକ ସାମଗ୍ରୀ ଉପରେ ଆକର୍ଷଣୀୟ ଉପହାରର ବ୍ୟବସ୍ଥା କରାଯାଇଛି । ପ୍ରତ୍ୟେକ କ୍ରୟକର୍ତ୍ତାଙ୍କୁ ନିଶୁଳ୍କ ଆକର୍ଷଣୀୟ ଉପହାର ପ୍ରଦାନ କରାଯିବ । ଏହି ଅବସରରେ କମ୍ପାନୀ ପକ୍ଷରୁ ଭି-ଗାର୍ଡର ଇନଭଟର ବ୍ୟାଟେରୀ ସାଙ୍ଗରେ ଗୋଟିଏ ଟ୍ରଲି ମାଗଣା ଉପହାରର ବ୍ୟବସ୍ଥା କରାଯାଇଛି । ଏହି ଉଦଘାଟନ ଅବସରରେ ଶ୍ରୀ ସାଇ ଇଲେକ୍ଟ୍ରି କାଲର ସୋହନ କୁମାର ଅଗ୍ରୱାଲ ଓ ମୋହନ କୁମାର ଅଗ୍ରୱାଲଙ୍କ ସହିତ ଭି-ଗାର୍ଡ କମ୍ପାନୀର ସମସ୍ତ ଉଚ୍ଚ ପଦସ୍ଥ କର୍ମଚାରୀ ଉପସ୍ଥିତ ଥିଲେ ।



# ଟ୍ରମ୍ପ ଏବେ ରୁଷକୁ ଦେଲେ ଧମକ

ୱାଶିଂଟନ୍ : ଅଗଷ୍ଟ ୧୫ ତାରିଖରେ ଆଲାସ୍କାରେ ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ଓ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ମଧ୍ୟରେ ଐତିହାସିକ ବୈଠକ ହୋଇଥିଲା । ଏହାପରେ ସାଢେ ୩ ବର୍ଷ ହେଲା ଚାଲିଥିବା ରୁଷ ଓ୍ୟୁକ୍ରେନ ଯୁଦ୍ଧରେ ପୂର୍ଣ୍ଣଚ୍ଛେଦ ପଡ଼ିବାର ସମ୍ଭାବନା ସୃଷ୍ଟି ହୋଇଥିଲା । ବୈଠକ ପୂର୍ବରୁ ଟ୍ରମ୍ପ ରଣହୁଙ୍କାର ଦେଇଥିଲେ । ଆଲୋଚନା ଖରାପ ଦିଗକୁ ଗଲେ ସେ ଚାଲି ଆସିବେ ବୋଲି କହିଥିଲେ ।ହେଲେ ପୁଟିନଙ୍କୁ ଦେଖି ଟ୍ରମ୍ପଙ୍କ ସବୁ ଦମ୍ଭ ଯେମିତି ସତେ ଯେମିତି ଭାଙ୍ଗି ଯାଇଥିଲା । ସେ ତାଙ୍କୁ ବେଶ ନମ୍ର ଭାବେ ସ୍ୱାଗତ କରିଥିଲେ ।ୟୁକ୍ରେନ ଯୁଦ୍ଧକୁ ବନ୍ଦ କରିବା ପାଇଁ ପୁଟିନ ଯଦି ବୁଝାମଣା କରିବେ ନାହିଁ, ତା'ହେଲେ ଏହାର ପରିଣାମ ବେଶ ଭୟଙ୍କର ହେବ । ସେ ଅନେକ କଟକଣା ଲଗାଇବେ ବୋଲି ଟ୍ରମ୍ପ କହୁଥିଲେ । କିନ୍ତୁ ଯେତେବେଳେ ଦୁଇ ନେତା ପରସ୍ପରକୁ ଆଲାସ୍କାରେ ଭେଟିଥିଲେ ସେତେବେଳେ ଟ୍ରମ୍ପଙ୍କ ସବୁ ଦମ୍ଭୋକ୍ତି ଫୁସକି ଯାଇଥିଲା । ହେଲେ ଏବେ ପୁଣି ରୁଷ ଓ ପୁଟିନଙ୍କୁ ଖୋଲା ଧମକ ଦେଇଛନ୍ତି ଟ୍ରମ୍ପ । ଯଦି ରୁଷ ରାଷ୍ଟ୍ରପତି ପୁଟିନ ଓ୍ୟୁକ୍ରେନ ରାଷ୍ଟ୍ରପତି ଭ୍ଲୋଡମିର ଜେଲେନସ୍କି ସେମାନଙ୍କ ମଧ୍ୟରେ ଚାଲିଥିବା ବିବାଦର ସମାଧାନ କରିବାରେ ବିଫଳ ହେବେ, ତା'ହେଲେ ଅର୍ଥନୀତି ଯୁଦ୍ଧ ଆରମ୍ଭ ହେବ ବୋଲି ଟ୍ରମ୍ପ ଚେତାବନୀ ଦେଇଛନ୍ତି ।



ଟ୍ରମ୍ପ କହିଛନ୍ତି ଯେ ଅର୍ଥନୀତିକ ଯୁଦ୍ଧ ରୁଷ ପାଇଁ ଅତ୍ୟନ୍ତ ଖରାପ ହେବ । ଏହା ଗୋଟିଏ ବିଶ୍ୱ ଯୁଦ୍ଧ ହୋଇ ନପାରେ ।କିନ୍ତୁ ଏହା ଅର୍ଥନୀତିକ ଯୁଦ୍ଧର ରୂପ ନେବ ଓ ଏହି ଅର୍ଥନୀତିକ ଯୁଦ୍ଧ ବେଶ ଖରାପ ହେବ । ବିଶେଷ କରି ରୁଷ ପାଇଁ ଅର୍ଥନୀତିକ ଯୁଦ୍ଧ ଭୟଙ୍କର ହେବ । ମୁଁ ଏହା ଚାହୁଁ ନାହିଁ ।ହ୍ୱାଇଟ ହାଉସ କ୍ୟାବିନେଟ ମିଟିଂ ବେଳେ ଟ୍ରମ୍ପ ରୁଷକୁ ଏପରି ଚେତାବନୀ ଦେଇଥିବା ବ୍ଲୁମବର୍ଗରେ ରିପୋର୍ଟ ପ୍ରକାଶ ପାଇଛି ।

ରାଷ୍ଟ୍ରପତି ହେବାର ୨୪ ଘଣ୍ଟା ମଧ୍ୟରେ ରୁଷ ଓ୍ୟୁକ୍ରେନ ଯୁଦ୍ଧରେ ପୂର୍ଣ୍ଣଚ୍ଛେଦ ପଡ଼ିବ ବୋଲି ଟ୍ରମ୍ପ ଦମ୍ଭୋକ୍ତି କରୁଥିଲେ ହେଁ ଏଯାଏ ଏଥିରେ ସଫଳତା ହାସଲ କରିନାହାନ୍ତି । ଅଗଷ୍ଟ ୧୫ ବୈଠକ ପରେ ଯୁଦ୍ଧ ସମାପ୍ତିର ଆଶା ସୃଷ୍ଟି ହୋଇଥିଲା । କିନ୍ତୁ ଏଥିରେ କୌଣସି ସୁଧାର ଦେଖିବାକୁ ମିଳୁନାହିଁ । ଦୁଇ ଦେଶ ପରସ୍ପର ଉପରେ ଆକ୍ରମଣ କରିବା ଜାରି ରଖିଛନ୍ତି ।ସେହିପରି ଅଗଷ୍ଟ ୧୫ ବୈଠକରେ ପରେ ଟ୍ରମ୍ପ ରୁଷ-ୟୁକ୍ରେନ ଓ ଆମେରିକର ମଧ୍ୟରେ ତ୍ରିପାକ୍ଷିକ ଆଲୋଚନା ହେବ ବୋଲି କହିଥିଲେ । ହେଲେ ସେଦିଗରେ କୌଣସି ପଦକ୍ଷେପ ଏଯାଏ ଗ୍ରହଣ କରାଯାଇ ନାହିଁ । ଏବେ ଟ୍ରମ୍ପ ରୁଷକୁ ଅର୍ଥନୀତିକ ଯୁଦ୍ଧର ଧମକ ଦେବା ସ୍ଥିତିକୁ ଆହୁରି ଜଟିଳ କରିଛି ।

### ବାଣିଜ୍ୟ ଯୁଦ୍ଧର ମୁକାବିଲା

# ୪୦ ଦେଶ ସହ ହାତ ମିଳାଇଲା ଭାରତ

ନୂଆଦିଲ୍ଲୀ :ଆମେରିକା ଭାରତ ଉପରେ ୨୫ ପ୍ରତିଶତ ଅତିରିକ୍ତ ଶୁଳ୍କଲାଗୁ କରିଛି, ଯାହା ପରେ ଭାରତ ଏହି ଶୁଳ୍କର ପ୍ରଭାବକୁ ଦୂର କରିବା ପାଇଁ ଏକ ବଡ଼ ଯୋଜନା ପ୍ରସ୍ତୁତ କରିଛି । ଟ୍ରମ୍ପଙ୍କ ଶୁଳ୍କ ଭାରତର ବୟନ ଶିଳ୍ପ ଉପରେ ସବୁଠାରୁ ଅଧିକ ପ୍ରଭାବ ପକାଇବାକୁ ଯାଉଛି । ସରକାର ବୟନ ଶିଳ୍ପକୁ ବଞ୍ଚାଇବା ଏବଂ ପୋଷାକ ରପ୍ତାନିକୁ ପ୍ରୋତ୍ସାହିତ କରିବା ପାଇଁ ୪୦ଟି ଦେଶ ସହିତ ଯୋଗାଯୋଗ କରିବାକୁ ଯୋଜନା କରିଛି ।



ଟ୍ରମ୍ପଙ୍କ ଶୁଳ୍କ ଭାରତର ବୟନ ଶିଳ୍ପ ଉପରେ ସବୁଠାରୁ ଅଧିକ ପ୍ରଭାବ ପକାଇବାକୁ ଯାଉଛି। ଯାହାକୁ ମୁକାବିଲା କରିବା ପାଇଁ ଭାରତ ତାର ଯୋଜନା ପ୍ରସ୍ତୁତ କରିଛି । ସରକାର ବୟନ ଶିଳ୍ପକୁ ବଞ୍ଚାଇବା ଏବଂ ପୋଷାକ ରପ୍ତାନିକୁ ପ୍ରୋତ୍ସାହିତ କରିବା ପାଇଁ ୪୦ଟି ଦେଶ ସହିତ ଯୋଗାଯୋଗ କରିବାକୁ ଯୋଜନା କରିଛି । ଜଣେ ସରକାରୀ ଅଧିକାରୀ ବୁଧବାର ଏହି ସୂଚନା ଦେଇଛନ୍ତି । ଏହି ପଦକ୍ଷେପ ଅଧୀନରେ, ବ୍ରିଟେନ, ଜାପାନ, ଦକ୍ଷିଣ କୋରିଆ, ଜର୍ମାନୀ, ଫ୍ରାନ୍ସ, ଇଟାଲୀ, ସ୍ପେନ, ନେଦରଲ୍ୟାଣ୍ଡ, ପୋଲାଣ୍ଡ, କାନାଡା, ମେକ୍ସିକୋ, ରୁଷ, ବେଲଜିୟମ, ତୁର୍କୀ, ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ) ଏବଂ ଅଷ୍ଟ୍ରେଲିଆ ଭଳି ପ୍ରମୁଖ ଦେଶଗୁଡ଼ିକୁ ଅନ୍ତର୍ଭୁକ୍ତ କରାଯାଇଛି । ଟ୍ରମ୍ପଙ୍କ ଶୁଳ୍କ ବୟନ, ମଣି ଏବଂ ଅଳଙ୍କାର, ଚମଡା, ମାଛ, ରାସାୟନିକ ପଦାର୍ଥ ଏବଂ ଯନ୍ତ୍ରପାତି ଭଳି କ୍ଷେତ୍ରର ରପ୍ତାନିକୁ ପ୍ରଭାବିତ କରିବ ବୋଲି ଆଶା କରାଯାଉଛି । କେବଳ ବୟନ କ୍ଷେତ୍ରରୁ ଆମେରିକାକୁ ରପ୍ତାନି ବନ୍ଦ ଜନିତ କ୍ଷତି ୧୦.୩ ବିଲିୟନ ହୋଇପାରେ ।

# ଅଳ୍ପକେ ବର୍ତ୍ତିଲା ଜନଶତାବ୍ଦୀ ଏକ୍ସପ୍ରେସ

ନୂଆଦିଲ୍ଲୀ: ଜନଶତାବ୍ଦୀ ଏକ୍ସପ୍ରେସ ଏକ ବଡ଼ ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତିଯାଇଛି ବାସ୍ତବରେ ଦିଲ୍ଲୀ ଯାଉଥିବା ଜନଶତାବ୍ଦୀ ଏକ୍ସପ୍ରେସକୁ ଯେଉଁ ଲାଇନରେ ଛାଡିବା କଥା ସେହି ଲାଇନରେ ନ ଛାଡି ଲୁପ ଲାଇନରେ ଛାଡିଦିଆଯାଇଥିଲା ଏହି ଲୁପ ଲାଇନରେ ମରାମତି କରାଯାଉଥିବାବେଳେ ଟ୍ରେନ ଡ୍ରାଇଭରଙ୍କ ଉପସ୍ଥିତି ବୁଦ୍ଧି ଯୋଗୁଁ ଏକ ବଡ ଦୁର୍ଘଟଣାରୁ ଟ୍ରେନ ଅଳ୍ପକେ ବର୍ତ୍ତିଯାଇଛି । ଏହି ଘଟଣାରେ ଜଣେ ଷ୍ଟେସନ ମାଷ୍ଟର ଏବଂ ଜଣେ ଟ୍ରାଫିକ୍ ନିୟନ୍ତ୍ରକଙ୍କୁ ନିଲମ୍ବିତ କରାଯାଇଥିଲା । ସୂତ୍ର ଅନୁଯାୟୀ, ଟ୍ରେନର ଡ୍ରାଇଭର ଲୁପ ଲାଇନରେ ଲାଲ ପତାକା ଲାଗିଥିବା ଦେଖି ତୁରନ୍ତ ଜରୁରୀକାଳୀନ ବ୍ରେକ ଲଗାଇ ମରାମତି କରାଯାଉଥିବା ଅଂଶରେ ପହଞ୍ଚିବା ପୂର୍ବରୁ ଟ୍ରେନକୁ ଅଟକାଇ ଦେଇଥିଲେ । ଡିଭିଜନାଲ ଅପରେସନ୍ସ ମ୍ୟାନେଜର ଏବଂ ଡିଭିଜନର ଅଧିକୃତ ମୁଖପାତ୍ର ପ୍ରଶସ୍ତି ଶ୍ରୀବାସ୍ତବ କହିଛନ୍ତି ଯେ ଦୁଇ କର୍ମଚାରୀଙ୍କ ବିରୁଦ୍ଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ସେ କହିଛନ୍ତି, ଏହା ଦୁଇ କର୍ମଚାରୀଙ୍କ ଯୋଗୁଁ ଏଭଳି ଘଟଣା ଘଟିଛି । ସୂତ୍ର ଅନୁଯାୟୀ, ମଙ୍ଗଳବାର ସକାଳ ୧୦:୩୦ ରୁ ୧୧:୦୦ ମଧ୍ୟରେ ଜଣେ ଯାତ୍ରୀଙ୍କ ସ୍ୱାସ୍ଥ୍ୟାବସ୍ଥା ଖରାପ ହେବା ବିଷୟରେ ସୂଚନା ପାଇ, ଟିଟିଇ ଆଗ୍ରା ନିୟନ୍ତ୍ରଣ କକ୍ଷ ସହିତ ଯୋଗାଯୋଗ କରିଥିଲେ ଏବଂ ଛାତା ଷ୍ଟେସନରେ ଟ୍ରେନକୁ ଅଟକାଇବାକୁ ଅନୁରୋଧ କରିଥିଲେ । ତେବେ ଟ୍ରେନ ଏଠାରେ ଅଟକି ନଥିଲା ଏହା ପରେ, ଟିଟିଇ ପୁଣି ଥରେ ଯୋଗାଯୋଗ କରି ପରବର୍ତ୍ତୀ ଷ୍ଟେସନ କୋସିରେ ଯାତ୍ରୀଙ୍କୁ ଓହ୍ଲାଇବା ପାଇଁ ଅନୁମତି ମାଗିଲେ ।କାରଣ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଆହୁରି ଖରାପ ହୋଇଯାଇଥିଲା ।ସେ କହିଛନ୍ତି, ଯେତେବେଳେ ଟ୍ରେନଟି କୋସିରେ ମଧ୍ୟ ଅଟକି ନଥିଲା, ଟ୍ରେନରେ ଉପସ୍ଥିତ କର୍ମଚାରୀମାନେ ପୁଣି ଥରେ ଅନୁରୋଧ କରିଥିଲେ, ଯାହା ପରେ ହୋଡାଲ ଷ୍ଟେସନରେ ଟ୍ରେନକୁ ଅଟକାଇବାକୁ ନିଷ୍ପତ୍ତି ନିଆଯାଇଥିଲା, କିନ୍ତୁ ଷ୍ଟେସନ ମାଷ୍ଟର ଶୀଘ୍ର, ସୁରକ୍ଷା ମାନଦଣ୍ଡକୁ ଅଣଦେଖା କରି ଟ୍ରେନକୁ ମରାମତି କରାଯାଉଥିବା ଲୁପ୍ ଲାଇନରେ ଛାଡି ଦେଇଥିଲେ ।

# ପ୍ରଧାନମନ୍ତ୍ରୀ ସ୍ୱନିଧି ଯୋଜନାର ପୁନର୍ଗଠନ

ନୂଆଦିଲ୍ଲୀ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ୍ ବୈଠକରେ "ପ୍ରଧାନମନ୍ତ୍ରୀ ଉଠାଦୋକାନୀ ଆତ୍ମନିର୍ଭର ନିଧି (ପିଏମ ସ୍ୱନିଧି) ଯୋଜନାର ପୁନର୍ଗଠନ ଏବଂ ଋଣ ଅବଧିକୁ ୩୧ ଡିସେମ୍ବର ୨୦୨୪ଠାରୁ ଆଗକୁ ବଢାଇବାକୁ ଅନୁମୋଦନ କରାଯାଇଛି । ଏହି ଯୋଜନାରେ ମୋଟ୍ ବ୍ୟୟବରାଦ ୭,୩୩୨ କୋଟି ଟଙ୍କା ଅଟେ । ପୁନର୍ଗଠିତ ଯୋଜନାର ଲକ୍ଷ୍ୟ ହେଉଛି ୫୦ ଲକ୍ଷ ନୂଆ ହିତାଧିକାରୀଙ୍କ ସମେତ ୧.୧୫ କୋଟି ହିତାଧିକାରୀଙ୍କୁ ଲାଭ ପହଞ୍ଚାଇବା । ଏହି ଯୋଜନାକୁ କାର୍ଯ୍ୟକାରୀ କରିବାର ଦାୟିତ୍ୱ ଆବାସ ଓ ସହରାଞ୍ଚଳ ବ୍ୟାପାର ମନ୍ତ୍ରଣାଳୟ ଏବଂ ଆର୍ଥିକ ସେବା ବିଭାଗ (ଡିଏଫଏସ) ଉପରେ ମିଳିତ ଭାବରେ ନ୍ୟସ୍ତ ରହିବ । ଡିଏଫଏସର ଭୂମିକା ହେବ ବ୍ୟାଙ୍କ/ଆର୍ଥିକ ପ୍ରତିଷ୍ଠାନ ଏବଂ ସେଗୁଡ଼ିକର ତୃଣମୂଳ ସ୍ତରୀୟ ଅଧିକାରୀଙ୍କ ମାଧ୍ୟମରେ ଋଣ/କ୍ରେଡିଟ୍ କାର୍ଡ ଉପଲବ୍ଧତାକୁ ସହଜ କରିବା । ପୁନର୍ଗଠିତ ଯୋଜନାର ପ୍ରମୁଖ ବୈଶିଷ୍ଟ୍ୟଗୁଡ଼ିକ ମଧ୍ୟରେ ପ୍ରଥମ ଓ ଦ୍ୱିତୀୟ କିସ୍ତିରେ ଋଣ ପରିମାଣ ବୃଦ୍ଧି, ଦ୍ୱିତୀୟ ଋଣ ପରିଶୋଧ କରୁଥିବା ହିତାଧିକାରୀଙ୍କ ପାଇଁୟୁପିଆଇ-ସଂଲଗ୍ନ ରୂପେ କ୍ରେଡିଟ୍ କାର୍ଡର ବ୍ୟବସ୍ଥା ଏବଂ ଖୁଚୁରା ଓ ପାଇକାରୀ କାରବାର ପାଇଁ ଡିଜିଟାଲ୍ କ୍ୟାସବ୍ୟାକ୍ ପ୍ରୋତ୍ସାହନ ଅନ୍ତର୍ଭୁକ୍ତ ।ଏହି ଯୋଜନାର ପରିସର ପର୍ଯ୍ୟାୟକ୍ରମେ ଜନଗଣନା ସହର ଏବଂ ଅର୍ଦ୍ଧ-ସହରାଞ୍ଚଳ ଇତ୍ୟାଦିକୁ ବିସ୍ତାର କରାଯାଉଛି । ଉନ୍ନତ ଋଣ ଢାଞ୍ଚାରେ ପ୍ରଥମ କିସ୍ତି ଋଣକୁ ୧୫,୦୦୦ ଟଙ୍କା (୧୦,୦୦୦ ଟଙ୍କାରୁ) ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି । ସେହିପରି ଦ୍ୱିତୀୟ କିସ୍ତି ଋଣକୁ ୨୫,୦୦୦ ଟଙ୍କା (୨୦,୦୦୦ଟଙ୍କାରୁ) ପର୍ଯ୍ୟନ୍ତ ବୃଦ୍ଧି କରାଯାଇଥିବା ବେଳେ ତୃତୀୟ କିସ୍ତିକୁ ପୂର୍ବ ଭଳି ୫୦ ହଜାର ଟଙ୍କା ରଖାଯାଇଛି ।ୟୁପିଆଇ ସଂଯୁକ୍ତ ରୂପେ କ୍ରେଡିଟ୍ କାର୍ଡ ପ୍ରଚଳନ ଦ୍ୱାରା ରାସ୍ତାପାର୍ଶ୍ୱ ବିକ୍ରେତାମାନେ ଯେକୌଣସି ଜରୁରୀକାଳୀନ ବ୍ୟବସାୟ ଏବଂ ବ୍ୟକ୍ତିଗତ ଆବଶ୍ୟକତା ପୂରଣ କରିବା ପାଇଁ ତୁରନ୍ତ ଋଣ ପାଇପାରିବେ ।

# କିଛି ପାଇବା ଆଶାରେ ସଂଘକୁ ଆସ ନାହିଁ: ଭଗବତ

ନୂଆଦିଲ୍ଲୀ: ରାଷ୍ଟ୍ରୀୟସ୍ୱୟଂସେବକସଂଘ (ଆରଏସଏସ) ମୁଖ୍ୟମୋହନଭାଗବତ କହିଛନ୍ତି ଯେ ସଂଘର ମୂଳଦୁଆ ସାତ୍ତ୍ୱିକ ପ୍ରେମ ଉପରେ ଆଧାରିତ । କୌଣସି ସ୍ୱେଚ୍ଛାସେବୀ ସଂଗଠନ ସଂଘ ପରି ଏତେ ବିରୋଧର ସମ୍ମୁଖୀନ ହୋଇନାହିଁ । ଏହା ସତ୍ତ୍ୱେ, ସଂଘ ଆଜି ମଧ୍ୟ ଦୃଢ଼ ଭାବରେ ଠିଆ ହୋଇଛି ।ସଂଘର ୧୦୦ ବର୍ଷ ପୂରଣ ହେବା ଅବସରରେ, ଭାଗବତ ୧୯୨୫ ର ବିଜୟାଦଶମୀ କଥା ଉଲ୍ଲେଖ କରିଥିଲେ । ସେ କହିଥିଲେ ଯେ ଡକଟର ହେଡଗେୱାର ସେହି ଦିନ ସଂଘ ପ୍ରତିଷ୍ଠା କରିଥିଲେ । ତାଙ୍କର ଧାରଣା ସ୍ପଷ୍ଟ ଥିଲା - ହିନ୍ଦୁ ବୋଲି କୁହାଯାଉଥିବା ପ୍ରତ୍ୟେକ ବ୍ୟକ୍ତି ରାଷ୍ଟ୍ର ପ୍ରତି ଦାୟୀ ହେବା ଉଚିତ । ଏହା ସଂଘର ଆରମ୍ଭର ମୂଳଦୁଆ ଥିଲା ।ସେ କହିଥିଲେ ଯେ ହିନ୍ଦୁତ୍ୱର ପ୍ରକୃତ ସାର ସତ୍ୟ ଏବଂ ପ୍ରେମ । ଏହି ଦୁଇଟି ଭିନ୍ନ ଦେଖାଯାଏ, କିନ୍ତୁ ବାସ୍ତବରେ ସେମାନେ ସମାନ । ଭାଗବତ କହିଛନ୍ତି ଯେ ସଂଘରେ କୌଣସି ପ୍ରୋତ୍ସାହନ ନାହିଁ । ସେ କହିଥିଲେ, 'ଯଦି ତୁମେ ସଂଘରେ ଯୋଗଦେବ, ତେବେ ତୁମକୁ କିଛି ମିଳିବ ନାହିଁ, ତୁମର ଯାହା ଅଛି ତାହା ମଧ୍ୟ ଚାଲିଯିବ । ଜଣେ ସ୍ୱୟଂସେବକ ଏହି ଭାବନା ସହିତ କାମ କରନ୍ତ । ତାଙ୍କର ଲକ୍ଷ୍ୟ ହେଉଛି - ଆତ୍ମାନୋ ମୋକ୍ଷାର୍ଥ ଜଗତ ହିତାୟଚ ।



# ଟ୍ରମ୍ପଙ୍କୁ କଟାକ୍ଷ କଲେ ଯୋଗଗୁରୁ ରାମଦେବ

ନୂଆଦିଲ୍ଲୀ: ଡୋନାଲ୍ଡ ଟ୍ରମ୍ପ ରୁଷରୁ ତେଲ କିଣିବା ପାଇଁ ଭାରତ ଉପରେ ଅତିରିକ୍ତ ୨୫ ପ୍ରତିଶତ ଶୁଳ୍କ ଲାଗୁ କରିଥିଲେ, ଯାହା ଆଜି ଠାରୁ ଲାଗୁ ହୋଇଛି । ଯେତେବେଳେ ବାବା ରାମଦେବଙ୍କୁ ଟ୍ରମ୍ପଙ୍କ ଶୁଳ୍କ ବିଷୟରେ ପଚରାଗଲା, ସେ କହିଲେ ଯେ ଟ୍ରମ୍ପ ମଧ୍ୟ ଚାହାଁନ୍ତି ଯେ ଆମେରିକାରେ ସ୍ୱଦେଶୀ ଉତ୍ପାଦଗୁଡ଼ିକୁ ପ୍ରୋତ୍ସାହିତ କରାଯାଉ । ଅନ୍ୟ ଦେଶର ଉତ୍ପାଦ ଆମ ଦେଶକୁ ଆସିବା ଉଚିତ ନୁହେଁ । ଏହି ସମୟରେ ବାବା ରାମଦେବ ଟ୍ରମ୍ପଙ୍କୁ ଜଣେ ରାଜନେତା ଭାବରେ ବର୍ଣ୍ଣନା କରିଥିଲେ ଯିଏ ଏଣ୍ଡୁଅ ପରି ରଙ୍ଗ ପରିବର୍ତ୍ତନ କରନ୍ତି । ବାବା ରାମଦେବ କହିଥିଲେ,



'ଯେଉଁ ଦେଶରେ ପ୍ରଚୁର ଧନ ଅଛି, ସେଠାରେ ବିଳାସ ବୃଦ୍ଧି ପାଏ । ଏଣ୍ଡୁଅ ପରି ଏତେଥର କେହି ରଙ୍ଗ ବଦଳାନ୍ତି ନାହିଁ ଯେତେ ଥର ଟ୍ରମ୍ପ ବଦଳାଉଛନ୍ତି । ସେ ପ୍ରତ୍ୟେକ ଦେଶ ବିଷୟରେ, ପ୍ରତ୍ୟେକ ପରିସ୍ଥିତି ବିଷୟରେ, ଚୀନ୍ ପ୍ରସଙ୍ଗରେ କେତେ ଥର ମିଛ କହିଥିଲେ, ଭାରତ-ପାକିସ୍ତାନ ପ୍ରସଙ୍ଗରେ କେତେ ଥର ମିଛ କହିଥିଲେ ।ସେ ଦାଦାଗିରି ଅପେକ୍ଷା ଅଧିକ ଗୁଣ୍ଡାଗିରି କରୁଛନ୍ତି ।' ସେ କହିଥିଲେ, 'ପୂର୍ବରୁ ଆମେରିକା ଏକ ଅତ୍ୟନ୍ତ ସଭ୍ୟ ଦେଶ ଭାବରେ ଜଣାଶୁଣା ଥିଲା, କିନ୍ତୁ ସେ (ଟ୍ରମ୍ପ) ଆସି ଆମେରିକାର ସେହି ସମସ୍ତ ମୂଲ୍ୟବୋଧକୁ ନଷ୍ଟ କରିଦେଇଥିଲେ ।'ଏବେ ଭାରତୀୟଙ୍କ ଜାଗ୍ରତ ହେବାର ସମୟ ଆସିଛିଛ ଯଦି ସେମାନେ ଏବେ ନ ଜାଗ୍ରତ ହୁଅନ୍ତି, ତେବେ ଏହା କଷ୍ଟକର ହୋଇଯିବ ।' ବାବା ରାମଦେବ କହିଥିଲେ, 'ଭାରତକୁ ବିଶ୍ୱର ପ୍ରଥମ ଅର୍ଥନୀତି କରିବାକୁ ହେଲେ, ୧୪୦ କୋଟି ଦେଶବାସୀଙ୍କୁ ଏକ ହେବାକୁ ପଡ଼ିବ ।

# ଅର୍ଥ ବିଲ୍ ନେଇ ପ୍ରଶ୍ନ ଉଠାଇଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ: ରାଜ୍ୟ ସରକାରଙ୍କ ଦ୍ୱାରା ପାରିତ ବିଲ୍ ବିଭିନ୍ନ ରାଜ୍ୟର ରାଜ୍ୟପାଳ ଅଟକାଉଥିବା ମାମଲା ଧିରେ ଧିରେ ଗମ୍ଭୀର ରୂପ ନେଉଛି । ଏନେଇ ମାମଲା ସୁପ୍ରିମକୋର୍ଟରେ ପହଂଚିବା ପରେ ବିଲ୍ ପାରିତ ନେଇ ରାଜ୍ୟପାଳ ଓ ରାଷ୍ଟ୍ରପତିଙ୍କ ପାଇଁ ଏକ ସମୟ ନିର୍ଘଣ୍ଟ କରିଥିଲେ ସୁପ୍ରିମକୋର୍ଟ । ଏହାକୁ ନେଇ ପୁଣି ଜନସ୍ୱାର୍ଥ ମାମଲା ହେବା ପରେ ଏହା ଉପରେ ପୁଣି ବିଚାର ଚାଲିଛି ।ଏସବୁ ଭିତରେ ପୁଣି ରାଜ୍ୟ ସରକାରମାନଙ୍କ ଦ୍ୱାରା ପାରିତ ହେଉଥିବା ଅର୍ଥ ବିଲ୍ ରାଜ୍ୟପାଳ ଅଟକାଇପାରିବେ କି ନାହିଁ ତାକୁ ନେଇ ବଡ଼ ପ୍ରଶ୍ନ ଉଠାଇଛନ୍ତି ସୁପ୍ରିମକୋର୍ଟ । କୋର୍ଟ ପ୍ରଶ୍ନ କରିଛନ୍ତି କି, ସମ୍ବିଧାନର ଧାରା ୨୦୦ ମୁତାବକ ରାଜ୍ୟପାଳମାନେ ଅର୍ଥ ବିଲ୍ ଅଟକାଇପାରିବେ କି ? ବିଲଗୁଡିକୁ ଅନୁମୋଦନ ପ୍ରସଙ୍ଗରେ ପ୍ରେସିଡେନ୍ସିଆଲ ରେଫରେନ୍ସର ଶୁଣାଣି ବେଳେ ଜଷ୍ଟିସ ପିଏସ୍ ନରସିଂହ କହିଛନ୍ତି କି, ଏହି କ୍ଷମତା ବଳରେ



ଅର୍ଥ ବିଲକୁ ମଧ୍ୟ ରୋକାଯାଇପାରିବା ଭଳି ସ୍ଥିତି ଉତ୍ପନ୍ନ ହେଉଛି । ଏହି ମାମଲାର ଶୁଣାଣି ସୁପ୍ରିମକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ ବିଆର ଗଓ୍ୱାଇ, ଜଷ୍ଟିସ ସୂର୍ଯ୍ୟକାନ୍ତ, ଜଷ୍ଟିସ୍ ବିକ୍ରମନାଥ, ଜଷ୍ଟିସ ପିଏସ୍ ନରସିଂହ ଓ ଜଷ୍ଟିସ ଏଏସ୍ ଚାନ୍ଦୁରକରଙ୍କୁ ନେଇ ଗଠିତ ଖଣ୍ଡପୀଠରେ ହେଉଛି । ମାମଲାର ଶୁଣାଣି ବେଳେ କେନ୍ଦ୍ର ସରକାରଙ୍କ ପକ୍ଷରୁ ନିଯୁକ୍ତ ଓକିଲ ଯୁକ୍ତି ବାଢିଛନ୍ତି ଯେ, ସମ୍ବିଧାନର ଧାରା ୨୦୦ ମୁତାବକ ଅନୁମୋଦନ ଅଟକାଇବା ଏକ ସ୍ୱାଧୀନ କ୍ଷମତା ଛ ମହାରାଷ୍ଟ୍ର ସରକାରଙ୍କ ତରଫରୁ ବରିଷ୍ଠ ଆଇନଜୀବୀ ହରିଶ ସାଲଭେ ଏହି ଯୁକ୍ତିକୁ ସମର୍ଥନ କରିଥିଲେ । ଅନୁମୋଦନ ପ୍ରଦାନ, ବିଧାନସଭାକୁ ଫେରାଇବା ଓ ରାଷ୍ଟ୍ରପତିଙ୍କ ଅନୁମୋଦନ ପାଇଁ ସଂରକ୍ଷଣ କରିବା ବ୍ୟତୀତ ରାଜ୍ୟପାଳଙ୍କ ନିକଟରେ ଏହା ଏକ ଚତୁର୍ଥ ବିକଳ୍ପ ଉପଲବ୍ଧ । ଏଭଳି ନିଷ୍ପତ୍ତି ନ୍ୟାୟିକ ସମୀକ୍ଷା ପାଇଁ ନୁହେଁ ବୋଲି ସେ କହିଛନ୍ତି ।

# ଡିଜିଟାଲ୍ ଫଣ୍ଡିଂ, ହାଇ-ଟେକ୍ ଅସ୍ତ୍ରଶସ୍ତ୍ର ନେଇ ଜୈସର ନୂଆ ଯୋଜନା

ନୂଆଦିଲ୍ଲୀ : ପାକିସ୍ତାନୀ ଗୁପ୍ତଚର ଏଜେନ୍ସି ଆଇଏସ୍ଏସ୍ଆଇ ଭାରତ ବିରୁଦ୍ଧରେ ଏକ ନୂଆ ଏବଂ ବିପଜ୍ଜନକ ଷଡ଼ଯନ୍ତ୍ର ରଚୁଛି । ଗୁଇନ୍ଦା ବିଭାଗର ସୂଚନା ଅନୁଯାୟୀ , ଆଇଏସ୍ଏସ୍ଆଇ ବର୍ତ୍ତମାନ ଆତଙ୍କବାଦୀ ସଂଗଠନଗୁଡ଼ିକୁ ପାରମ୍ପରିକ ଅସ୍ତ୍ରଶସ୍ତ୍ର ବଦଳରେ ଆଧୁନିକ ଅସ୍ତ୍ରଶସ୍ତ୍ର ଏବଂ ହାଇ-ଟେକ୍ ବୈଷୟିକ ଜ୍ଞାନକୌଶଳରେ ଯୋଗାଇବାକୁ ଯୋଜନା କରୁଛି ଏହି ଦିଗରେ ଜୈସ-ଏ-ମହମ୍ମଦ ସବୁଠାରୁ ଆଗରେ ରହିଛି, ଯାହା ଆଗାମୀ ଦିନରେ କ୍ୱାଡକପଟର ଏବଂ ଆଧୁନିକ ଡ୍ରୋନ୍ ହାସଲ କରିପାରେ । ସୁରକ୍ଷା ଏଜେନ୍ସିମାନଙ୍କ କହିବା କଥା ଯେ ଯଦି ଜୈସ ଏହି ବୈଷୟିକ ଜ୍ଞାନକୌଶଳ ପାଏ, ତେବେ ସୀମା ପାର୍ଶ୍ୱରୁ ଆତଙ୍କବାଦୀ ଆକ୍ରମଣର ବିପଦ ଅନେକ ଗୁଣ ବଢ଼ିଯିବ । ସୂଚନା ଅନୁସାରେ, ଜୈସ-ଏ-ମହମ୍ମଦର ଆତଙ୍କବାଦୀମାନଙ୍କୁ ପାକିସ୍ତାନୀ ସେନା ଦ୍ୱାରା ଆଧୁନିକ ଅସ୍ତ୍ରଶସ୍ତ୍ର ବ୍ୟବହାର କରିବାକୁ ତାଲିମ ଦିଆଯିବ । ଜୈସ ପୂର୍ବରୁ ବ୍ଲାକ ମାର୍କେଟରୁ ମେସିନ ଗନ୍, ରକେଟ ଲଞ୍ଚର ଏବଂ ମୋର୍ଟାର ଭଳି ଅସ୍ତ୍ରଶସ୍ତ୍ର କିଣୁଛି, ଏବଂ ଏଥିରେ ତାକୁ ଔଗଔର ଖୋଲା ସମର୍ଥନ ମିଳିଛି । ବର୍ତ୍ତମାନ ଡ୍ରୋନ୍ ଏବଂ କ୍ୱାଡକପଟର ଆସିବା ପରେ ଅସ୍ତ୍ରଶସ୍ତ୍ର ଚୋରା ଚାଲାଣରୁ ଆରମ୍ଭ କରି ଆକ୍ରମଣ କରିବା ପର୍ଯ୍ୟନ୍ତ, ଭାରତ ସାମ୍ନାରେ ନୂଆ ଚ୍ୟାଲେଞ୍ଜ ସୃଷ୍ଟି ହୋଇପାରେ । ଜୈସ-ଏ-ମହମ୍ମଦର ଆର୍ଥିକ ଶକ୍ତି ମଧ୍ୟ ବର୍ତ୍ତମାନ ଡିଜିଟାଲ ଦୁନିଆ ଉପରେ ଆଧାରିତ ହୋଇଛି । ସଂଗଠନକୁ ପ୍ରତିବର୍ଷ ୮୦୦-୯୦୦ ମିଲିୟନ ପାକିସ୍ତାନୀ ଟଙ୍କା ଫଣ୍ଡି ମିଳିଥାଏ । ଏହି ଟଙ୍କା ବର୍ତ୍ତମାନ ଡିଜିଟାଲ ୱାଲେଟ୍ ମାଧ୍ୟମରେ ଆସୁଛି ଏବଂ ପ୍ରାୟ ୫୦% ଫଣ୍ଡି ଆଧୁନିକ ଅସ୍ତ୍ରଶସ୍ତ୍ର କିଣିବାରେ ଖର୍ଚ୍ଚ କରାଯାଉଛି । ଜୈସର ତେହେରିକ-ଏ-ତାଲିବାନ ପାକିସ୍ତାନ (TTP) ସହିତ ମଧ୍ୟ ଗଭୀର ସମ୍ପର୍କ ରହିଛି । TTP ପୂର୍ବରୁ ଡ୍ରୋନ୍ ଆକ୍ରମଣର ବ୍ୟବହାର କରିସାରିଛି ଏବଂ ବର୍ତ୍ତମାନ ସେହି ବୈଷୟିକ ଜ୍ଞାନକୌଶଳ ଜୈସକୁ ମଧ୍ୟ ମିଳିପାରେ ।

# ଆମେରିକା ସ୍କୁଲରେ ଗୁଳିକାଣ୍ଡ, ୩ ମୃତ

ୱାଶିଂଟନ୍ : ପୁଣି ଏକ ଗୁଳିକାଣ୍ଡରେ ରକ୍ତରଂଜିତ ହୋଇଛି ଆମେରିକାର ସ୍କୁଲ । ଏହି ଗୁଳିକାଣ୍ଡରେ ଜଣେ ସ୍କୁଲଛାତ୍ର ସମେତ ମୋଟ ୩ ଜଣ ମୃତ୍ୟୁବରଣ କରିଛନ୍ତି ଓ ପ୍ରାୟ ୨୦ ଜଣ ଆହତ ହୋଇଛନ୍ତି । ମୃତକଙ୍କ ମଧ୍ୟରେ ଆକ୍ରମଣକାରୀ ମଧ୍ୟ ରହିଛି । ଏହି ଗୁଳିକାଣ୍ଡ ସଂପର୍କରେ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ମଧ୍ୟ ସୂଚୀତ କରାଯାଇଛି । ବୁଧବାର ସକାଳେ ଆମେରିକାର ମିନିଆପୋଲିସରେ ଥିବା ଆନାନସିଏସନ୍ କ୍ୟାଥୋଲିକ୍ ସ୍କୁଲରେ ଗୁଳିକାଣ୍ଡ ହୋଇଥିଲା । ଏହି ଆକ୍ରମଣରେ ତିନି ଜଣଙ୍କର ମୃତ୍ୟୁ ହୋଇଛି ଏବଂ ୨୦ ଜଣ ଆହତ ହୋଇଛନ୍ତି । ଆମେରିକାର ନ୍ୟାୟ ବିଭାଗର ଜଣେ ଅଧିକାରୀ କହିଛନ୍ତି ଯେ ମୃତକଙ୍କ ମଧ୍ୟରେ ଆକ୍ରମଣକାରୀ ରହିଛି । ସ୍ଥାନୀୟ ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ, ସ୍କୁଲପିଲାମାନେ ସକାଳ ପ୍ରାର୍ଥନା ସଭାରେ ଯୋଗ ଦେଉଥିବାବେଳେ ଏହି ଗୁଳିକାଣ୍ଡ ହୋଇଥିଲା । ଏହି ସ୍କୁଲଟି ମିନିଆପୋଲିସର ଦକ୍ଷିଣ-ପୂର୍ବ ଆବାସିକ ଅଞ୍ଚଳରେ ଅବସ୍ଥିତ । ଏହି ଘଟଣା ପରେ, ପୁଲିସ, ଏଫବିଆଇ, ଫେଡେରାଲ୍ ଏଜେଣ୍ଟ ଏବଂ ଆମ୍ବୁଲାନ୍ସ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚିଥିଲେ । ସ୍କୁଲ ସହିତ ଜଡିତ ଜଣେ ବ୍ୟକ୍ତିଙ୍କ ଅନୁଯାୟୀ, ପିଲାମାନଙ୍କୁ ସ୍କୁଲରୁ ସୁରକ୍ଷିତ ଭାବରେ ବାହାର କରାଯାଇଥିଲା ।

### ୬୪ତମ ଭାରତୀୟ ଗହମ ଓ ଯଅ ଗବେଷଣା କର୍ମୀ ସମ୍ମିଳନୀ

# ଉତ୍ପାଦନ ବୃଦ୍ଧି, ଖର୍ଚ୍ଚ ହ୍ରାସକୁ ଗୁରୁତ୍ୱ

ଗ୍ୱାଲିୟର,: ଭାରତ ଆଜି ଗହମ ଏବଂ ଚାଉଳ ଉତ୍ପାଦନରେ ଆତ୍ମନିର୍ଭରଶୀଳ । କିନ୍ତୁ ଉତ୍ପାଦନ ବୃଦ୍ଧି ସହିତ, ଖର୍ଚ୍ଚ ହ୍ରାସ କରିବା ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଯାହା ଦ୍ୱାରା ଚାଷ ଲାଭଜନକ ହୋଇପାରିବ । ସେ ମଙ୍ଗଳବାର ଦିନ ଗ୍ୱାଲିୟରସ୍ଥିତ ରାଜମାତା ବିଜୟାରାଜେ ସିନ୍ଧିଆ କୃଷି ବିଶ୍ୱବିଦ୍ୟାଳୟରେ ଆୟୋଜିତ '୬୪ତମ ଅଖିଳ ଭାରତୀୟ ଗହମ ଏବଂ ଯଅ ଗବେଷଣା କର୍ମୀ ' ସମ୍ମିଳନୀରେ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଏହା କହିଥିଲେ । କାର୍ଯ୍ୟକ୍ରମ ଆରମ୍ଭରେ ଶ୍ରୀ ଚୌହାନ କୃଷି ବୈଜ୍ଞାନିକ ଡକଟର ଏମ୍.ଏସ୍. ସ୍ୱାମୀନାଥନଙ୍କ ଶତବାର୍ଷିକୀ ବର୍ଷକୁ ମନେ ପକାଇ ତାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ଏବଂ କହିଥିଲେ ଯେ ଦେଶରେ ଖାଦ୍ୟ ଶସ୍ୟ ଆତ୍ମନିର୍ଭରତାରେ ତାଙ୍କର ଅବଦାନ ଅବିସ୍ମରଣୀୟ । କୃଷକମାନଙ୍କ କଠିନ ପରିଶ୍ରମକୁ ଶ୍ରଦ୍ଧାଞ୍ଜଳି ଦେଇ ସେ କହିଛନ୍ତି ଯେ କୃଷକମାନଙ୍କ କଠିନ ପରିଶ୍ରମ ଏବଂ ବୈଜ୍ଞାନିକମାନଙ୍କ ଗବେଷଣା ବଳରେ ଭାରତ ଆଜି ବିଶ୍ୱ ସ୍ତରରେ ଏକ ଶକ୍ତିଶାଳୀ କୃଷି ରାଷ୍ଟ୍ର ଭାବରେ ଠିଆ ହୋଇଛି ।କୃଷି ମନ୍ତ୍ରୀ ସୂଚନା ଦେଇଛନ୍ତି ଯେ ଗତ ୧୦-୧୧ ବର୍ଷ ମଧ୍ୟରେ ଗହମ ଉତ୍ପାଦନ ୮୬.୫ ନିୟୁତ ଟନ୍ ରୁ ୧୧୭.୫ ନିୟୁତ ଟନ୍ ହୋଇଛି, ଯାହା ପ୍ରାୟ ୪୪ ପ୍ରତିଶତ ବୃଦ୍ଧି । ସେ କହିଛନ୍ତି ଯେ ଏହି ସଫଳତା ଉଲ୍ଲେଖନୀୟ, କିନ୍ତୁ ଆମକୁ ଏବେ ବି ପ୍ରତି ହେକଟର ଉତ୍ପାଦନକୁ ବିଶ୍ୱ ହାରାହାରି ସହିତ ସମକକ୍ଷ କରିବା ପାଇଁ କାମ କରିବାକୁ ପଡିବ ।



# ପିଲାଙ୍କୁ ଆତ୍ମହତ୍ୟା ପାଇଁ ପ୍ରବର୍ତ୍ତାଉଛି ଚାଟଜିପିଟି

ନୂଆଦିଲ୍ଲୀ: ପିଲାଙ୍କୁ ଅବାଟରେ ନେଉଛି ଚାଟଜିପିଟି । ପିଲାମାନଙ୍କୁ ଆତ୍ମଘାତର ପଦ୍ଧତି ବତାଇ କ୍ଷତି ପହଞ୍ଚାଉଛି ବୋଲି ଚାଟଜିପିଟି ବିରୋଧରେ ଏବେ ଏକ ଅଭିଯୋଗ ଆସିଛି । ଚାଟଜିପିଟ ବ୍ୟବହାର କରି ଜଣେ କିଶୋର ମୃତ୍ୟୁ ବରଣ କରିବା ପରେ ତାଙ୍କ ବାପାମାଆ ମଙ୍ଗଳବାର ଦିନ ଚାଟଜିପିଟିର ମୂଳ ସଂସ୍ଥା ଓପନ୍ ଏଆଇ ଏବଂ ତାହାର ସିଇଓ ସାମ୍ ଅଲଟମ୍ୟାନଙ୍କ ବିରୋଧରେ ମାମଲା ରୁଜ୍ଜୁ କରିଛନ୍ତ । ସେ ଅଭିଯୋଗ ଆଣି କହିଛନ୍ତି ଯେ କମ୍ପାନି ଗତ ବର୍ଷ ଏହାର କୃତ୍ରିମ ବୁଦ୍ଧିମତ୍ତା ଚାଟବଟର ଜିପିଟି-୪ଓ ସଂସ୍କରଣ ଲଞ୍ଚ କରିବା ସମୟରେ ଜାଣିଶୁଣି ସୁରକ୍ଷା ଉପରେ ଲାଭକୁ ବାଛିଛି । ସାନ ଫ୍ରାନ୍ସିସ୍କୋ ରାଜ୍ୟ କୋର୍ଟରେ ରାଇନଙ୍କ ବାପାମାଆ ଦାୟର କରିଥିବା ମାମଲା ଅନୁଯାୟୀ, ୧୬ ବର୍ଷୀୟ ଆଡାମ ରାଇନ ମାସ ମାସ ଧରି ଚାଟଜିପିଟି ସହିତ ଆତ୍ମହତ୍ୟା ବିଷୟରେ ଆଲୋଚନା କରିବା ପରେ ଏପ୍ରିଲ ୧୧ ତାରିଖରେ ମୃତ୍ୟୁବରଣ କରିଥିଲେ । ସେମାନେ ଅଭିଯୋଗ କରିଛନ୍ତି ଯେ ଚାଟବଟ୍ ତାଙ୍କ ପୁଅକୁ ଆତ୍ମହତ୍ୟା ପାଇଁ ପ୍ରବର୍ତ୍ତାଇଛ । ପିତାମାତାଙ୍କ ମଦ କ୍ୟାବିନେଟରୁ ମଦ କିପରି ଚୋରି କରି ଆତ୍ମହତ୍ୟା ଉଦ୍ୟମର ପ୍ରମାଣ ଲୁଚାଇବ ସେ ବିଷୟରେ ନିର୍ଦ୍ଦେଶ ଦେଇଥିଲା । ଚାଟଜିପିଟି ଏକ ଆତ୍ମହତ୍ୟା ନୋଟ୍ ପ୍ରସ୍ତୁତ କରିବାକୁ ମଧ୍ୟ ପ୍ରସ୍ତାବ ଦେଇଥିଲା, ପିତାମାତା ମାଥ୍ୟୁ ଏବଂ ମାରିଆ ରାଇନ୍ ମକଦମାରେ କହିଛନ୍ତି । ଓପନ୍ଏଆଇର ଜଣେ ମୁଖପାତ୍ର କହିଛନ୍ତି ଯେ କମ୍ପାନି ରାଇନଙ୍କ ମୃତ୍ୟୁରେ ଦୁଃଖିତ ଏବଂ ଚାଟଜିପିଟିରେ ଲୋକଙ୍କୁ ସଙ୍କଟକାଳୀନ ହେଲ୍‌ଲାଇନକୁ ନିର୍ଦ୍ଦେଶ ଦେବା ଭଳି ସୁରକ୍ଷା ବ୍ୟବସ୍ଥା ଅନ୍ତର୍ଭୁକ୍ତ ।



## ୟୁଏସ୍ ଓପନ

# ସେଗମୁଣ୍ଡ, ନୋସକୋଭା, ଭିର୍ଭ, ପଲ ବିଜୟୀ

ନୂଆଦିଲ୍ଲୀ, ୨୭।୮ (ଏଜେନ୍ସି) : ୟୁଏସ୍ ଓପନ୍ ଗ୍ରାଣ୍ଡସ୍ଲାମ୍ ଟେନିସ ଟୁର୍ଣ୍ଣାମେଣ୍ଟରେ ହଟଚମଟ ଜାରି ରହିଛି । ସିଡେଡ୍ ଖେଳାଳି ପ୍ରଥମ ରାଉଣ୍ଡ ହର୍ଡଲ୍ସ ଅତିକ୍ରମ କରିବାକୁ ସଫଳ ହୋଇପାରୁନାହାଁନ୍ତି । ପ୍ରତିଯୋଗିତାର ଦ୍ୱିତୀୟ ଦିନ ପ୍ରଥମ ରାଉଣ୍ଡ ପର୍ଯ୍ୟାୟର ମ୍ୟାଚଗୁଡିକରେ ଲୌରା ସେଗମୁଣ୍ଡ, ଆସଲିନ୍ କ୍ରୁଗର, ଲିଣ୍ଡା ନୋସକୋଭା ବିଜୟଲାଭ କରି ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି । ପୁରୁଷ ସିଙ୍ଗଲ୍ସରେ ଅନୁଷ୍ଠିତ ଏକାଧିକ ମ୍ୟାଚ ଗୁଡିକରେ ତୀବ୍ର ସଂଘର୍ଷ ଦେଖିବାକୁ ମିଳିଛି । ଆଲେକଜାଣ୍ଡାର ଭିର୍ଭ ୬-୨, ୭-୬, ୬-୪ ସେଟ୍‌ରେ ତାବିଲୋଙ୍କୁ ପରାଜିତ କରିଥିଲେ । ଜର୍ମାଣିଆ ବିଜୟ ସହ ୨ୟ ରାଉଣ୍ଡରେ ପ୍ରବେଶ କରିଛନ୍ତି ଭିର୍ଭ । ସେହିଭଳି ଅନ୍ୟଏକ ମ୍ୟାଚରେ ଟୁର୍ଣ୍ଣାମେଣ୍ଟର ୧୪ ତମ ସିଡ୍ ଟମି ପଲ ୬-୨, ୬-୩, ୬-୧ ସେଟ୍‌ରେ ଏଲମର ମୋଲରଙ୍କୁ ପରାଜିତ କରିଥିଲେ । ଜାକଭ ଫେମଲି ୭-୫, ୬-୨, ୫-୭, ୬-୪ ସେଟ୍‌ରେ ରୋବେର୍ଟୋ ବୌଟିଷ୍ଟା ଅଗୁଟଙ୍କୁ ପରାଜିତ କରିଥିଲେ । ରୋମାନ ସାଫିଉଲିନ୍ ୬-୪, ୨-୬, ୬-୧, ୬-୩, ୬-୪ ସେଟ୍‌ରେ ଗେଲ ମନଫିଲ୍ସଙ୍କୁ ପରାଜିତ କରିଛନ୍ତି । ଅନ୍ୟ ଏକ ସିଙ୍ଗଲ୍ସ ମୁକାବିଲାରେ ନୁନୋ ବର୍ଗସ ୬-୪, ୬-୨, ୬-୩ ସେଟ୍‌ରେ ବ୍ରାଣ୍ଡନ ହଲ୍ଟଙ୍କୁ ହରାଇ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି । ଅନ୍ୟ ଏକ ପ୍ରଥମ ମୁକାବିଲାରେ ଆଲେକ୍ସ ଡି ମିନାଉର ୬-୩, ୬-୪ ସେଟ୍‌ରେ ଖ୍ରୀଷ୍ଟୋଫର ଓସେନିଲ୍ଙ୍କୁ ହରାଇଥିଲେ ।



## ମିଳିଲା କ୍ୟାବିନେଟ ମଞ୍ଜୁରୀ

# ୨୦୩୦ ରାଜ୍ୟଗୋଷ୍ଠୀ କ୍ରୀଡା ପାଇଁ ଆବେଦନ କରିବ ଭାରତ

ନୂଆଦିଲ୍ଲୀ, ୨୭।୮ (ଏଜେନ୍ସି) : ୨୦୩୦ ରେ ଭାରତରେ ରାଜ୍ୟଗୋଷ୍ଠୀ କ୍ରୀଡା ଆୟୋଜନ ନେଇ ବାଟ ଫିଟିଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ୍ ୨୦୩୦ ରାଜ୍ୟଗୋଷ୍ଠୀ କ୍ରୀଡା ପାଇଁ ବିଡ୍ ଲଗାଇବା ପାଇଁ କ୍ରୀଡା ମନ୍ତ୍ରାଣାଳୟର ପ୍ରସ୍ତାବକୁ ମଞ୍ଜୁରୀ ଦେଇଛି । ଅହମ୍ମଦାବାଦକୁ ରାଜ୍ୟଗୋଷ୍ଠୀ କ୍ରୀଡା ଆୟୋଜନ ପାଇଁ ଭାରତ ନିଜର ପ୍ରଥମ ଭେନ୍ୟୁ ଭାବେ ଉପସ୍ଥାପନ କରିବ । ପୂର୍ବରୁ ୨୦୧୦ରେ ନୂଆଦିଲ୍ଲୀରେ ରାଜ୍ୟଗୋଷ୍ଠୀ କ୍ରୀଡା ଅନୁଷ୍ଠିତ ହୋଇଥିଲା । ଯେଉଁଥିରେ ଭାରତ ନିଜର ସର୍ବଶ୍ରେଷ୍ଠ ପ୍ରଦର୍ଶନ କରିଥିଲା । ଗୁଜରାଟର ଅହମ୍ମଦାବାଦ ଆଦର୍ଶ ଆୟୋଜକ ସହର ଭାବେ ସାମ୍ନାକୁ ଆସିଛି । ଏକ ବିଶ୍ୱ ସ୍ତରୀୟ ଷ୍ଟାଡିୟମ, ଅତ୍ୟାଧୁନିକ ତାଲିମ ସୁବିଧା ରହିଛି । ଆଇସିସି କ୍ରିକେଟ୍ ବିଶ୍ୱ କପ୍ ୨୦୨୩ ଫାଇନାଲ୍ ମ୍ୟାଚ ମଧ୍ୟ ନରେନ୍ଦ୍ର ମୋଦୀ ଅନ୍ତର୍ଜାତୀୟ ଷ୍ଟାଡିୟମରେ ଖେଳାଯାଇଥିଲା । ରାଜ୍ୟଗୋଷ୍ଠୀ କ୍ରୀଡାରେ ୭୨ ଦେଶର ଖେଳାଳି ଅଂଶଗ୍ରହଣ କରିବେ । ଏହି କ୍ରୀଡା କାର୍ଯ୍ୟକ୍ରମ ପର୍ଯ୍ୟଟନକୁ ପ୍ରୋତ୍ସାହିତ କରିବା ସହିତ କ୍ରୀଡା ବ୍ୟତୀତ ଭିବିନ୍ନ କ୍ଷେତ୍ରରେ ନିଯୁକ୍ତି ଏବଂ ସୁଯୋଗ ସୃଷ୍ଟି କରିବ ।

କ୍ରୀଡା ବ୍ୟତୀତ ଭାରତରେ ପର୍ଯ୍ୟଟନକୁ ପ୍ରୋତ୍ସାହିତ କରିବ ଏହି ବଡ କ୍ରୀଡା । ନିଯୁକ୍ତି ସୁଯୋଗ ସୃଷ୍ଟି କରିବ ଏବଂ ଲକ୍ଷ୍ୟ ଲକ୍ଷ ଯୁବ ଖେଳାଳିଙ୍କୁ ପ୍ରେରଣା ଦେବ । କ୍ରୀଡା ବିଜ୍ଞାନ, ଇଭେଣ୍ଟ ପରିଚାଳନା, ଲଜେଷ୍ଟିକ୍ସ ପରିବହନ, ପ୍ରସାରଣ, ଗଣମାଧ୍ୟମ, ସୂଚନା ପ୍ରଯୁକ୍ତି ବିଦ୍ୟା, ଯୋଗାଯୋଗ, ଜନସମ୍ପର୍କ ଏବଂ ଅନ୍ୟାନ୍ୟ କ୍ଷେତ୍ରରେ ମଧ୍ୟ ବହୁ ସଂଖ୍ୟକ ବୃତ୍ତିଗତ ସୁଯୋଗ ପାଇବେ । ଏହି ପରି ଏକ କ୍ରୀଡା କାର୍ଯ୍ୟକ୍ରମ ଜାତୀୟ ଗର୍ବ ଏବଂ ଏକତାର ଭାବନାକୁ ସୁଦୃଢ଼ କରିବ । ଦେଶର ସମସ୍ତ ଅଂଶର ଲୋକମାନେ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବେ । ଯାହା ଆମ ଦେଶର ମନୋବଳକୁ ବଢାଇବ ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ କେନ୍ଦ୍ର କ୍ୟାବିନେଟ୍ ରାଜ୍ୟଗୋଷ୍ଠୀ କ୍ରୀଡା ୨୦୩୦ ର ଆୟୋଜକ ହେବା ନେଇ କ୍ରୀଡା ମନ୍ତ୍ରଣାଳୟ ପ୍ରସ୍ତାବକୁ ମଞ୍ଜୁରୀ ମିଳିଛି । ଏହା ସହ ଆବଶ୍ୟକ ଗ୍ୟାରେଣ୍ଟି ସହ ସହଯୋଗ ବୁଝାବଣା ଅନୁସାରେ ଗୁଜରାଟ ସରକାରଙ୍କୁ ଅନୁଦାନ ପାଇଁ ମଞ୍ଜୁରୀ ଦିଆଯାଇଛି । ଆୟୋଜକ ହେବା ପାଇଁ ଆବେଦନ ଦାଖଲ କରିବାର ଶେଷ ତାରିଖ ଅଗଷ୍ଟ ୩୧ ଧାର୍ଯ୍ୟ ହୋଇଛି ।




# ବିଶ୍ୱ ବ୍ୟାଡମିଣ୍ଟନ ଚାମ୍ପିଅନସିପ୍

## ସିନ୍ଧୁଙ୍କ ଅଭିଯାନ

ନୂଆଦିଲ୍ଲୀ, ୨୭।୮ (ଏଜେନ୍ସି) : ଦୁଇଥର ଅଲମ୍ପିକ୍ସ ବିଜେତା ପିଭି ସିନ୍ଧୁ ଓ ଏଚଏସ ପ୍ରଣୟ ବିଶ୍ୱ ଚାମ୍ପିଅନସିପ୍ ଅଭିଯାନ ଆରମ୍ଭ କରିଛନ୍ତି । ପ୍ୟାରିସରେ ଆୟୋଜିତ ହେଉଥିବା ଏହି ମେଗା ପ୍ରତିଯୋଗିତାରେ ସିନ୍ଧୁ ମହିଳା ସିଙ୍ଗଲ୍ସ ପ୍ରଥମ ରାଉଣ୍ଡରେ ବୁଲଗେରିଆର କାଲୋୟାନା ନଲୱାଙ୍ଗଟୋୱାଙ୍କୁ ସିଧାସଳଖ ଗେମ୍‌ରେ ପରାଜିତ କରିଥିଲେ । ସିନ୍ଧୁ ୨୩-୨୧ ଓ ୨୧-୬ ଗେମରେ ଜିତିଥିଲେ ।

ମିକ୍ସଡବଲ୍ସରେ ରୋହନ କାପୁର ଓ ରୁଥଭିକ ସିବାନୀଗାଡେ ୧୮-୨୧, ୨୧-୧୬, ୨୧-୧୮ ଗେମରେ ଡବ୍ଲ୍ୟୁସି ନାଙ୍ଗ ଓ ଆଇସିଲଙ୍ଗ (ଚାଇନିଜ୍ ତାଇପେଇ)ଙ୍କୁ ପରାଜିତ କରି ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି । ପୁରୁଷ ଡବଲ୍ସରେ ଆରକେ ରିଥିନା ସବାପଥି ଓ ଏଚ୍ ଅମସ କରୁନ ୧୫-୨୧, ୫-୨୧ ଗେମରେ ତାଇୱାନର ପିଏଚ୍ ୟଙ୍ଗ ଓ କେ ଲିୟୁଙ୍କ ଠାରୁ ପରାଜିତ ହୋଇଛନ୍ତି ଅଭିଯାନ ଶେଷ କରିଛନ୍ତି । ସିନ୍ଧୁଙ୍କ ପ୍ରଦର୍ଶନ ଜମାଣିଆ ଥିଲା । ସେ ପ୍ରଥମ ରାଉଣ୍ଡରେ ୨୩-୨୧, ୨୧-୬ଗେମରେ ବିଜୟ ଲାଭ କରି ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି । ପ୍ରଣୟ ୨୧-୧୮, ୨୧-୧୫ ଗେମରେ ଫିନଲାଣ୍ଡର ଜୋଆକିମ ଓଲ୍ଡରଫଙ୍କୁ ହରାଇ ଆଗକୁ ବଢିଛନ୍ତି ।



# ଆଇପିଏଲରୁ ଅଶ୍ୱିନୀଙ୍କ ଅବସର ଘୋଷଣା

ନୂଆଦିଲ୍ଲୀ, ୨୭।୮ (ଏଜେନ୍ସି) : ଭେଟରାଲ ତାରକା ସ୍ପିନର ରବିଚନ୍ଦ୍ର ଅଶ୍ୱିନ ଆଇପିଏଲରୁ ଅବସର ନେଇଛନ୍ତି । ସେ ସ୍ପଷ୍ଟ କରିଛନ୍ତି ଯେ ଆଉ ଆଇପିଏଲ୍ ଖେଳିବେ ନାହିଁ । ତେବେ ଅନ୍ୟାନ୍ୟ ଟି -୨୦ ଲିଗ୍‌ରେ ଖେଳ ଜାରି ରଖିବେ । ଅଶ୍ୱିନ ଗତ ୨୦୨୪ ଡିସେମ୍ବର ୧୮ ରେ ଅଷ୍ଟ୍ରେଲିଆ ବିପକ୍ଷ ଗାବା ଟେଷ୍ଟ ପରେ ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ଘୋଷଣା କରିଥିଲେ । ସେତେବେଳେ ସେ ଆଇପିଏଲ ଖେଳିବେ ବୋଲି କହିଥିଲେ । ଗତ ସିଜନରେ ଚେନ୍ନାଇ ସୁପରକିଙ୍ଗ୍ସ ପାଇଁ ଖେଳିଥିଲେ । ଅଶ୍ୱିନ ୯ ଟି ମ୍ୟାଚ ଖେଳି ୭ ୱିକେଟ୍ ନେଇଥିଲେ । ଗତବର୍ଷ ଟେଷ୍ଟ କ୍ରିକେଟରୁ ଅବସର ନେଇଥିଲେ ଅଶ୍ୱିନ । ଦୁଇଦିନ ତଳେ ଭେଟେରାଲ୍ ଚେତେଶ୍ୱର ପୂଜାରା ମଧ୍ୟ ଟେଷ୍ଟ କ୍ରିକେଟରୁ ଅବସର ନେଇଥିଲେ । ନିକଟରେ ଚେନ୍ନାଇ ସୁପରକିଙ୍ଗ୍ସ ଉପରେ ଅନେକ ବିବାଦୀୟ ବୟାନ ଦେଇଥିଲେ ଅଶ୍ୱିନ । ପରେ ଆଲୋଚନା ହେଉଥିଲା ଯେ ଅଶ୍ୱିନ ଆଇପିଏଲ୍ କ୍ୟାରିୟରକୁ ନେଇ ବଡ ନିଷ୍ପତ୍ତି ନେଇପାରନ୍ତି । ଅଶ୍ୱିନ ତାହା ହିଁ କରିଛନ୍ତି । ସୋସିଆଲ୍ ମିଡିଆରେ ଆଇପିଏଲରୁ ଅବସର ଘୋଷଣା ସମ୍ପର୍କରେ ସୂଚନା ଦେଇଛନ୍ତି । ଆଜି ଏକ ସ୍ୱତନ୍ତ୍ର ଦିନ । ତେଣୁ ଏକ ନୂଆ ଆରମ୍ଭ ହେବାକୁ ଯାଉଛି । ସବୁ ଶେଷର ଏକ ନୂଆ ଆରମ୍ଭ ହୋଇଥାଏ । ଜଣେ ଆଇପିଏଲ୍ କ୍ରିକେଟର ଭାବେ ମୋର କ୍ୟାରିୟର ଶେଷ ହୋଇଛି । ହେଲେ ବିଶ୍ୱର ଅନ୍ୟ ଟି -୨୦ ଖେଳ ଜାରି ରଖିବି । ଏପର୍ଯ୍ୟନ୍ତ ବିସିସିଆଇ ଓ ଆଇପିଏଲ୍ ମୋତେ ଯାହା ଦେଇଛନ୍ତି, ସେ ନେଇ ଅଶେଷ ଅଶେଷ ଧନ୍ୟବାଦ । ଏତେ ବର୍ଷ ଧରି ସୁନ୍ଦର ସମ୍ପର୍କ ପାଇଁ ସବୁ ଫାଞ୍ଚାଇଜକୁ ଧନ୍ୟବାଦ ।




# ଗୌତମଙ୍କୁ ଏସ୍‌ଆର୍‌ଏଫ୍‌ଆଇର ସମ୍ବର୍ଦ୍ଧନା

ଭୁବନେଶ୍ୱର, ୨୭।୮ (ସବ୍ୟୁ) : ସ୍କ୍ୱାଶ ରାକେଟ୍ସ ଫେଡେରେସନ୍ ଅଫ୍ ଇଣ୍ଡିଆ (ଏସ୍‌ଆର୍‌ଏଫ୍‌ଆଇ) ଏବଂ ଏଚ୍‌ସିଏଲ୍ ସ୍କ୍ୱାଶ ପକ୍ଷରୁ ମିଳିତ ଭାବେ ନୂଆଦିଲ୍ଲୀର ଲୋଧୀ ରୋଡ ସ୍ଥିତ ଇଣ୍ଡିଆ ହାବିଟାର୍ଟ ସେଣ୍ଟରରେ କୋଚ୍ ଗୌତମଙ୍କୁ ସମ୍ବର୍ଦ୍ଧିତ କରାଯାଇଛି ।ଏତଦ୍ ବ୍ୟତୀତ ଏସିଆ ଏବଂ ବିଶ୍ୱସ୍ତରୀୟ ସ୍କ୍ୱାଶ ପ୍ରତିଯୋଗିତାରେ ଚମକ ପଦ ପ୍ରଦର୍ଶନ ଦେଖାଇଥିବା ଭାରତୀୟ ତାରକାଙ୍କୁ ମଧ୍ୟ ସମ୍ମାନିତ କରାଯାଇଛି । ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଏସ୍‌ଆର୍‌ଏଫ୍‌ଆଇର ସଭାପତି ଅନିଲ ୱାଧୱାଙ୍କ ସହିତ ଭେଲାଭାନ୍ ସେନ୍‌ଥିଲ୍ କୁମାର, ଅନହତ ସିଂ, ଅଭୟ ସିଂ, ଜ୍ୟୋତ୍ସ୍ନା ଚିନାପା, ଗୌତମ ଦାସ ଏବଂ ରଜତ ଚାଣ୍ଡୋଲିଆ ସାମିଲ ଥିଲେ । ଭାରତୀୟ ସ୍କ୍ୱାଶର ମାନ ବୃଦ୍ଧି କରିବା ପାଇଁ ସେମାନଙ୍କ ଉତ୍ସର୍ଗ, ସ୍ଥିରତା, ଅସାଧାରଣ ଦକ୍ଷତା ପାଇଁ ସମ୍ମାନିତ କରାଯାଇଥିଲା । ଏସିଅ ଚାମ୍ପିଅନସିପରେ ଭାରତୀୟ ଦଳରେ ପ୍ରଶିକ୍ଷକ ଗୌତମ ଦାସଙ୍କୁ ବିଶେଷ ପ୍ରଶଂସା କରାଯାଇଥିଲା । ଯେଉଁଠାରେ ଭାରତ ବ୍ୟକ୍ତିଗତ ବର୍ଗରେ ବ୍ରୋଞ୍ଜ ସହିତ ଡବଲ ଇଭେଣ୍ଟରେ ୩ ଟି ସ୍ୱର୍ଣ୍ଣ ପଦକ ଏବଂ ଗୋଟିଏ ବ୍ରୋଞ୍ଜ ପଦକ ଜିତିଥିଲା । ଗୌତମ ଦାସ ଏସ୍‌ଆରଏଫ୍‌ଆଇର ପୂର୍ବ ଜୋନ ପ୍ରଶିକ୍ଷଣର ଦାୟିତ୍ୱ ନେଇଛନ୍ତି । ଏହି କେନ୍ଦ୍ର କୋଲକାତାରେ ରହିଛି । ଓଡିଶାରେ ଜନ୍ମଗ୍ରହଣ କରି ସେ ଓଡିଶାର ଯୁବ ସ୍କ୍ୱାଶ ଖେଳାଳିଙ୍କୁ ଜାତୀୟ ସ୍ତରରେ ଦକ୍ଷ କରିବା ପାଇଁ ବିକାଶ କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି । ଏହି ସମ୍ବର୍ଦ୍ଧନା ସମାରୋହ ଏସ୍‌ଆରଏଫଆଇ ଏବଂ ଏହାର ଅଂଶୀଦାର ଭାରତୀୟ ସ୍କ୍ୱାଶ ଖେଳାଳିଙ୍କୁ ଆହୁରି ପ୍ରେରଣା ଦେବା ସହିତ ପ୍ରତିବଦ୍ଧତାକୁ ସୂଚାଉଛି ।

# ଜିଲାସ୍ତରୀୟ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

ଭଦ୍ରକ,(ସବ୍ୟୁ): ଗତ ୨୩ ତାରିଖରୁ ଆରମ୍ଭ ହୋଇ ଦୁଇଦିନ ବ୍ୟାପୀ ଚାଲିଥିବା ଜିଲାସ୍ତରୀୟ ବ୍ୟାଡମିଂଟନ ଚମ୍ପିୟାନସିପ୍ ସ୍ଥାନୀୟ ବିଜୁ ପଟ୍ଟନାୟକ ଇଣ୍ଡୋର ଷ୍ଟାଡିୟମ୍‌ରେ ଉଦ୍‌ଯାପିତ ହୋଇଯାଇଛି । ଭଦ୍ରକ ଜିଲା ବ୍ୟାଡମିଂଟନ ଆସୋସିଏସନ୍ ପକ୍ଷରୁ ଆୟୋଜିତ ଏହି ଜିଲାସ୍ତରୀୟ ବ୍ୟାଡମିଂଟନ ଚମ୍ପିଆନସିପ୍‌ରେ ସମସ୍ତ ବର୍ଗରେ ଉଭୟ ମହିଳା ଓ ପୁରୁଷ ବିଭାଗରେ ପ୍ରାୟ ୧୮୫ ଜଣ ଖେଳାଳୀ ଅଂଶଗ୍ରହଣ କରିଥିଲେ । ୯ ବର୍ଷରୁ କମ୍ ପୁରୁଷ ବିଭାଗରେ ସୌମ୍ୟ ମୈତୀକୁ ହରାଇ ନିମିତ୍ କେଜ୍ରିଓ୍ୱାଲ ଚମ୍ପିୟାନ ହୋଇଥିଲେ । ସେହିଭଳି ୧୧ ବର୍ଷରୁ କମ୍ ବିଭାଗରେ ଶୁଭାଦିତ୍ୟ ମହାପାତ୍ର ଚମ୍ପିୟାନ ହୋଇଛନ୍ତି । ୧୩ ବର୍ଷରୁ କମ୍ ପୁରୁଷ ବିଭାଗରେ ସାଇ ସାମଲଙ୍କୁ ହରାଇ ଆନନ୍ଦ ଅମିତାଭ ଦାସ ଚମ୍ପିୟାନ ହୋଇଛନ୍ତି । ଡବଲ୍ସରେ ଅଭିକ୍ ଏବଂ ଭୋଲାକୁ ହରାଇ ଅମିତାଭ ଓ ପ୍ରତ୍ୟୁଷ ରାଉତ ଚମ୍ପିୟାନ ହୋଇଛନ୍ତି । ୧୫ ବର୍ଷରୁ କମ୍ ବିଭାଗ ପୁରୁଷରେ ଆୟୁଷ୍ମାନକୁ ହରାଇ ଶିବସର୍ମକ ଚମ୍ପିୟାନ ହୋଇଛନ୍ତି । ମହିଳା ବିଭାଗରେ ନିତଯାକୁ ହରାଇ ଦକସାସୀ ଚମ୍ପିୟାନ ହୋଇଛନ୍ତି । ଡବଲ୍ସରେ ଆୟୁଷ୍ମାନ ସାହୁ ଓ ସାଇ ସାମଲଙ୍କୁ ହରାଇ ଦେବାଶିଷ ଓ ଶିବସର୍ମକ ଜୟଯୁକ୍ତ ହୋଇଛନ୍ତି । ୧୭ ବର୍ଷରୁ କମ୍ ବିଭାଗରେ ହିମାଂଶୁ କୁ ହରାଇ ଶୁଭ୍ରାଂଶୁ ଜିତିଛନ୍ତି । ଡବଲ୍ସ ବିଭାଗରେ ଭବ ଜଗଦୀଶକୁ ହରାଇ ଆୟୁଷ୍ମାନ ଓ ଦେବାଶିଷ ଜୟଯୁକ୍ତ ହୋଇଛନ୍ତି । ୧୯ ବର୍ଷ କମ୍ ବିଭାଗରେ ଶୁଭ୍ରାଂଶୁଙ୍କୁ ହରାଇ ନିହାର ଚମ୍ପିୟାନ ହୋଇଛନ୍ତି । ଡବଲ୍ସ ବିଭାଗରେ ରୋହିତ ଆୟୁଷ୍ମାନକୁ ହରାଇ ଶିବ ଓ ନିହାର ଚମ୍ପିୟାନ ହୋଇଛନ୍ତି । ସିନିୟର ସିଙ୍ଗିଲ୍ସରେ ପ୍ରିୟାଂଶ ମଲ୍ଲିକକୁ ହରାଇ ଗୋପାଳ ସାମଲ ଚମ୍ପିୟାନ ହୋଇଛନ୍ତି । ଡବଲ୍ସରେ ମଗଦୁଲ ଏଣ୍ଡ ସକିଲଙ୍କୁ ହରାଇ ଅଶୋକ ଓ ଗୋପାଳ ଚମ୍ପିୟାନ ହୋଇଛନ୍ତି । ୪୦ ବର୍ଷରେ ନିର୍ମଳ ଏଣ୍ଡ ଶରତକୁ ହରାଇ ବେୟାମକେଶ ଓ ପାର୍ଟନର ଚମ୍ପିୟାନ ହୋଇଛନ୍ତି । ସେହିଭଳି ୪୫ ବର୍ଷରେ ବେୟାମକେଶ ଚମ୍ପିୟାନ ହୋଇଛନ୍ତି । ଏହି ଉଦ୍‌ଯାପନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ସିଟି ଡିଏସ୍‌ପି ସମ୍ବିତ କୁମାର ମାଝୀ, ସମ୍ମାନିତ ଅତିଥି ଭାବେ ଶୁଭେନ୍ଦୁ ରାୟ ମହାପାତ୍ର, ଶିଳ୍ପପତି ଅଶୋକ କୁମାର ଗୁପ୍ତା, ଜିଲା ବଡି ବିଲ୍‌ଡିଂ ଆସୋସିଏସନ୍‌ର ସଂପାଦକ ତୁଷାରକାନ୍ତ ଦାସ, କାର୍ଯ୍ୟକାରୀ ସଦସ୍ୟ ବିଜୟ କୁମାର ପାଣି, ବିବିଏ ଏକାଡେମୀର ଉଦ୍ୟୋକ୍ତା ଦୀପିକା ଦେଶାଇ ଓ ଚିରାଗ ଦେଶାଇ, ଓଡ଼ିଶା ରାଜ୍ୟ ସାଇ ବ୍ୟାଡମିଂଟନର କୋଚ୍ ସୁଶୀଲ କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ । ଭଦ୍ରକ ଜିଲା ବ୍ୟାଡମିଂଟନ ଆସୋସିଏସନ୍‌ର ସଭାପତି ସତ୍ୟେନ୍ଦୁ ରାୟ ମହାପାତ୍ର, କାର୍ଯ୍ୟକାରୀ ସଂପାଦକ ନିଳାଦ୍ରୀ ମହାନ୍ତି ଏଥିରେ ଯୋଗ ଦେଇଥିଲେ । ଏହି ଖେଳକୁ ରେଫରୀ ବୁନୁ ପାଲ, ବିଶ୍ୱନାଥ ଦତ, ଟୋନି, ଚିରଞ୍ଜୀବ ଭୋଇ ପରିଚାଳନା କରିଥିଲେ ।

# କ୍ଲାର୍କଙ୍କୁ କ୍ୟାନସର

ନୂଆଦିଲ୍ଲୀ, ୨୭।୮ (ଏଜେନ୍ସି) : ଅଷ୍ଟ୍ରେଲିଆର କିମ୍ବଦନ୍ତୀ କ୍ରିକେଟର ମାଇକେଲ୍ କ୍ଲାର୍କ ଦୁରାରୋଗୀୟ କ୍ୟାନସରରେ ପୀଡିତ ଅଛନ୍ତି । ସେ ଚର୍ମ କର୍କଟର ଶିକାର ହୋଇଥିବା ସୋସିଆଲ୍ ମିଡିଆ ଜରିଆରେ ସାରା ବିଶ୍ୱକୁ ଅବଗତ କରାଇଛନ୍ତି । ନିଜର ସ୍ୱାସ୍ଥ୍ୟ ସମ୍ପର୍କରେ କ୍ଲାର୍କ ଅବଡେଟ୍ ଦେବା ସହ ସମସ୍ତଙ୍କୁ ନିୟମିତ ବ୍ୟବଧାନରେ ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରିବାକୁ ପରାମର୍ଶ ଦେଇଛନ୍ତି । ଇନ୍‌ଷ୍ଟାଗ୍ରାମରେ କ୍ଲାର୍କ କହିଛନ୍ତି ଚର୍ମ କର୍କଟ ରୋଗ ହୋଇଥିବା ସତ । ବିଶେଷ କରି ଅଷ୍ଟ୍ରେଲିଆର । ଆଉ ଏକ ଅଂଶ ମୋ ନାକରୁ ବାହାରିଲା ।ଗୋଟିଏ ବନ୍ଧୁତ୍ୱପୂର୍ଣ୍ଣ ପରାମର୍ଶ ନିଜ ଚର୍ମର ପରୀକ୍ଷା କରି ନିଅନ୍ତୁ । ଶୀଘ୍ର ଜଣାପଡିଥିବାରୁ ଡାକ୍ତରଙ୍କୁ ଧନ୍ୟବାଦ ।

ନିଜର ବ୍ୟାଟିଂ ଓ ଅଧିନାୟିକତ୍ୱ ପାଇଁ ଜଣାଶୁଣା କ୍ଲାର୍କ ଅଷ୍ଟ୍ରେଲିଆ ପାଇଁ ୧୧୫ ଟେଷ୍ଟ, ୨୪୫ ଦିନିକିଆ ଓ ୩୪ ଟି ଟି-୨୦ ମ୍ୟାଚ ଖେଳିଛନ୍ତି । ୨୦୦୪ରୁ ୨୦୧୫ ଯାଏ ସେ ଅଷ୍ଟ୍ରେଲିଆ କ୍ରିକେଟରେ ସକ୍ରିୟ ଥିଲେ । ତାଙ୍କ ନେତୃତ୍ୱରେ ଅଷ୍ଟ୍ରେଲିଆ ଦିନିକିଆ ଓ ଟେଷ୍ଟରେ ଅନେକ ସୁଦ୍ଧାର ଆସିଥିଲା । ସେ ୭୪ ଟି ଟେଷ୍ଟ ଓ ୧୩୯ ଟି ଦିନିକିଆରେ ଅଷ୍ଟ୍ରେଲିଆର ନେତୃତ୍ୱ ନେଇଥିଲେ । ତାଙ୍କ ଅଧିନାୟିକତ୍ୱରେ ଦଳ ୨୦୧୫ ଦିନିକିଆ ବିଶ୍ୱ କପ୍ ଜିତିଥିଲା । ଏହା ପରେ ୨୦୧୩ -୧୪ ଆଶେଷକୁ ମଧ୍ୟ ସେ ୫-୦ରେ ଦଖଲ କରିବାର ଗୌରବ ଅର୍ଜନ କରିଥିଲେ ।

# ଟର୍ଫ ବ୍ୟାଟେଲ୍ସ ପୁସ୍ତକ ଉନ୍ମୋଚିତ

ଭୁବନେଶ୍ୱର, ୨୭।୮ (ସବ୍ୟୁ) : ଏସିଆ କପର ଅଜସ୍ର ସ୍ମୃତିକୁ ନେଇ ବିଶିଷ୍ଟ ହକି ଐତିହାସିକ କେ ଅରୁମୁଗମ୍‌ଙ୍କ ଦ୍ୱାରା ଲିଖିତ ଟର୍ଫ ବ୍ୟାଟେଲ୍ସ ପୁସ୍ତକ ଉନ୍ମୋଚିତ ହୋଇଛି । ହକି ଇଣ୍ଡିଆ ସଭାପତି ତଥା ପଦ୍ମଶ୍ରୀ ଦିଲ୍ଲୀପ ତିର୍କୀଙ୍କ ଉପସ୍ଥିତରେ ବୁଧବାର କଳିଙ୍ଗ ଷ୍ଟାଡିୟମର ହକି କମ୍ପ୍ଲେକ୍ସରେ ଏସିଆ କପ୍ ସ୍ମୃତିକୁ ନେଇ ଟର୍ଫ ବ୍ୟାଟେଲ୍ସର ଲୋକାର୍ପଣ ହୋଇଥିଲା । ଏହି ଅବସରରେ ବିଶିଷ୍ଟ ହକି ଐତିହାସିକ କେ ଅରୁମୁଗମ୍ ୧୯୮୪ ର ଅଦ୍ୟାବଧି ଖେଳାଯାଇଥିବା ୧୦ ଟି ସଂସ୍କରଣ ମଧ୍ୟରୁ ୩ ଥର ଭାରତ ଚାମ୍ପିଅନ ହେବାର ଗୌରବକୁ ମନେ ପକାଇଥିଲେ । ଏ ପୁସ୍ତକରେ ଏସିଆ କପ୍ ହକିରେ ଭାରତର ପ୍ରଦର୍ଶନକୁ ସୁନ୍ଦର ଭାବେ ସେ ବର୍ଣ୍ଣିତ କରିଛନ୍ତି । ଭାରତୀୟ ହକିର କିମ୍ବଦନ୍ତୀ ଭାବେ ଜଣାଶୁଣା ଦିଲ୍ଲୀପ ତିର୍କୀଙ୍କ ପ୍ରଦର୍ଶନକୁ ମଧ୍ୟ ଏହି ପୁସ୍ତକରେ ସ୍ଥାନିତ କରାଯାଇଛି । ଏହି ହକି ଐତିହାସିକ ଅରୁମୁଗମ୍ ଦୀର୍ଘ ସମୟ ଧରି ଭାରତୀୟ ହକି ସହ ଜଡିତ ରହିଥିବା ବେଳେ ଏକାଧିକ ପୁସ୍ତକ ରଚନା କରି ହକିର ଗତ ଗୌରବ ଓ ହୃତଗୌରବକୁ ଜୀବିତ ରଖିଛନ୍ତି । ଏହି ଅବସରରେ ହକି ଇଣ୍ଡିଆ ସଭାପତି ଦିଲ୍ଲୀପ ତିର୍କୀ କହିଛନ୍ତି ଅରୁମୁଗମ୍ ମୋ ଆମ୍ ଜୀବନେ ଅଲିମ୍ପିକ କ୍ୟାପଟେନ୍ ଦିଲ୍ଲୀପ ତିର୍କୀରେ ସମ୍ପୂର୍ଣ୍ଣ ଭାବେ ମୋ କ୍ରୀଡା ଜୀବନକୁ ବର୍ଣ୍ଣିତ କରିଛନ୍ତି । ଦିଲ୍ଲୀପଙ୍କ ଅଧିନାୟିକତ୍ୱରେ ଭାରତ ଆଫ୍ରୋ ଏସିଆନ ଗେମ୍ସରେ ବିଜୟ ଲାଭ କରିଥିଲା । ଗତ ୨୨ ବର୍ଷ ତଳେ ଏହି ପୁସ୍ତକ ଭୁବନେଶ୍ୱରରେ ହିଁ ଉନ୍ମୋଚିତ ହୋଇଥିଲା । ପୁଣି ଥରେ ଅରୁମୁଗମ୍‌ଙ୍କ ଆଉ ଏକ ପୁସ୍ତକ ଭୁବନେଶ୍ୱରରେ ଉନ୍ମୋଚିତ ହୋଇଥିବାରୁ ମୁଁ ଅତ୍ୟନ୍ତ ଖୁସି ବୋଲି ଦିଲ୍ଲୀପ ତିର୍କି କହିଛନ୍ତି । ହକି ଓଡିଶା ଏହି ପୁସ୍ତକ ଉନ୍ମୋଚନ କାର୍ଯ୍ୟକ୍ରମ ସହି ଜଡିତ ଥିବାରୁ ମୁଁ ଖୁସି ।ଟର୍ଫ ବ୍ୟାଟେଲ ହକି ଐତିହାସିକ କେ ଅରୁମୁଗମ୍‌ଙ୍କ ୧୫ ତମ ପୁସ୍ତକ । ଏହା ପୂର୍ବରୁ ମାର୍ଚ୍ଚ ଅଫ୍ ଗ୍ଲୋରି ପୁସ୍ତକ ପ୍ରକାଶ ପାଇଥିଲା । ଏହି ପୁସ୍ତକରେ ୧୯୭୫ ବିଶ୍ୱକପ୍ ବିଜୟର କଥା ଉଲ୍ଲେଖ ରହିଛି । ୫ ମାସ ପୂର୍ବରୁ ନୂଆଦିଲ୍ଲୀରେ ଏହି ପୁସ୍ତକ ଦିଲ୍ଲୀପ ତିର୍କୀଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା । ଟର୍ଫ ବ୍ୟାଟେଲ୍ସରେ ଭାରତୀୟ ଦଳରେ ସ୍ଥାନ ପାଇଥିବା ଆଦିବାସୀ ଖେଳାଳି ଓ ସେମାନଙ୍କ ଦ୍ୱାରା ହୋଇଥିବା ଉଚ୍ଚକୋଟିର ପ୍ରଦର୍ଶନ ଯୋଗୁଁ ଭାରତ କିଭଳି ଏସିଆ କପ୍ ଜିତିପାରିଛି ତାହାର ସୁନ୍ଦର ବର୍ଣ୍ଣନା ହୋଇଛି । ଭାରତର ମାତ୍ର ୬ ଜଣ ଖେଳାଳି ଦୁଇଥର ଲେଖାଏଁ ଏସିଆ କପ୍ ସ୍ୱର୍ଣ୍ଣ ଜିତିବାର ଗୌରବ ଅର୍ଜନ କରିଛନ୍ତି । ଏମାନଙ୍କ ମଧ୍ୟରେ ଆଦିବାସୀ ଅଞ୍ଚଳରୁ ଆସିଥିବା ଦୁଇଜଣ ଦିଲ୍ଲୀକ ତିର୍କୀ ଓ ବିମଲ ଲାକ୍ରା ରହିଛନ୍ତି । ଏତଦ୍ ବ୍ୟତୀତ ଅନ୍ୟ ୩ ଜଣ ଖେଳାଳିଙ୍କ ଦିଲ୍ଲୀପ ତିର୍କୀ ୪ ଥର ଏସିଆ କପ୍‌ରେ ଅଂଶଗ୍ରହଣ କରିବାର ସୁଯୋଗ ପାଇଛନ୍ତି ।




**ସୂଚନା**

ସମୟ
BHIM
BHARAT INTERFACE FOR MONEY
SCAN & PAY
ASHIRBAD PRAKASHAN PVT.LTD.

ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପେଂଠକ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପେଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୭୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୪ରେ ଯୋଗାଯୋଗ କରନ୍ତୁ ।

Printed & Published by Parikhita Dash for Ashirbad Prakashan Pvt. Ltd., Plot. 44 & 54, Sec.-A, Zone-D, M.I.Estate, Bhubaneswar-751010. at Meerabasanta Industries Pvt. Ltd., Plot. 2/253, Birachandrapur, P.S-Rampur, Redhakhol, Dist.-Sambalpur, Odisha, TEL-2585740, 2585602, News-2583867, 2586702, Fax-2586665, 2586702, Advt.-Ph-2585704, Advt.Fax-2587704, Circulation-2586541, Chief Editor: Gurukalyan Mohapatra,ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି